# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ମାର୍ଚ୍ଚ ୨୭/୨୦୧୯ (୧୬ ପୃଷ୍ଠା) | Berhampur, Wednesday, March 27/2019 | ★★★

୧୫ ଶ ଭାଗ ୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାକୁ ସଞ୍ଜୟଙ୍କ ଅସ୍ୱୀକାର


ବଲିଉଡ୍ ଅଭିନେତା ସଞ୍ଜୟ୍ ଦତ୍ତ ୨୦୧୯ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ସ୍ପଷ୍ଟ ସୂଚନା ଦେଇଛନ୍ତି।

୦୨

୧୪

## ବୀରେନ୍ଦ୍ର ମ୍ୟାନ ଅଫ ଦି ମ୍ୟାଚ

ସୁଲତାନ ଆଜଲାନଶାହ କପ୍ ହକିର ମଙ୍ଗଳବାର ମ୍ୟାଚରେ ଭାରତ ୪-୨ ଗୋଲରେ ମାଲେସିଆକୁ ହରାଇଥିବାବେଳେ ବୀରେନ୍ଦ୍ର ଲାକ୍ରା ମ୍ୟାନ ଅଫ ଦି ମ୍ୟାଚ ହୋଇଛନ୍ତି।








# ଘସିପୁରାରେ ପ୍ରାକ୍ ନିର୍ବାଚନୀ ହିଂସା

## ନେତାଙ୍କ ହାତଗୋଡ଼ ହାଣି ହତ୍ୟା

- ୧୫ରୁ ଅଧିକ ଲୋକ ସମ୍ପୃକ୍ତ, ୩ ଅଭିଯୁକ୍ତ ଗିରଫ
- ମନ୍ତ୍ରୀଙ୍କ ପରିବାରର ସମ୍ପୃକ୍ତି ନେଇ ଭାଜପାର ଅଭିଯୋଗ
- ଅଭିଯୋଗ ଅମୂଳକ : ମନ୍ତ୍ରୀ



ରାମଚନ୍ଦ୍ର ବେହେରା

ଆନନ୍ଦପୁର,୨୬।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧକୋଠାରେ ସୋମବାର ରାତିରେ ବୁଲିଛି ଖଣ୍ଡା, ଭୁଜାଲି। ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ୨୦୧୪ରେ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିବା ରାମଚନ୍ଦ୍ର ବେହେରାଙ୍କୁ ସୋମବାର ରାତି ୧୦ଟାବେଳେ ତାଙ୍କ ଘର ଆଗରେ ୧୫ରୁ ଅଧିକ ଲୋକ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଦୁର୍ବୃତ୍ତମାନେ ତାଙ୍କ ଗୋଡ଼ ପିଠିକୁ ହାଣିବା ସହ ତାଙ୍କର ବାମ ହାତକୁ କାଟି ସାଥିରେ ନେଇଯାଇଛନ୍ତି। ଏଭଳି ବର୍ବରୋଚିତ ହତ୍ୟା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ତନାଘନା ଚଳାଇ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟମାନେ ଫେରାର ରହିଛନ୍ତି। ରାଜନୈତିକ ବିବାଦ ହତ୍ୟାର କାରଣ ବୋଲି ଚର୍ଚ୍ଚା ହେଉଥିବାବେଳେ ପୋଲିସ ଏନେଇ କିଛି ସ୍ପଷ୍ଟ କରିନାହିଁ। ହିଂସା ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ଗାଁରେ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଉଚ୍ଚ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ହୋଇ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷେ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରି ସ୍ଥାନୀୟ ଅଞ୍ଚଳବାସୀ ୨୦ ନଂ ଜାତୀୟ ରାଜପଥ ଅବରୋଧ କରି ରଖିଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ରାମଚନ୍ଦ୍ରଙ୍କ ହତ୍ୟାକୁ ନେଇ ଜୋରଦାର ରାଜନୈତିକ ବାଦାନୁବାଦ ଆରମ୍ଭ ହୋଇଯାଇଛି। ତାଙ୍କୁ ହତ୍ୟା କରାଯିବା ଘଟଣାରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପରିବାରର ସମ୍ପୃକ୍ତି ଥିବା ନେଇ ଘସିପୁରା ବିଧାନସଭା ଆସନରେ ଭାଜପା ପକ୍ଷରୁ ଏଥର ପ୍ରାର୍ଥୀ ହୋଇଥିବା ପୃଥ୍ୱୀରାଜ କୁଅଁର ଗଣମାଧ୍ୟମ ଆଗରେ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ନେତା ଆଶିଷ ଚକ୍ରବର୍ତ୍ତୀ ଏବଂ ଜିଲା ସଭାପତି ବିଦ୍ୟାଧର ବିଶ୍ୱାଳ ମଙ୍ଗଳବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଡାକି ଭାଜପାର ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ବୋଲି କହିଛନ୍ତି। ଏସମ୍ପର୍କରେ ଆନନ୍ଦପୁର ଏସଡିପିଓ ବିଦ୍ୟୁତ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି ପ୍ରାଥମିକ ତଦନ୍ତ ପରେ ବ୍ୟକ୍ତିଗତ ଶତ୍ରୁତା କାରଣରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତେବେ ଏଥିରେ କୌଣସି ରାଜନୈତିକ ଦଳର ସମ୍ପୃକ୍ତି ଥିବା ନେଇ କୌଣସି ସୂଚନା ମିଳିନାହିଁ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଜଣାଇ କହିଛନ୍ତି, ରାମଚନ୍ଦ୍ରଙ୍କ ହତ୍ୟା ଘଟଣାରେ ତାଙ୍କ ପରିବାରର ସମ୍ପୃକ୍ତିଥିବା ନେଇ ଘସିପୁରା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ କୁଅଁର କରିଥିବା ଅଭିଯୋଗ ଭିତ୍ତିହୀନ। ଏଭଳି ମିଥ୍ୟା ଆରୋପକୁ ଖଣ୍ଡନ କରୁଛି। ରାମଚନ୍ଦ୍ର ଜଣେ ଟାଣୁଆ ନେତା ଥିଲେ। ତାଙ୍କୁ ହତ୍ୟା କରାଯିବା ଅଞ୍ଚଳ ପାଇଁ ଦୁଃଖଦ ଘଟଣା। ☞ପୃଷ୍ଠା–୧୨


# ମହାପ୍ରଭୁଙ୍କ ବିଗ୍ରହ ଧରି ସମ୍ବିତ୍‌ଙ୍କ ରାଲି

## ସିଂହଦ୍ୱାର ଥାନାରେ ଏତଲା ଦେଲା ପୁରୀ ନଗର ବିଜେଡି



ପୁରୀ ଅଫିସ, ୨୬।୩

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ହାତରେ ଧରି ପୁରୀ ଭାଜପାର ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ସୋମବାର ଖୋଲା ଜିପ୍‌ରେ ଏକ ରାଲିରେ ସାମିଲ ହୋଇଥିଲେ। ଏହାକୁ ବିରୋଧକରି ପୁରୀ ନଗର ବିଜେଡି ପକ୍ଷରୁ ମଙ୍ଗଳବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ସିଂହଦ୍ୱାରଠାରୁ ଶୋଭାଯାତ୍ରାରେ ବାହାରି ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଏତଲା ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଭାଜପା ପ୍ରାର୍ଥୀ ସମ୍ବିତ୍ ଓଡ଼ିଶାର ଆରାଧ୍ୟ ଦେବତାଙ୍କୁ ହାତରେ ଧରି ଦଳୀୟ ରାଜନୀତି ପ୍ରଚାରରେ ବ୍ୟବହାର କରିଛନ୍ତି। ଏହା ଓଡ଼ିଶାର ସମସ୍ତ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ କୁଠାରାଘାତ କରିଛି। ଧର୍ମର ଦ୍ୱାହିଦେଇ ଭୋଟରଙ୍କୁ ରାଜନୈତିକ ଉଦ୍ଦେଶ୍ୟରେ ପ୍ରଭାବିତ କରିବା ଉଦ୍ୟମ ଆଇନ ବିରୁଦ୍ଧ। ☞ପୃଷ୍ଠା–୧୨



### ଆଜିର ସମ୍ପାଦକୀୟ

**ବିଚିତ୍ର ରାଜ୍ୟପାଳ**

### ଆଜିର ମନ୍ତବ୍ୟ

"ଭାରତରେ ସାଧାରଣ ନିର୍ବାଚନ ଶେଷ ହେବା ଯାଏ ପଡ଼ୋଶୀ ଦେଶ ସହ ପାକିସ୍ତାନର ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିପାରେ।

–ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ





NECC NATIONAL EGG CO-ORDINATION COMMITTEE | 26.03.2019 | Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ବିଜେଡି ଫୋକସ୍‌ରେ ତୃତୀୟ ପର୍ଯ୍ୟାୟ

- ୪ ଲୋକ ସଭା, ୧୧ରୁ ୧୩ ବିଧାନସଭା ଆସନରେ ବଦଳିପାରନ୍ତି ପ୍ରାର୍ଥୀ
- ପାଟଣାଣୀଙ୍କ ଟିକେଟ କଟିବା ସମ୍ଭାବନା
- ୨ ସ୍ଥାନରେ ବିଧାୟକଙ୍କ ପୁଅ ହେବେ ପ୍ରାର୍ଥୀ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ରାଜ୍ୟରେ ପ୍ରଥମ ଦୁଇ ପର୍ଯ୍ୟାୟ ପାଇଁ ପ୍ରାର୍ଥୀପତ୍ର ଦାଖଲ ସରିଛି। ଏବେ ବିଜେଡି ସମ୍ପୂର୍ଣ୍ଣ ଭାବେ ତୃତୀୟ ପର୍ଯ୍ୟାୟ ଉପରେ ଫୋକସ୍ କରୁଛି। ପୂର୍ବ ଦୁଇ ପର୍ଯ୍ୟାୟ ଅପେକ୍ଷା ତୃତୀୟ ପର୍ଯ୍ୟାୟ ବିଜେଡି ପାଇଁ ଅଧିକ ଚ୍ୟାଲେଞ୍ଜିଂ ହେବ ବୋଲି କୁହାଯାଉଛି। ଏହି ପର୍ଯ୍ୟାୟରେ ୬ ଲୋକ ସଭା ଏବଂ ୪୨ ବିଧାନସଭା ଆସନରେ ଭୋଟ ଗ୍ରହଣ ହେବ। ସେଥିମଧ୍ୟରୁ ବିଜେଡି ପୂର୍ବ ନିର୍ବାଚନରେ ସମସ୍ତ ଲୋକ ସଭା ଏବଂ ୩୭ ବିଧାନସଭା ଆସନରେ ବିଜୟୀ ହୋଇଥିଲା। ଭାଜପା ୩ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ୨ଟି ଆସନ ଜିତିଥିଲେ। କଂଗ୍ରେସ କୌଣସି ସ୍ଥାନରେ ଖାତା ଖୋଲି ପାରି ନ ଥିଲା। ତେଣୁ ପୂର୍ବ ସଫଳତାକୁ ବଜାୟ ରଖିବା ପାଇଁ ବିଜେଡି ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରି ଦେଇଛି।

ଦଳୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ୪ଟି ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ ବଦଳାଇବାକୁ ଚେଷ୍ଟା କରୁଛି। ଏହି ଆସନଗୁଡିକ ହେଉଛି ସମ୍ବଲପୁର, କେନ୍ଦୁଝର, ଭୁବନେଶ୍ୱର ଏବଂ ଢେଙ୍କାନାଳ। ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ ଚଳିତଥର ନିର୍ବାଚନ ଲଢ଼ିବା ପାଇଁ ମନାକରିଥିବାରୁ ଦଳ ସେଠାରେ ନୂଆ ପ୍ରାର୍ଥୀ ଖୋଜୁଛି। ସେହିପରି ସମ୍ବଲପୁରରେ ନଗେନ୍ଦ୍ର ପ୍ରଧାନଙ୍କୁ ବଦଳାଯାଇ ପୂର୍ବତନ ପୂର୍ତ୍ତ ସଚିବ ନଳିନୀ ପ୍ରଧାନଙ୍କୁ ପ୍ରାର୍ଥୀ କରାଯିବ ବୋଲି ଶୁଣିବାକୁ ମିଳିଛି। ସେହିପରି କେନ୍ଦୁଝରରେ ଶକୁନ୍ତଳା ଲାଗୁରୀଙ୍କ ବଦଳରେ ଅନ୍ୟ ଜଣେ ମହିଳା, ☞ପୃଷ୍ଠା–୧୨

## ନବୀନ ନିବାସ ସମ୍ମୁଖରେ ୨ ବିଜେଡି ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

କଟକ ଜିଲା ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି କର୍ମୀ ମଙ୍ଗଳବାର ନବୀନ ନିବାସରେ ପହଞ୍ଚିଛି। ବର୍ତ୍ତମାନ ବିଧାୟକ ଥିବା ଡା. ପ୍ରମୋଦ ମଲିକ ଏବଂ ଆଶାୟୀ ପ୍ରାର୍ଥୀ ତୃପ୍ତିରଞ୍ଜନ ବେହେରାଙ୍କ ସମର୍ଥକ ପରସ୍ପର ମୁହାଁମୁହିଁ ହୋଇଛନ୍ତି। ଏମିତି କି ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥାଯାଇଛି। ଉଭୟ ପକ୍ଷ ନିଜ ନିଜ ପକ୍ଷରେ ନେତୃତ୍ୱ ନିକଟରେ ଯୁକ୍ତି ବାଢ଼ିଛନ୍ତି। ନିଆଳିର ଯୁବ ବିଜେଡି ନେତା ତୃପ୍ତିରଞ୍ଜନ କହିଛନ୍ତି ଯେ, ବିଧାୟକ ସବୁ ଯୋଜନାରେ ପିସି ନେଉଛନ୍ତି। ତାଙ୍କ ଯୋଗୁ ଦଳର ଭାବମୂର୍ତ୍ତି ନଷ୍ଟ ହୋଇଛି। ତେଣୁ ନିଆଳିରେ ବିଜେଡି ସଭାପତି ପ୍ରାର୍ଥୀ ବଦଳାନ୍ତୁ ବୋଲି ବେହେରା କହିଛନ୍ତି। ସେହିପରି ନିଆଳି ବିଧାୟକ ପ୍ରମୋଦଙ୍କ ସମର୍ଥକ ଜଟାଧାରୀ ସ୍ୱାଇଁ କହିଛନ୍ତି ଯେ, ବିଧାୟକଙ୍କ କାରଣରୁ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। କେତେଜଣ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ମିଶି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ପ୍ରମୋଦଙ୍କୁ ଆଉଥରେ ସୁଯୋଗ ଦିଅନ୍ତୁ। କିଛିଦିନ ପୂର୍ବେ ମଧ୍ୟ ତୃପ୍ତିରଞ୍ଜନଙ୍କ ସମର୍ଥକ ଆସି ପ୍ରମୋଦଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ।

ସେହିପରି ବାଙ୍କୀ ନିର୍ବାଚନମଣ୍ଡଳୀରେ କେତେଜଣ ବିଜେଡି ☞ପୃଷ୍ଠା–୧୨



ଭାଜପାକୁ ପରାଜିତ କରିବା ଲାଗି ପ୍ରାକ୍ ନିର୍ବାଚନୀ ମେଣ୍ଟ ହୋଇପାରି ନାହିଁ ବୋଲି ଦୁଃଖ କରିବାର କିଛି ନାହିଁ। କାରଣ ଲୋକ ସଭା ନିର୍ବାଚନ ପରେ ସରକାର ଗଠନ ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହେବେ।
–ଏମ୍. ବୀରାପ୍ପା ମୋଇଲି, ବରିଷ୍ଠ କଂଗ୍ରେସ ନେତା






## ସଂକ୍ଷେପରେ

### ଜଳିଗଲେ ୨ ଶିଶୁ

ନୂଆଦିଲ୍ଲୀ, ୨୬।୩(ପି.ଟି.): ଦକ୍ଷିଣପୂର୍ବ ଦିଲ୍ଲୀର ଶାହିନ ବାଗ୍‌ସ୍ଥିତ ଅବୁ ଫଜଲ ଏନ୍‌କ୍ଲେଭ୍‌ରେ ଥିବା ଏକ ଫର୍ନିଚର ଦୋକାନରେ ନିଆଁ ଲାଗି ଦୁଇ ଶିଶୁ ଜଳିଯାଇଛନ୍ତି। ସେମାନଙ୍କର ବୟସ ୬ ଓ ୭ ବର୍ଷ ବୋଲି ଜଣାପଡିଛି। ୪ ମହଲା ବିଶିଷ୍ଟ ଉକ୍ତ ବିଲ୍ଡିଂର ତଳ ମହଲାରେ ଉକ୍ତ ପରିବାର ରହୁଥିବାବେଳେ ଏହାର ବେସ୍‌ମେଣ୍ଟରେ ଫର୍ନିଚର ଷ୍ଟୋର ଥିଲା। ଦୁଇ ପିଲାଙ୍କୁ ଗୁରୁତର ଅବସ୍ଥାରେ ହୋଲି ଫାମିଲି ହସ୍ପିଟାଲ ନିଆଯାଇଥିଲେ ହେଁ ସେମାନଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। ୬ଟି ଦମକଳ ଗାଡି ପହଞ୍ଚି ନିଆଁକୁ ଲିଭାଇଥିଲେ। ବେସ୍‌ମେଣ୍ଟରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ପ୍ରାଥମିକ ଅନୁଧାନରୁ ଜଣାପଡିଛି।

### ଅଗୁସ୍ତା ମାମଲା
### ପ୍ରତିରକ୍ଷା ଏଜେଣ୍ଟ ଗିରଫ

ନୂଆଦିଲ୍ଲୀ, ୨୬।୩(ପି.ଟି.): ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀରୁ ଜଣେ ପ୍ରତିରକ୍ଷା ଏଜେଣ୍ଟଙ୍କୁ ଗିରଫ କରିଛି। ମନିଲଣ୍ଡରିଂ ନିରାକରଣ ଆଇନ (ପିଏମ୍‌ଏଲ୍ଏ) ବଳରେ ସୁସେନ୍ ମୋହନ ଗୁପ୍ତା ନାମକ ଏଜେଣ୍ଟଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ପୂର୍ବରୁ ଆଇନଜୀବୀ ଗୌତମ ଖୈତାନ ଏବଂ ଅଭିଯୁକ୍ତ ବ୍ରିଟିଶ୍ ମଧ୍ୟସ୍ଥ ଖ୍ରୀଷ୍ଟିଆନ ମିଚେଲଙ୍କୁ ଗିରଫ କରାଯାଇଥିଲା। ୩୬୦୦ କୋଟି ଟଙ୍କା ହେଲିକପ୍ଟର କିଣା ଚୁକ୍ତିନାମାରେ ଗୁପ୍ତାଙ୍କ ସମ୍ପୃକ୍ତି ଥିବା ରାଜୀବ ସାକ୍ସେନାଙ୍କ ବୟାନରୁ ଜଣାପଡିଥିଲା।

# ମଇଦାନ ବାହାରେ ପୁରୁଖା ନେତା

ନୂଆଦିଲ୍ଲୀ, ୨୬।୩ (ଆଇଏଏନ୍‌ଏସ୍/ପି.ଟି.)

ବର୍ଷୀୟାନ ନେତା ଲାଲ୍‌କୃଷ୍ଣ ଆଡ୍‌ଭାନୀଙ୍କ ପରେ ମୁରଲୀ ମନୋହର ଜୋଷୀଙ୍କ ଟିକେଟ କାଟିଦେଇଛି ଭାଜପା। ଲୋକ ସଭା ନିର୍ବାଚନ ପାଇଁ ଉତ୍ତରପ୍ରଦେଶ ସକାଶେ ଭାଜପା ପକ୍ଷରୁ ମଙ୍ଗଳବାର ୨୯ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଓ ତାଙ୍କ ପୁଅ ବରୁଣ ଗାନ୍ଧୀଙ୍କୁ ପରସ୍ପର ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ସୁଯୋଗ ଦେଇଛି ଦଳ। ଏହା ବ୍ୟତୀତ ପଶ୍ଚିମବଙ୍ଗର ୧୦ ଲୋକ ସଭା ଆସନ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି।

ବିଗତ କିଛି ଦଶନ୍ଧି ଧରି ସେମାନେ ଥିଲେ ଭାଜପାର ପ୍ରମୁଖ ଚେହେରା। ପାର୍ଲାମେଣ୍ଟର ନିମ୍ନ ସଦନରେ ଗୈରିକ ଦଳର ସ୍ୱର ଉଠାଇବାରେ ସେମାନେ ନେଇଥିଲେ ଗୁରୁତ୍ୱପୂର୍ଣ୍ଣ ଭୂମିକା। ହେଲେ ମେ ୨୩ ପରେ ଗଠନ ହେବାକୁ ଥିବା ସପ୍ତଦଶ ଲୋକ ସଭାରେ ସେହି ନେତାମାନଙ୍କ ସ୍ୱର ଆଉ ଶୁଣିବାକୁ ମିଳିବନାହିଁ। ଲାଲକୃଷ୍ଣ ଆଡ୍‌ଭାନୀ, ମୁରଲୀ ମନୋହର ଜୋଷୀ, ରମେଶ ବୈଶ୍, ବି.ସି. ଖଣ୍ଡୁରୀ, ରାଜେନ୍ ଗୋହାଇଁ ଏବଂ ବିଜୟ ଚକ୍ରବର୍ତ୍ତୀ ହେଉଛନ୍ତି ସେହି ବର୍ଷୀୟାନ ନେତା, ଯାହାଙ୍କୁ ଏଥର ଗୁରୁତ୍ୱପୂର୍ଣ୍ଣ ସାଧାରଣ ନିର୍ବାଚନରେ ଭାଜପା ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗରୁ ବଞ୍ଚିତ କରିଛି। ସେହିପରି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ଅଗ୍ନିବର୍ଷୀ ନେତା ଉମା ଭାରତୀ ନିର୍ବାଚନ ନ ଲଢ଼ିବା ପାଇଁ ନିଜେ ନିଷ୍ପତ୍ତି ନେଇଛନ୍ତି। ଭାଜପାର ପ୍ରତିଷ୍ଠାତା ସଦସ୍ୟ ତଥା ୭ ଥର ଏମ୍‌ପି ହୋଇଥିବା ଆଡ୍‌ଭାନୀଙ୍କ ଆସନ ଗାନ୍ଧୀନଗରରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପ୍ରଥମଥର ପାଇଁ ଲୋକ ସଭା ନିର୍ବାଚନ ଲଢୁଛନ୍ତି। ଦଳୀୟ ଟିକେଟ ମିଳି ନ ଥିବାରୁ ଆଡ୍‌ଭାନୀ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି। ସେହିପରି ଦଳର ବରିଷ୍ଠ ନେତା ଶାନ୍ତା କୁମାର (୮୫), କାଲରାଜ ମିଶ୍ର (୭୭), ଭଗତ ସିଂ କୋଶିୟାରି (୭୭) ମଧ୍ୟ ଲୋକ ସଭା ନିର୍ବାଚନ ଲଢୁନାହାନ୍ତି। କାନପୁର ଏମ୍‌ପି ମୁରଲୀ ମନୋହର ଜୋଷୀ(୮୫)ଙ୍କୁ ମଧ୍ୟ ଏଥର ଟିକେଟ ଦିଆଯାଇ ନାହିଁ। ତାଙ୍କ ସ୍ଥାନରେ ସତ୍ୟଦେବ ପଚୌରୀଙ୍କୁ କାନପୁର ଆସନରେ ଲଢ଼ିବା ପାଇଁ ଭାଜପା ଟିକେଟ ଦେଇଛି। ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂ ମଙ୍ଗଳବାର ଦଳର ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନାଙ୍କୁ ଗାଜିପୁର (୨୦୧୪ରେ ଏହି ଆସନରୁ ଜିତିଥିଲେ) ଆସନରୁ ଟିକେଟ ଦିଆଯାଇଥିବାବେଳେ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାରରେ ମନ୍ତ୍ରୀ ଥିବା ରୀତା ବହୁଗୁଣା ଜୋଷୀଙ୍କୁ ଆଲ୍ଲାହାବାଦରୁ ଲଢ଼ିବା ପାଇଁ ସୁଯୋଗ ଦେଇଛି ଦଳ। ଅନ୍ୟପକ୍ଷରେ ଅଭିନେତ୍ରୀରୁ ରାଜନେତା ପାଲଟିଥିବା ଜୟପ୍ରଦା ଭାଜପାରେ ଯୋଗଦେବାର କିଛି ସମୟ ପରେ ତାଙ୍କୁ ରାମପୁର ଆସନରୁ ଟିକେଟ ମିଳିଛି। ରାଜ୍ୟ ଭାଜପା ସଭାପତି ମହେନ୍ଦ୍ରନାଥ ପାଣ୍ଡେଙ୍କୁ ଚନ୍ଦୋଲି ଆସନରୁ ଟିକେଟ ମିଳିଛି। ମାନେକା ଗାନ୍ଧୀ ସୁଲତାନପୁରରୁ ଲଢ଼ିବେ ଏବଂ ବରୁଣ ଗାନ୍ଧୀ ପିଲିଭିତ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରିବେ।


**ପକ୍ଷଚ୍ଛେଦନ କଲା ଭାଜପା**



- ଜୋଷୀଙ୍କ କାନ୍‌ପୁର ଆସନରେ ସତ୍ୟଦେବଙ୍କୁ ଟିକେଟ
- ସୁଲତାନପୁରରୁ ମାନେକା, ପିଲିଭିତ୍‌ରୁ ବରୁଣ

## ଜୋଷୀଙ୍କ ଖୋଲାଚିଠି

କାନପୁରର ପ୍ରିୟ ଭୋଟରମାନେ,
ଭାଜପା ସାଧାରଣ ସମ୍ପାଦକ (ସଙ୍ଗଠନ) ମୋତେ ଜଣାଇଛନ୍ତି ଯେ, ମୁଁ ଏଥର ସାଧାରଣ ନିର୍ବାଚନ କାନପୁର କିମ୍ବା ଅନ୍ୟ କୌଣସି ଲୋକ ସଭା ଆସନରୁ ଲଢ଼ିବା ଉଚିତ ନୁହେଁ।
–ମୁରଲୀ ମନୋହର ଜୋଷୀ


Dear Voters of Kanpur,


Shri Ramlal General Secretary (Org.) Bharatiya Janata Party conveyed to me today that I should not contest the ensuing parliamentary election from Kanpur and elsewhere.

(Murli Manohar Joshi)

> ଭାଜପାର ପୂର୍ବତନ ଅଧ୍ୟକ୍ଷ ଲାଲ୍‌କୃଷ୍ଣ ଆଡ୍‌ଭାନୀ ଓ ମୁରଲୀ ମନୋହର ଜୋଷୀ ଏଥର ଲୋକ ସଭା ନିର୍ବାଚନ ଲଢ଼ିବାକୁ ମନା କରିଦେଇଥିଲେ। ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁ ନ ଥିବା ନେତାଙ୍କୁ ଦଳ କାହିଁକି ଟିକେଟ ଦେବ?
> -କୈଳାସ ବିଜୟବର୍ଗୀୟ, ଭାଜପା ସାଧାରଣ ସମ୍ପାଦକ

### ଅରୁଣାଚଳପ୍ରଦେଶ ଭାରତରେ
# ୩୦ ହଜାର ମାନଚିତ୍ର ନଷ୍ଟକଲା ଚାଇନା

ବେଜିଂ, ୨୬।୩(ପି.ଟି.)




ରପ୍ତାନି ପାଇଁ ଚାଇନାରେ ଛପାଯାଇଥିବା ୩୦ ହଜାର ବିଶ୍ୱ ମାନଚିତ୍ରରେ ଅରୁଣାଚଳପ୍ରଦେଶ ଭାରତର ଅଂଶବିଶେଷ ଦର୍ଶାଯାଇଥିବାରୁ ସେଗୁଡ଼ିକୁ ବେଜିଂ କର୍ତ୍ତୃପକ୍ଷ ନଷ୍ଟ କରିଦେଇଛନ୍ତି। ଭାରତର ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳପ୍ରଦେଶକୁ ଦକ୍ଷିଣ ତିବ୍ବତ ବୋଲି ଚାଇନା ଦାବି କରିଆସୁଛି। ଉକ୍ତ ଅଞ୍ଚଳକୁ ଭାରତୀୟ ନେତାଙ୍କ ଗସ୍ତକୁ ମଧ୍ୟ ବେଜିଂ କର୍ତ୍ତୃପକ୍ଷ କ୍ରମାଗତ ଭାବେ ବିରୋଧ କରୁଛନ୍ତି। ତେବେ ଅରୁଣାଚଳପ୍ରଦେଶ ଭାରତର ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଭାରତ କହିବା ସହିତ ଏହାର ନେତାମାନେ ଦେଶର ଅନ୍ୟ ଭାଗ ଭଳି ଉକ୍ତ ରାଜ୍ୟକୁ ମଧ୍ୟ ଗସ୍ତ କରୁଛନ୍ତି।

ଭାରତ ଓ ଚାଇନା ମଧ୍ୟରେ ରହିଥିବା ୩୪୮୮ କିଲୋମିଟର ବ୍ୟାପୀ ପ୍ରକୃତ ନିୟନ୍ତ୍ରଣ ରେଖାକୁ ନେଇ ବିବାଦ ଲାଗି ରହିଛି। ଏହି ସୀମା ବିବାଦର ସମାଧାନ ଲାଗି ଦୁଇଦେଶ ମଧ୍ୟରେ ୨୧ ଥର ଆଲୋଚନା ହେଲାଣି। କେବଳ ଅରୁଣାଚଳପ୍ରଦେଶ ନୁହେଁ, ତାଇୱାନକୁ ମଧ୍ୟ ଚାଇନା ନିଜ ଅଞ୍ଚଳ ବୋଲି ଦାବି କରିଆସୁଛି। ଏପରିକି ବଳପ୍ରୟୋଗ କରି ଏହାକୁ ମୂଳ ଭୂଖଣ୍ଡ ସହ ମିଶାଇ ଦେବାକୁ ବେଜିଂ କହୁଛି। ଛପାଯାଇଥିବା ପାଖାପାଖି ୩୦ ହଜାର ମାନଚିତ୍ରରେ ଅରୁଣାଚଳପ୍ରଦେଶ ଏବଂ ତାଇୱାନ ଚାଇନାର ଅଂଶବିଶେଷ ଦର୍ଶାଯାଇ ନ ଥିଲା। ତାଇୱାନକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଦର୍ଶାଯାଇଥିବାବେଳେ ଅରୁଣାଚଳ ପ୍ରଦେଶକୁ ଭାରତୀୟ ରାଜ୍ୟ ଭାବେ ଉଲ୍ଲେଖ କରାଯାଇଥିଲା। ସେଗୁଡ଼ିକୁ ଭୁଲ୍ ଦର୍ଶାଇ କିଙ୍ଗଦାଓସ୍ଥିତ ସୀମାଶୁଳ୍କ ବିଭାଗ ନଷ୍ଟ କରିଦେଇଛନ୍ତି।


### ଅଯୋଧ୍ୟା ମଧ୍ୟସ୍ଥତା ରାୟ
# ସୁପ୍ରିମକୋର୍ଟ ଗଲା ନିର୍ମୋହୀ ଆଖଡ଼ା

ନୂଆଦିଲ୍ଲୀ, ୨୬।୩(ପି.ଟି.)

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ମାମଲାର ଅନ୍ୟତମ ପକ୍ଷ ନିର୍ମୋହୀ ଆଖଡ଼ା ସୁପ୍ରିମକୋର୍ଟରେ ମଧ୍ୟସ୍ଥତା ରାୟରେ ପରିବର୍ତ୍ତନ ଲାଗି ଆବେଦନ କରିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ତିନି ଜଣିଆ ମଧ୍ୟସ୍ଥ କମିଟି ୨୫ରୁ ଊର୍ଦ୍ଧ୍ୱ ପକ୍ଷଙ୍କୁ ଡାକି ଆଲୋଚନା କରିବା ଘଟଣା ଉପରେ ନିର୍ମୋହୀ ଆଖଡା ପ୍ରତିବାଦ ଜଣାଇଛି। ବିବାଦୀୟ ଜମିର ଦାବିଦାର ସୁନ୍ନି ୱାକଫ୍ ବୋର୍ଡ ଏବଂ ନିର୍ମୋହୀ ଆଖଡ଼ାଙ୍କୁ ମଧ୍ୟସ୍ଥତା ପ୍ରକ୍ରିୟାରେ ସାମିଲ କରିବା ପାଇଁ ଉକ୍ତ ସଂଗଠନ ଅନୁରୋଧ କରିଛି। ସୂଚନାଯୋଗ୍ୟ ମଧ୍ୟସ୍ଥତାରେ ସେମାନଙ୍କର କୌଣସି ଆପତ୍ତି ନ ଥିବା ୱାକଫ୍ ବୋର୍ଡ ଏବଂ ଅଖଡା ପୂର୍ବରୁ ଜଣାଇଥିଲେ। ଫୈଜାବାଦରେ ମାମଲାର ମଧ୍ୟସ୍ଥତା ଚାଲିଥିବାବେଳେ ସ୍ଥାନ ପରିବର୍ତ୍ତନ ଲାଗି ମଧ୍ୟ ଆଖଡ଼ା ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ନିବେଦନ କରାଯାଇଛି।

### ଅଭିଯୋଗ ଆଣିଲେ ସୁଶୀଲ ସିନ୍ଦେ
# ‘ଲାଞ୍ଚ ଯାଚୁଥିଲା ଭାଜପା’

ମୁମ୍ବାଇ, ୨୬।୩(ଆଇଏଏନ୍‌ଏସ୍)




ବରିଷ୍ଠ କଂଗ୍ରେସ ନେତା ସୁଶୀଲ ସିନ୍ଦେ ମଙ୍ଗଳବାର ଭାଜପା ବିରୋଧରେ ଚାଞ୍ଚଲ୍ୟକର ଅଭିଯୋଗ ଆଣିଛନ୍ତି। ଭାଜପା ପକ୍ଷରୁ ପ୍ରଥମେ ତାଙ୍କ ଝିଅ ତଥା ମହାରାଷ୍ଟ୍ରର ବିଧାୟିକା ପ୍ରଣିତି ସିନ୍ଦେଙ୍କୁ ଯୋଗାଯୋଗ କରାଯାଇଥିଲା। ପରେ ତାଙ୍କୁ ମଧ୍ୟ ଲାଞ୍ଚ ଯଚାଯାଇଥିଲା ବୋଲି ସୁଶୀଲ ସିନ୍ଦେ କହିଛନ୍ତି।

ପୂର୍ବରୁ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ପଦ ଅଳଙ୍କୃତ କରିଥିବା ୭୭ ବର୍ଷୀୟ ସିନ୍ଦେ କହିଛନ୍ତି, ତାଙ୍କୁ ଭାଜପାରେ ଥିବା ତାଙ୍କ ଭଳି ଜଣେ ନେତା ପ୍ରଲୋଭନ ଦେଖାଇଥିଲେ। ତେବେ ଭାଜପାର ପ୍ରଲୋଭନରେ ପଡ଼ି ସେ କିମ୍ବା ତାଙ୍କ ଝିଅ କଂଗ୍ରେସ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ। ଉଭୟେ କଂଗ୍ରେସ କର୍ମୀଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧ ଏବଂ ବଞ୍ଚିଥିବା ଯାଏ ଦଳରେ ରହିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ସିନ୍ଦେ ସୋଲାପୁର ଲୋକ ସଭା ଆସନରୁ କଂଗ୍ରେସ ଟିକେଟରେ ନାମାଙ୍କନପତ୍ର ଦାଖଲ କରିବାର ଦିନକ ପରେ ସେ ଏହି ପ୍ରଘଟ କରିଛନ୍ତି। ଏହାକୁ ନେଇ ମହାରାଷ୍ଟ୍ର ଓ ଜାତୀୟ ରାଜନୀତି ସରଗରମ ହୋଇଛି।

# ପଦ୍ମ ଧରିଲେ ଜୟପ୍ରଦା

ନୂଆଦିଲ୍ଲୀ, ୨୬।୩(ପି.ଟି.)

**ରାମପୁରରେ ଆଜମ୍ ଖାନ୍‌ଙ୍କ ସହ ହେବ ଲଢ଼େଇ**



ଭାଜପା ସାଧାରଣ ସମ୍ପାଦକ ଭୂପେନ୍ଦ୍ର ଯାଦବଙ୍କ ସହ ଜୟପ୍ରଦା।

ଅଭିନେତ୍ରୀରୁ ରାଜନେତା ପାଲଟିଥିବା ତଥା ସମାଜବାଦୀ ପାର୍ଟି (ଏସ୍‌ପି)ର ପୂର୍ବତନ ଏମ୍‌ପି ଜୟପ୍ରଦା ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ଭାଜପା ସାଧାରଣ ସମ୍ପାଦକ ଭୂପେନ୍ଦ୍ର ଯାଦବ ଓ ରାଜ୍ୟ ସଭା ସଦସ୍ୟ ଅନିଲ ବାଲୁନିଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହେବାର କିଛି ସମୟ ପରେ ତାଙ୍କୁ ଉତ୍ତରପ୍ରଦେଶର ରାମପୁର ଆସନରୁ ଭାଜପା ଟିକେଟ ଦେଇଛି। ଜୟପ୍ରଦା ୧୯୯୪ରେ ରାଜନୀତିରେ ପ୍ରବେଶ କରି ଟିଡିପିରେ ଯୋଗଦେଇଥିଲେ। ପରେ ସେ ଏସ୍‌ପିରେ ମିଶିଥିଲେ। ୨୦୧୦ରେ ଦଳବିରୋଧୀ କାର୍ଯ୍ୟ ଯୋଗୁ ଏସ୍‌ପିରୁ ତାଙ୍କୁ ବହିଷ୍କାର କରାଯାଇଥିଲା। ଜୟପ୍ରଦାଙ୍କୁ ଭାଜପା ରାମପୁର ଆସନରେ ପ୍ରାର୍ଥୀ କରିବା ପରେ ଏଠାରେ ଲଢ଼େଇ ରୋଚକ ମୋଡ଼ରେ ପହଞ୍ଚିଛି। କାରଣ ଏହି ଆସନରୁ ଏସ୍‌ପି ହେଭିୱେଟ୍ ଆଜମ୍ ଖାନ୍ ଦଳୀୟ ଟିକେଟରେ ଛିଡ଼ା ହୋଇଛନ୍ତି। ମୁସଲମାନ ବହୁଳ ରାମପୁର ଆସନ ଦଖଲ ପାଇଁ ଭାଜପା ଏକାଧିକ ଷ୍ଟାର୍ କ୍ୟାମ୍ପେନରଙ୍କୁ ନିୟୋଜିତ କରିବ ବୋଲି ଜଣାପଡ଼ିଛି।

# ୨ ଅପହୃତ ହିନ୍ଦୁ ନାବାଳିକାଙ୍କୁ ସୁରକ୍ଷା ଦେଲା ପାକିସ୍ତାନ

ଇସ୍‌ଲାମାବାଦ, ୨୬।୩(ପି.ଟି.)

ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ଅପହୃତ ୨ ହିନ୍ଦୁ ନାବାଳିକାଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ଇସ୍‌ଲାମାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ଭଉଣୀ ରବିନା(୧୩) ଓ ରୀନା (୧୫)ଙ୍କୁ ଜୋର ଜବରଦସ୍ତ ଧର୍ମାନ୍ତରୀକରଣ କରି ବିବାହ କରାଯାଇଥିଲା କି ନାହିଁ ତାହାର ତଦନ୍ତ ଚାଲିଛି। ଦୁଇଭଉଣୀଙ୍କୁ ଜଣେ ମୌଲବୀ ବିବାହ କରାଉଥିବାରୁ ଭିଡିଓ ଭାଇରାଲ ହୋଇଥିଲା। ଜଣେ ମହିଳା ଏସ୍‌ପିଙ୍କୁ ସେମାନଙ୍କ ସୁରକ୍ଷା ଦାୟିତ୍ୱରେ ରଖିବା ଲାଗି କୋର୍ଟ କହିବା ସହ ଏପ୍ରିଲ ୨ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## [ଇତିହାସର ଆଇନାରେ]

### ମାର୍ଚ୍ଚ ୨୭ର ପ୍ରମୁଖ ଘଟଣା

୨୦୦୯ ମାର୍ଚ୍ଚ ୨୭ରେ ଇଣ୍ଡୋନେସିଆରେ ଏକ କୃତ୍ରିମ ହ୍ରଦ ତିଆରି ପାଇଁ କଂକ୍ରିଟ୍ ବନ୍ଧ ନିର୍ମାଣ ବେଳେ ଏହା ଭାଙ୍ଗିଯାଇଥିଲା ଏବଂ ଏଥିଯୋଗୁ ୯୯ଲୋକଙ୍କ ମୃତ୍ୟୁ ଘଟିଥିଲା। ୧୯୩୩ରେ ଡଚ୍ ଔପନିବେଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏଠାରେ ମାଟିବନ୍ଧ ନିର୍ମାଣ କରାଯାଇଥିଲା ଏବଂ ଏହାର ଉଚ୍ଚତା ଥିଲା ୧୬ମିଟର।

୨୦୧୫ ମାର୍ଚ୍ଚ ୨୭ରେ ଅଲ୍-ଶବାବ୍ ଆତଙ୍କବାଦୀ ଗୋଷ୍ଠୀ ସୋମାଲିଆର ମୋଗାଡିଶୁ ହୋଟେଲରେ ଆକ୍ରମଣ କରିବା ଫଳରେ ଅନ୍ୟୂନ ୨୦ଜଣଙ୍କ ମୃତ୍ୟୁ ଘଟିଥିଲା। ଇସ୍‌ଲାମିକ୍ କୋର୍ଟସ ୟୁନିୟନ୍(ଆଇସିୟୁ) ବିଭିନ୍ନ ଛୋଟ ଛୋଟ ଗୋଷ୍ଠୀରେ ବିଭକ୍ତ ହେବାପରେ ଅଲ୍-ଶବାବ୍ ଏହାର ସଶସ୍ତ୍ର ୱିଙ୍ଗ୍ ଭାବରେ କାର୍ଯ୍ୟ କରିଥିଲା।

# ରବିଶଙ୍କରଙ୍କୁ କଳାପତାକା

ପାଟନା, ୨୬।୩(ପି.ଟି.)

କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ପାଟନା ସାହିବ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହେବା ପରେ ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଦଳୀୟ ପ୍ରାର୍ଥୀ ହେବା ପରେ ସେ ମଙ୍ଗଳବାର ପ୍ରଥମଥର ପାଇଁ ପାଟନା ଆସିଥିଲେ। ବିମାନବନ୍ଦର ବାହାରେ ତାଙ୍କୁ ରାଜ୍ୟ ସଭା ସଦସ୍ୟ ଆର୍.କେ. ସିହ୍ନାଙ୍କ ସମର୍ଥକମାନେ କଳାପତାକା ଦେଖାଇଥିଲେ। ରବିଶଙ୍କର ଦିଲ୍ଲୀରୁ ପାଟନା ଆସିବା ପରେ ତାଙ୍କୁ କେତେଜଣ ସମର୍ଥକ ସ୍ୱାଗତ କରିବା ପାଇଁ ବିମାନବନ୍ଦରକୁ ଯାଇଥିଲେ। କଳାପତାକା ଦେଖାଇ ଓ ସ୍ଲୋଗାନ ଦେଇ ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଥିବା କର୍ମୀ ଓ ରବିଶଙ୍କରଙ୍କ ସମର୍ଥକଙ୍କ ମଧ୍ୟରେ ହାତାହାତି ହୋଇଥିଲା। ସେମାନଙ୍କୁ ଘଉଡ଼ିବା ପାଇଁ ପୋଲିସ ଏବଂ ସିଆଇଏସ୍ଏଫ୍‌କୁ ବଳପ୍ରୟୋଗ କରିବାକୁ ପଡ଼ିଥିଲା। ପ୍ରକାଶ ଯେ, ପାଟନା ସାହିବ ଏମ୍‌ପି ଶତ୍ରୁଘ୍ନ ସିହ୍ନାଙ୍କୁ ଏଥର ଟିକେଟ ଦିଆଯାଇନାହିଁ।



### ନିର୍ବାଚନ ଶେଷ ପର୍ଯ୍ୟନ୍ତ ଭାରତ-ପାକ୍ ଉତ୍ତେଜନା ଜାରି ରହିବ: ଇମ୍ରାନ୍

ଇସ୍‌ଲାମାବାଦ, ୨୬।୩(ପି.ଟି.)

ଭାରତରେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଜାରି ରହିବ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କହିଛନ୍ତି। ଫେବୃୟାରୀ ୧୪ରେ ପାକିସ୍ତାନର ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ପୁଲ୍‌ୱାମାରେ ଆକ୍ରମଣ କରିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ୨୬ରେ ଭାରତୀୟ ବାୟୁସେନା ବାଲାକୋଟରେ ପ୍ରବେଶ କରି ଜେଇଏମ୍ ତାଲିମ ଶିବିର ଉପରେ ଆକ୍ରମଣ କରିଥିଲା। ମୋଦି ସରକାର ଆଉ ଏକ ଭୁଲ୍ ଅଭିଯାନ କରିପାରନ୍ତି ବୋଲି ଇମ୍ରାନ ଆଶଙ୍କା ବ୍ୟକ୍ତ କରିଛନ୍ତି।

# ନିର୍ବାଚନ ଲଢ଼ିବେନି ସଞ୍ଜୟ



**ମୁମ୍ବାଇ:** ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ ୨୦୧୯ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ଏ ସମ୍ପର୍କିତ ଗୁଜବକୁ ସେ ଅସ୍ୱୀକାର କରିବା ସହିତ ଟୁଇଟର ମାଧ୍ୟମରେ ସ୍ପଷ୍ଟୀକରଣ ଦେଇଛନ୍ତି। ସଞ୍ଜୟ ତାଙ୍କ ପିତା ସ୍ୱର୍ଗତ ସୁନୀଲ ଦତ୍ତଙ୍କ ପଦାଙ୍କ ଅନୁସରଣ କରିବା ସହିତ ଗାଜିଆବାଦ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଚର୍ଚ୍ଚା ହେଉଥିଲାବେଳେ ସଞ୍ଜୟ ଉକ୍ତ ବିଷୟକୁ ଖଣ୍ଡନ କରିଛନ୍ତି। ଅଭିନେତାରୁ ରାଜନେତା ପାଲଟିଥିବା ସୁନୀଲ ଦତ୍ତ କଂଗ୍ରେସ ସାଂସଦ ଥିଲେ। ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ରିପୋର୍ଟ ସତ୍ୟ ନୁହେଁ ବୋଲି ସଞ୍ଜୟ ଟୁଇଟ୍ କରିଛନ୍ତି। ବରଂ ସେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭଉଣୀ ତଥା କଂଗ୍ରେସ ସାଂସଦ ପ୍ରିୟା ଦତ୍ତଙ୍କୁ ସମର୍ଥନର ହାତ ବଢ଼ାଇବେ ବୋଲି ପ୍ରକାଶ କରିଛନ୍ତି। ଏଥିସହିତ ଦେଶର ସ୍ୱାର୍ଥ ପାଇଁ ପ୍ରତ୍ୟେକ ବ୍ୟକ୍ତି ଭୋଟଦାନ କରିବାକୁ ସେ ଟୁଇଟ୍ କରି ଜନସାଧାରଣଙ୍କୁ ନିବେଦନ କରିଛନ୍ତି।


MARUTI SUZUKI ARENA
Magical March offers
AMAZING DRIVE WITH EXCITING BENEFITS.
Enjoy the month of March with exciting offers from Maruti Suzuki.
Hurry!!! Last 5 days
Scratch & win Contest
Win upto 5gm* Gold Coin
Win upto 100gm* Silver Coin
ALTO 800 ₹60,000*
ALTO K10 ₹50,000*
CELERIO ₹55,000*
ALTO 800 ALTO K10 CELERIO
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in
LEGEND CARS
• JEYPORE: 7894442915
• BHAWANIPATNA: 7894442907
SKY AUTOMOBILES
• BERHAMPUR: 7381261000
ODYSSEY MOTORS
• SAMBALPUR: 9439018805 • BOLANGIR: 9438068327
• BARGARH: 8895094616 • NUAPADA: 8895094633
• SONEPUR: 9437421356 • JHARSUGUDA: 9439892153 • BOUDH: 8594908009
ORBIT MOTORS
• ROURKELA: 9040404444, 9040404333
• SUNDARGARH: 9437049161
• DEOGARH: 9437492369

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


କୌଶିକ
ପରିବାରବର୍ଗ


ନିମନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Karan boy 1987, 5'6", B.Tech serving Engineer Pune "Sunasansar". 9937512659. D-11780

Suitable alliance invited for a Brahmin boy, 1988, 6', B.Tech, Sr. Cyber Security Consultant, E&Y, Bengaluru. Contact: 9437272735, 6371404833. D-66206

Wanted a beautiful homely bride for a handsome M.Tech (32 years) of Madhu Vaisya caste, only son of a Chief Engineer, settled in Bhubaneswar. Mob: 9437115731. D-11825

ଜ୍ୟୋତିଷ ଜାତିର ୩୯ବର୍ଷ, ବାଙ୍ଗାଲୋରରେ କାର୍ଯ୍ୟରତ ପୁଅ ପାଇଁ ୩୦ ବା ତଦୂର୍ଦ୍ଧ୍ୱ ବୟସ୍କା କନ୍ୟା ପାତ୍ରୀ ତୁରନ୍ତ ଆବଶ୍ୟକ: 8598960617 (କଟକ). ଧ-୬୬୪୧୬

### GROOM WANTED

୪୦ବର୍ଷୀୟା କାମାକ୍ଷା ନଗରସ୍ଥିତ ଛାଡପତ୍ର ପ୍ରାପ୍ତ ସୁନ୍ଦର ଝିଅଙ୍କ ପାଇଁ ବିବାହିତ/ ଅବିବାହିତ ପୁଅ ଦରକାର: 7381460017.D-60827

Extremely (most) beautiful Brahmin girl 1991/5'4" MBA. Require service/ business preferable Bhubaneswar based. Karan/ Khandayat no bar. Barsha. 9338229705, 7749883585. D-66114

ଭୁବନେଶ୍ୱର ନିବାସୀ ଶିକ୍ଷିତ ବିଶ୍ୱକର୍ମା ପରିବାରର ସ୍ୱାସ୍ଥ୍ୟବତୀ ନିରାମିଷାଶୀ 5'3"/ 31/ BA/ PGDCA ଶିକ୍ଷୟିତ୍ରୀ କନ୍ୟା ନିମନ୍ତେ ଉପଯୁକ୍ତ ବରପାତ୍ର ଆବଶ୍ୟକ: 9237023852. D-65625

Divorcee bride Bank Manager 42, Railway 38, Business 43 (caste-no-bar)-7873374269. D-66415

Hindu, Gudia, 28/5'2", (Ph.D) serving as a Research Officer, fair beautiful girl searching for a suitable groom preferably OAS, Doctor, Lecturer, SBI PO/ similar type from same caste. Phone No.: 7749895427. D-65867

Now Matrimonial ads. only on Wednesday & Sunday Book 1 Get 1 FREE




Open space available at Pahal near Utkal Signature (Audi Showroom) 15000 sqft. and 25000 sqft. Contact: 9338401309, 9853916309. D-62171

2BHK at Aerodrome area Pallaspally, Bhubaneswar for residence. 9437082192, 9437119146. D-65626

### LOST

By virtue of an affidavit sworn before Notary, Bhubaneswar I, Pramod Kumar Pattnaik, Plot No.-4711, Sahid Nagar, BBSR declare that my original deed- 5747 and ROR- 66 of my Cuttack house has been lost. D-66417

### Birthday Wish


(Putra)
**Avneesh**
Kaling Nagar, Ghatikia, Bhubaneswar
ଆଜି ତୋର ତୃତୀୟ ଜନ୍ମବାର୍ଷିକ ଶୁଭ ଅବସରରେ ସକଳ ସୁଖ, ସମୃଦ୍ଧି, ମଙ୍ଗଳ ଓ ଯଶସ୍ୱୀ ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ବାପା, ମା, ପାପା, ମାମା, ଅଜା, ଆଈ, ମାମୁ, ମାଇଁ, ପିଉସୀ ମା, କାହ୍ନା ଭାଇ, କ୍ରିଶା ଭାଇ। ଧ-୧୧୮୪୧


### କିଛି ତଥ୍ୟ

ଡିସେମ୍ବରରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୧.୪% ହ୍ରାସ ଘଟି ୮.୯୪ ନିୟୁତ ଟନ୍ ରହିଛି।

– ଇସ୍ପାତ ମନ୍ତ୍ରଣାଳୟ

## ଗୁଳି ବିନିମୟ: ୪ ମାଓବାଦୀ ନିହତ

ମାଲକାନଗିରି,୨୬।୩(ସ୍ୱ.ପ୍ର.)

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ଛତିଶଗଡ ସୁକୁମା ଜିଲା ଚିନ୍ତଲନାଭ ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ ହୋଇ ୪ଜଣ ମାଓବାଦୀ ନିହତ ହୋଇଛନ୍ତି। କୋବ୍ରା ବାଟାଲିୟନ ଓ ଛତିଶଗଡ ପୋଲିସ ପକ୍ଷରୁ ମଙ୍ଗଳବାର ଭୋର ସମୟରେ ମିଳିତ କୋମ୍ବିଂ ଚାଲିଥିବା ସମୟରେ ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ଜାଣିବାକୁ ପାଇଥିଲେ। ଶିବିର ନିକଟରେ ପୋଲିସ ପହଞ୍ଚିବା ଜାଣିବା ପରେ ଉଭୟପଟୁ ଗୁଳିଚାଳନା କରାଯାଇଥିଲା। ଘଟଣାସ୍ଥଳରୁ ରାଇଫଲ, ୩୦୩ ରାଇଫଲ ସହ ବହୁ ବିସ୍ଫୋରକ ସାମଗ୍ରୀ ସହ ଜବତ ହୋଇଛି।

### ଭାଜପାର ବିଜୟ ସଂକଳ୍ପ ସଭା

## ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଦେବାରେ ନବୀନ ନମ୍ବର ୱାନ: ଶିବରାଜ




ବଳଙ୍ଗା,୨୬।୩(ଡି.ଏନ୍.ଏ.)– ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗାରେ ମଙ୍ଗଳବାର ଭାଜପାର ବିରାଟ ପଦୁଆରରେ ବିଜୟ ସଂକଳ୍ପ ସଭା ଆୟୋଜିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟଅତିଥି ଭାବେ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଯୋଗଦେଇ ପୁଲଓ୍ୱାମା ଆକ୍ରମଣରେ ଶହୀଦ୍ ଯବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ସଭା ଆରମ୍ଭ କରିଥିଲେ। ଆଗାମୀ ନିର୍ବାଚନରେ ଓଡ଼ିଶାରେ ଭାଜପା ବାଜିମାତ କରିବ ଏବଂ ନବୀନ ସରକାରଙ୍କୁ ହଟାଇବା ପାଇଁ ମନ୍ତ୍ରୀ ଆହ୍ୱାନ ଦେବାସହ ମୋଦି ସରକାରଙ୍କର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏହାସହ ଓଡ଼ିଶାର ବିଭିନ୍ନ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ବର୍ଷିଛନ୍ତି। ବିଜେଡି ନେତା ଦେବାଶିଷ ସାମନ୍ତରାୟଙ୍କ ଆଚରଣକୁ ନେଇ ମଧ୍ୟ ସେ ସମାଲୋଚନା କରିଛନ୍ତି। ଶହୀଦ ପରିବାରର ଦାଦାଙ୍କୁ ଚଟକଣା ମାରିଥିବା ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଦେଶ ପାଇଁ ବଳୀଦାନ ଦେଇଥିବା ଶହୀଦ ମନୋଜ ବେହେରାଙ୍କ ପରିବାର ପ୍ରତି ବିଜେଡି ନେତା ସାମନ୍ତରାୟ ଅସମ୍ମାନ ପ୍ରଦର୍ଶନ କରିଛନ୍ତି। ଏଭଳି ନେତାଙ୍କୁ ନବୀନ ଦଳରୁ ଚଟକଣା ମାରି ବିଦା କରିବା ଦରକାର। ଏଥିସହ ଓଡ଼ିଶାରେ ନାରୀ ଭ୍ରଷ୍ଟାଚାର, ନାରୀ ହିଂସା ବଢି ଚାଲିଛି। ତେଣୁ କୁନ୍ଦୁଲୀ ପୀଡ଼ିତାଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ନ୍ୟାୟ ମିଳି ପାରି ନାହିଁ। ତେଣୁ ବାଧ ହୋଇ ସେ ଆତ୍ମହତ୍ୟା କରିଥିଲା। ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଦେବାରେ ନବୀନ ନମ୍ବର ୱାନ ଅଛନ୍ତି। ଏହାପରେ କଂଗ୍ରେସର କେତେକ କଥାକୁ ନେଇ ମଧ୍ୟ ଶିବରାଜ ସିଂ ଚୌହ୍ୱାନ ଟାର୍ଗେଟ କରିଛନ୍ତି। ନିମାପଡା ନିର୍ବାଚନମଣ୍ଡଳୀ ଭାଜପା ବିଧାୟିକା ପ୍ରାର୍ଥିନୀ ପ୍ରଭାତୀ ପରିଡା ଯୋଗଦେଇ, ଭାଜପା ସରକାରଙ୍କୁ ଆସିଲେ ନିମାପଡ଼ାକୁ ସବଡିଭିଜନ ଘୋଷଣା କରାଯିବ ଏବଂ ବଳଙ୍ଗାକୁ ବ୍ଲକର ମାନ୍ୟତା ମିଳିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୁରୀ ଜିଲା ସଭାପତି ପ୍ରଭନ ମହାପାତ୍ର ଯୋଗ ଦେଇଥିଲେ।


# classified




### SALE

Fully developed ready for construction gated community gharabari boundary wall plot sale in Uttara close to blacktop road. 9238902929, 7992736330. D-66312

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/-. 8658962508, 8480864171. D-66302

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-66307

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଝାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66056

1200 sqft. yellow zone gharabari plot near Royal Lagoon, Raghunathpur 30' wide black top road. Cost- 3000/- sqft. 7008371750. D-11818

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

Booking 2BHK simplex Tankapani road Sai Temple 20,50,000/- gharabari plots Jharapada, Badagada, Canal road: 7735738102. D-11820

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

**ପିତାପଲ୍ଲିଛକ NH-5ରୁ 100ft. ଦୁରତାରେ 30' roadକୁ ଲାଗି BDA commercial plot ବିକ୍ରିହେବ। 8917543041.** D-66309

Centering sale. Contact: 9937853999. D-64953

Plot for sale at Puri, near Lokanath Mandir back side, Mouza, Sankarpur, sthitiban, pata plot, 30' wide revenue road, 20' branch road, 1.5 km. from Jagannath Temple, 1 km. from Sea Beach, 1km. from N.H. Contact Pradeep: 9438422888. D-66055

Land available for farm house near Mancheswar Rajadhani Engineering College, just 3.5 km. from Hi-Tech Chhak, Bhubaneswar. 9040686695. D-62172

36000 sqft. IDCO plot for sale near KIIT College, Patia suitable for school, college, medical, guest house, wire house etc. Cost- 1500/- sqft. negotiable. 7008371750. D-11819

### GENERAL

### SALE

German Shepherd Pups for sale. Contact: 9096245306. D-66311

### 4th Birthday Wish


(Kirsha)
**Kaushik Rout**
Laxmisagar, BBSR
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ। ଜେଜେବାପା, ଜେଜେମା, ବାପା, ମାମା ଏବଂ ପରିବାରବର୍ଗ। ଧ-୨୭୬୧୯


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**


**Late Bhaskar Chandra Seet**
(Ex- B.D.O, D.P.O & V.F.I. National Referee)
Dhansimulia, Balasore
ଆବିର୍ଭାବ: ୧୧।୦୬।୧୯୪୮
ତିରୋଧାନ: ୧୪।୦୩।୨୦୧୨
ସ୍ୱର୍ଗଦ୍ୱାରରେ ଆପଣଙ୍କ ଶରୀର ପଞ୍ଚଭୂତରେ ବିଲୀନ ହୋଇଯିବା ଛଅବର୍ଷ ହୋଇଗଲା। ଆପଣଙ୍କ ଅବର୍ତ୍ତମାନରେ ଆପଣଙ୍କର ସାଧୁତା, ତ୍ୟାଗ, ନିଷ୍ଠା, ସ୍ନେହ, ପରୋପକାରିତା ଓ ଈଶ୍ୱର ଭକ୍ତି ଆମ ଜୀବନର ପାଥେୟ। ଆପଣଙ୍କ ଅନ୍ତରାତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ ପତ୍ନୀଙ୍କ ସହ ବାବୁ, ମିଟୁ, ବେବି, ପିଙ୍କୁ, ବାପୁନି ତଥା ପରିବାରବର୍ଗ, ବନ୍ଧୁପରିଜନ ଓ ଆତ୍ମୀୟସ୍ୱଜନ। ଧ-୧୧୭୬୦


**ପ୍ରଥମ ଶ୍ରାଦ୍ଧବାର୍ଷିକ**
**ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**


**ସ୍ୱର୍ଗତା ପ୍ରମିଳା ପାତ୍ର**
ବଳରାମପୁରଗଡ଼,
ସାକ୍ଷୀଗୋପାଳ, ପୁରୀ
ତିରୋଧାନ: ୦୮।୦୩।୨୦୧୮
ତୁମର ସ୍ନେହ, ପ୍ରେମ ଆମ୍ଭମାନଙ୍କ ପାଇଁ ସର୍ବଦା ଅବିସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପାଗେଲି, ଚଗଲି, ବଗୁଲି, ଅଲି, ବିଜୁ, ଅଜୁ, ସଞ୍ଜୟ, ଭାଇଭାଉଜ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୮୩୪

**ପ୍ରଥମ ଶ୍ରାଦ୍ଧବାର୍ଷିକ**
ଓଁ ନମୋ ଭଗବତେ ବାସୁଦେବାୟ


**ସ୍ୱର୍ଗତା ବନିତା ମିଶ୍ର**
କୃଷ୍ଣପକ୍ଷ ସପ୍ତମୀ ତିଥି
ପଥୁରିଆ ସାହି, ପୁରୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ହତଭାଗ୍ୟ ସ୍ୱାମୀ- ବ୍ରଜନାଥ ମିଶ୍ର (ବୁଲୁ), ପୁତ୍ର ଓ କନ୍ୟା- ମିନୁ, ସାନୁ, ବାପୁନୁ ଏବଂ ବ୍ରଜବାସୀ ପରିବାରର ସମସ୍ତ ସଦସ୍ୟ, ସଦସ୍ୟା। ଧ-୬୪୦୪୬

**ଏକାଦଶାହ ଉପଲକ୍ଷେ**


**ସ୍ୱର୍ଗତ ସୁବାସ ଚନ୍ଦ୍ର ବରାଳ**
ସା- ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଅବସରପ୍ରାପ୍ତ ଖାଦ୍ୟ ଓ ଯୋଗାଣ
ବିଭାଗର ଉପନିର୍ଦ୍ଦେଶକ
ଆବିର୍ଭାବ: ୦୮।୦୯।୫୧
ତିରୋଧାନ: ୧୭।୦୩।୨୦୧୯
ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷ ପ୍ରାପ୍ତି ହେଉ, ଏହାହିଁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ। ଶୋକସନ୍ତପ୍ତ ପରିବାର: ସ୍ତ୍ରୀ- ଲକ୍ଷ୍ମୀବାଈ ବରାଳ, ପୁତ୍ର- ସୁଜିତ, ସୁମିତ, ସୁନିତ, ପୁତ୍ରବଧୂ- ଇପ୍ସିତା, ସ୍ୱାତୀ, ରୁଚି, ନାତିନାତୁଣୀ- ଗୁନ୍‌ଗୁନ୍, ସ୍ୱଞ୍ଚିତ୍, ତୁଗୁ, ରିୟା। ଧ-୫୮୦୬୫

**ଏକାଦଶାହ ଉପଲକ୍ଷେ**


**ସ୍ୱର୍ଗତ ଡ଼ଃ ସନ୍ତୋଷ କୁମାର ହଜାରୀ**
ଭୁବନେଶ୍ୱର
ତିରୋଧାନ: ୧୭।୦୩।୨୦୧୯
ଅମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ଚନ୍ଦ୍ରପ୍ରଭା ହଜାରୀ, ଏ. ରାମା, ସାନ୍ତ୍ୱନା, ସୁବୋଧ, ସଞ୍ଜିତା, ଦେବାଶୀଷ, ଗରିମା, ରୋନି, ସାୟିନୀ, ଇଶା, ଯାଭି, ଯାସ୍ୱି। ଧ-୧୧୮୫୩

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**


## ୨୮ରୁ ଆହୁରି ବଢ଼ିବ ତାତି

### ମାଲକାନଗିରିରେ ପାରଦ ୪୦.୫ ଡିଗ୍ରୀ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ଆସନ୍ତା ୨୮ ତାରିଖରୁ ୩୧ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବା ସହ ତାତି ବୃଦ୍ଧି ପାଇବ । ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରକୁ ଉଠିଯିବ। ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ପାରଦ ଉପରମୁହାଁ ହେବ । ଉପକୂଳବର୍ତ୍ତୀ ଜିଲାରେ ତାତି ବଢିଲେ ମଧ୍ୟ ୪୦ ଡିଗ୍ରୀ ତଳେ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ମୟୂରଭଞ୍ଜ ଦେବଗଡ, ଅନୁଗୋଳ, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ ଏବଂ ରାୟଗଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଏହି ସମୟରେ ସୁନ୍ଦରଗଡ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଝଡବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରିରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ ୩୯.୫, ଭବାନୀପାଟଣା ୩୮.୫, ବଲାଙ୍ଗୀର ୩୮, ଚାନ୍ଦବାଲି ୩୭.୫, ଅନୁଗୋଳ ୩୮.୧, ବାରିପଦା ୩୭.୪, ଝାରସୁଗୁଡା ୩୭.୫, ସମ୍ବଲପୁର ୩୭.୨, ସୁନ୍ଦରଗଡ ୩୭, ହୀରାକୁଦ ୩୭, ତାଳଚେର ୩୭.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବୁଧ ନକ୍ଷତ୍ରସ୍ଥ ଚନ୍ଦ୍ର ବନ୍ଧୁଙ୍କ ମାଧ୍ୟମରେ ପାରିବାରିକ ଅସଙ୍ଗତି ଦୂର କରିବାରେ ସାହାଯ୍ୟ କରିବେ। ରବି ଦ୍ୱାଦଶସ୍ଥ ହେତୁ ଯାତ୍ରା, ସରକାରୀ କର୍ମଚାରୀଙ୍କୁ ଦେଖାସାକ୍ଷାତ, ବାଣିଜ୍ୟ,ବ୍ୟବସାୟ ପାଇଁ ଦିନଟି ବିଶେଷ ଭଲ ନୁହେଁ। ଅବଶ୍ୟ ଶୁକ୍ର ପ୍ରଭାବରୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ବୃଷ**
ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ପ୍ରକାଶ କଲେ ଓଲଟା ଫଳ ପାଇପାରନ୍ତି। ଧନ ସ୍ଥାନରେ ରାହୁ ଏକାଦଶରେ ରବିଙ୍କ ନକ୍ଷତ୍ରରେ ଥିବାରୁ ଧନହାନି କିମ୍ବା ଅପବ୍ୟୟସୂଚକ। ଏଣୁ ସତର୍କତା ବିଧେୟ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆପଣଙ୍କୁ ସାହାଯ୍ୟ କରିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ**
କର୍ମାଧିପ ବୁଧଙ୍କ ନକ୍ଷତ୍ରରେ ଅବସ୍ଥାନ କରି କର୍ମସ୍ଥାନକୁ ପୂର୍ଣ୍ଣରୂପେ ଦୃଷ୍ଟି ଦେଉଥିବାରୁ ଆଜି ଆପଣଙ୍କ କୌଣସି କାମ ଅପୂର୍ଣ୍ଣ ରହିବନାହିଁ। ଆଶା କରୁଥିବା ଆତ୍ମୀୟମାନଙ୍କ ସହଯୋଗରୁ ଅର୍ଥ ଓ ସମ୍ମାନ ପାଇବେ। କାର୍ଯ୍ୟଦକ୍ଷତା ହେତୁ ସାମାଜିକ ସମ୍ମାନ ବୃଦ୍ଧି ପାଇବ। ସପ୍ତମସ୍ଥ ଶନି ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ନୂତନ କର୍ମାରମ୍ଭକୁ ରୋକ୍ ଲଗାଇପାରେ।

**କର୍କଟ**
ଧନାଧିପଙ୍କ ପୃଷ୍ଠଦେଶରେ ତୃତୀୟାଧିପ ରହିଥିବାରୁ ନିଜ ନିଜ ମଧ୍ୟରେ ସ୍ନେହ,ସମ୍ପର୍କକୁ ପଛକୁ ପକାଇ ଅର୍ଥ ସମ୍ପର୍କକୁ ପ୍ରାଧାନ୍ୟ ଦେଇପାରନ୍ତି। ଚତୁର୍ଥାଧିପ ମଙ୍ଗଳ ନକ୍ଷତ୍ରସ୍ଥ ଯୋଗୁ କୌଣସି ଶୁଭ ଖବର କିମ୍ବା ମୂଲ୍ୟବାନ ଜିନିଷ ପ୍ରାପ୍ତିରେ ଆନନ୍ଦ ଅନୁଭବ କରିବେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ନଚେତ୍ ବିବାଦର ସୂତ୍ରପାତ ହୋଇପାରେ।

**ସିଂହ**
ମଙ୍ଗଳ ରାଶ୍ୟାଧିପ ରବିଙ୍କ ନକ୍ଷତ୍ରରେ ରହି ପାରିବାରିକ କର୍ମସମୂହକୁ ଅଗ୍ରାଧିକାର ଭିତିରେ ସମ୍ପନ୍ନ କରିବେ। ତରବରିଆ ଭାବରେ କୌଣସି କାମ ନ କରି ଭାବିଚିନ୍ତି ପଦକ୍ଷେପ ନେବା ଠିକ୍ ହେବ। ଆତ୍ମୀୟ କିମ୍ବା ହିତୈଷୀମାନଙ୍କ ସାହାଯ୍ୟ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ପରିବାରରେ ସ୍ତ୍ରୀ କିମ୍ବା ବୟସ୍କବ୍ୟକ୍ତିଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

**କନ୍ୟା**
ଧନ ଭାଗ୍ୟାଧିପ ଶୁକ୍ର କର୍ମାଧିପଙ୍କ ରାଶିକୁ ଦେଖୁଥିବାରୁ ଅଭିଳଷିତ କାମକୁ କୌଣସି ବନ୍ଧୁ ଜରିଆରେ ସମ୍ପନ୍ନ କରିପାରିବେ। ରପ୍ତାନି, ବାଣିଜ୍ୟ, କ୍ରୀଡ଼ା ପ୍ରତିଯୋଗିତା, ବିବାଦୀୟ ଅର୍ଥପ୍ରାପ୍ତି ପାଇଁ ଚେଷ୍ଟା ଅବ୍ୟାହତ ରଖିପାରନ୍ତି। କର୍ମକ୍ଷେତ୍ରରେ ଜଣେ ଅଜଣା ଆଗନ୍ତୁକଙ୍କ ଆକସ୍ମିକ ଆବିର୍ଭାବ ପରିବେଶକୁ ଏପଟ ସେପଟ କରିଦେଇପାରେ।

**ତୁଳା**
ମିଥ୍ୟାପବାଦ ଓ କଳହର ପୃଷ୍ଠପୋଷକ ତୃତୀୟ ବୃହସ୍ପତି ଆଜି ଦ୍ୱିତୀୟସ୍ଥ ଯୋଗୁ ଅର୍ଥ ସମ୍ପର୍କ କିମ୍ବା କିଛି କଥାକୁ ନେଇ ସମସ୍ୟା ସୃଷ୍ଟି କରିବ। ଆଜି କାମର ଚାପ ଏତେଦୂର ବଢିଯିବ ଯେ ଆପଣ ଜମା ଶାନ୍ତିରେ ରହିପାରିବେ ନାହିଁ। ଘର ଲୋକଙ୍କ କାମରେ ଅସନ୍ତୁଷ୍ଟ ରହିବେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ବିଛା**
ରାହୁ ଓ ଶନିଙ୍କ ମଧ୍ୟରେ ଶୁଭଗ୍ରହମାନେ ସ୍ୱଗୁଣ ଧର୍ମ ହରାଇ ବିବାଦୀୟ ଚିନ୍ତାଧାରା ମଧ୍ୟରେ ଅଶାନ୍ତି ସୃଷ୍ଟି କରିବେ। ହାତରେ ବହୁତ କାମ ରହିଥିଲେ ମଧ୍ୟ କୌଣସିଟା ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହେବାର ଲକ୍ଷ୍ୟକରି ବ୍ୟଥିତ ହେବେ। ବ୍ୟବସାୟ, ମାଙ୍ଗଳିକ କାମରେ କିଛି ନୂତନତ୍ୱ ଅନୁଭବ କରିବେ।


**ଧନୁ**
ମିତ୍ରବନ୍ଧୁଙ୍କ ସାହାଯ୍ୟ, ସହଯୋଗର ପ୍ରତୀକାତ୍ମକ ଭାବରେ କୌଣସି ସୌଖୀନ ଜିନିଷ ଲାଭ କରି ଖୁସି ହୋଇପାରନ୍ତି। ଘରର ଅପ୍ରକାଶ୍ୟ କେତେକ ଘଟଣା ଶୁଣି ମାନସିକ ସ୍ତରରେ ଦୁଃଖ ଅନୁଭବ କରିପାରନ୍ତି। ଶନି କ୍ଷେତ୍ରସ୍ଥ ବୁଧ ହେତୁ ନୂତନ କାମରେ ପ୍ରତିବନ୍ଧକ ଲାଗିରହିବା ଯୋଗୁ କାମରେ ଅଗ୍ରଗତି ହୋଇପାରିବ ନାହିଁ।

**ମକର**
ଶୁଭଭାବାଧିପ ମଙ୍ଗଳ ଅଷ୍ଟମାଧିପ ଚନ୍ଦ୍ରଙ୍କ ସମସ୍ତକ ହେତୁ କୌଣସି ଅସୁବିଧା ନ ଥାଇ ମଧ୍ୟ ମନ ଭଲ ରହିବନାହିଁ। ନିଜର ଚତୁଃପାର୍ଶ୍ୱସ୍ଥ ବ୍ୟକ୍ତିବିଶେଷଙ୍କ ଭୁଲ୍ ବୁଝାମଣା ହେତୁ ଟେନ୍‌ସନ ବଢ଼ିପାରେ । ସମ୍ପର୍କରେ ନ୍ୟୂନତା କିମ୍ବା ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ତଥାପି ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ ଓ କରିବେ ମଧ୍ୟ ।

**କୁମ୍ଭ**
ଅଯଥା ରାହୁଙ୍କ ଅବସ୍ଥିତି ଭୁଲ୍ ନିଷ୍ପତ୍ତି ନେବା,ବିବାଦୀୟ କଥା ଚିନ୍ତା କରିବା କିମ୍ବା କୌଶଳରେ ଲକ୍ଷ୍ୟ ହାସଲ କରିବା ଦିଗରେ ପ୍ରେରଣା ଦେଇପାରେ । ପରିବାର ହେଉ କିମ୍ବା ସାମାଜିକ ସ୍ତରରେ ଭୁଲ୍ କାର୍ଯ୍ୟପଦ୍ଧତି ଅନୁସରଣ କଲେ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆଜି ଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ।

**ମୀନ**
ଆଜିର ଗ୍ରହସ୍ଥିତି ଏପରି ଯେ ଆପଣ ଯେମିତି ଚିନ୍ତା କରୁଛନ୍ତି ଠିକ୍ ସେହିପରି ହିଁ ସମ୍ପନ୍ନ ହେବ। କିନ୍ତୁ ପଛରେ କହୁଥିବା ଲୋକମାନେ କହୁଥିବେ ସେ କଥା ମନକୁ ଆଣିଲେ ଆଗକୁ ବଢ଼ିପାରିବେ ନାହିଁ। ନୀତିବିହୀନ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ସାମୟିକ ଭାବରେ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି।

ଆଜି ଚୈତ୍ର କୃଷ୍ଣ ସପ୍ତମୀ ବୁଧବାର, ମାର୍ଚ୍ଚ ୨୭ ତାରିଖ, ବିଶ୍ୱ ରଙ୍ଗମଞ୍ଚ (ନାଟକ) ଦିବସ, ଦିବା ଘ୯।୧୩ମି. ଗତେ, ରାଶି, ନକ୍ଷତ୍ର-ମୂଳା, ଧନୁ, କର୍କଟ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୯ମି. ଗତେ ଘ୮।୫୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୯ମି. ଗତେ ଘ୧୦।୨୦ମି. ମଧ୍ୟେ, ଘ୧୧।୫୧ମି. ଗତେ ଘ୪।୨୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୨ମି. ଗତେ ଘ୧୧।୨୩ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ୪ ମାଓବାଦୀ ସମର୍ଥକ ଗିରଫ
#### ବ୍ୟାନର, ପୋଷ୍ଟର ଜବତ


**ରାଇଘର/ଉମରକୋଟ, ୨୬।୩ (ଡି.ଏନ୍.ଏ):** ନବରଙ୍ଗପୁର ଜିଲା ରାଇଘର-କୁନ୍ଦେଇ ମୁଖ୍ୟ ରାସ୍ତା ନିକଟରୁ ମଙ୍ଗଳବାର ଭୋରୁ ରାଇଘର ପୋଲିସ ୪ ମାଓବାଦୀ ସମର୍ଥକଙ୍କୁ ଗିରଫ କରିଛି। ସେମାନେ ହେଲେ ଛତିଶଗଡ ଜିଲା ଖଲାରୀ ଥାନା ଅନ୍ତର୍ଗତ ଜଡାତରେଇ ଗ୍ରାମର ପିଲାରାମ ନେତାମ, ଈଶ୍ୱରଲାଲ ନେତାମ, ଟିକେଶ ନେତାମ ଓ ସୟ ନେତାମ । ସେମାନଙ୍କ ନିକଟରୁ ବିପୁଳ ପରିମାଣର ମାଓବାଦୀ ବ୍ୟାନର ଓ ପୋଷ୍ଟର ଜବତ କରାଯାଇଛି। ଉମରକୋଟ ଥାନାରେ ଏକ ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଏସ୍‌ପି ନୀତିନ ଡୁଗୁଡୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଛତିଶଗଡ ସୀମାନ୍ତ ଅଞ୍ଚଳରେ ରାଇଘର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୨ଟି ବାଇକରେ ୪ ଜଣ ଯାଉଥିବା ବେଳେ ଅଟକ ରଖି ଯାଞ୍ଚ କରିଥିଲା। ସେମାନଙ୍କ ନିକଟରୁ ବିପୁଳ ପରିମାଣରେ ମାଓବାଦୀ ପୋଷ୍ଟର, ବ୍ୟାନର ଜବତ କରିବା ସହ ଗିରଫ କରିଥିଲା। ଅଭିଯୁକ୍ତମାନେ ସୀତା ନଦୀ ଏରିଆ କମିଟି ପାଇଁ କାମ କରୁଥିବା ଜଣାପଡିଛି। ନିର୍ବାଚନ ବର୍ଜନ କରିବାକୁ ଉକ୍ତ ବ୍ୟାନର, ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ଖବରଦାତା ସମ୍ମିଳନୀରେ ଉମରକୋଟ ଏସ୍‌ଡିପିଓ ହେମନ୍ତ କୁମାର ପାଢୀ ମଧ ଉପସ୍ଥିତ ଥିଲେ।

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ନବରଙ୍ଗପୁର, ୨୬।୩(ବି.ପ୍ର.):** ଏକ ହତ୍ୟା ମାମଲାରେ ଉମରକୋଟ ଉପକାରାଗାରରେ ଥିବା ବିଚାରାଧୀନ କଏଦୀ ଦେବ ମାଝୀ(୩୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି । ଦେବଙ୍କ ଘର ରାଇଘର ବ୍ଲକ ରାହାସପାରା ଗାଁ । ସେ ୪ ମାସ ତଳେ ଗିରଫ ହୋଇ ଉପକାରାଗାରରେ କଏଦୀ ଭାବେ ରହୁଥିଲେ । ସୋମବାର ଅପରାହ୍ନରେ ତାଙ୍କ ହାତ ଗୋଡ ଅକାମୀ ହୋଇ ଯାଇଥିଲା । ଏନେଇ ଉପକାରାଗାର କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇବା ପରେ ତୁରନ୍ତ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରୁ ତାଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଚିକିତ୍ସାଳୟକୁ ରାତିରେ ନିଆଯାଇଥିଲା। ମଙ୍ଗଳବାର ସକାଳେ ଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଡାକ୍ତର କହିଛନ୍ତି। ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ଦେବଙ୍କ ଶାଳକ ବିର ମାଝି, ପୁତୁରା ଗଣେଶ୍ୱର ମାଝି ଅଭିଯୋଗ କରିଛନ୍ତି। ସୋମବାର ରାତିରେ ଦେବଙ୍କୁ ଗୋଟିଏ ସାଲାଇନ ଦେବା ବ୍ୟତୀତ ଆଉ ଅଧିକ ଚିକିତ୍ସା କରାଯାଇ ନ ଥିଲା ବୋଲି ସେମାନେ କହିଛନ୍ତି।

### ସାଲେପୁରର ଜୋନ୍ କମିଟିକୁ ରଦ୍ଦ କଲେ ନିରଞ୍ଜନ


**ଭୁବନେଶ୍ୱର, ୨୬।୩ (ବ୍ୟୁରୋ):** ସାଲେପୁର ବିଧାୟକ ପ୍ରକାଶ ବେହେରା କିଛିଦିନ ତଳେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇ ସାରିଛନ୍ତି। ଫଳରେ ପ୍ରକାଶଙ୍କ ସହ ତାଙ୍କର ବହୁ ସମର୍ଥକ ମଧ ଭାଜପାରେ ଯୋଗ ଦେଇଥିଲେ। ଏସବୁକୁ ଦୃଷ୍ଟିରେ ରଖି ସାଲେପୁର ନିର୍ବାଚନମଣ୍ଡଳୀର ସମସ୍ତ ଜିଲା ପରିଷଦ ଜୋନ୍ କଂଗ୍ରେସ କମିଟିକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରଦ୍ଦ କରିଛନ୍ତି। ଏନେଇ ପିସିସି ସମ୍ପାଦକ ବୈଦ୍ୟନାଥ ସ୍ୱାଇଁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା କରିଛନ୍ତି।




### ଆୟୁବ୍ ଖାଁ କେନ୍ଦ୍ରାପଡ଼ା ବିଜେଡି ପର୍ଯ୍ୟବେକ୍ଷକ

**ଭୁବନେଶ୍ୱର, ୨୬।୩(ବ୍ୟୁରୋ)**

ହାଜି ମହମ୍ମଦ ଆୟୁବ ଖାଁଙ୍କୁ ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହିନିଯୁକ୍ତି ଦେଇଛନ୍ତି। ସେ ଉପରୋକ୍ତ ଦାୟିତ୍ୱ ସହ କେନ୍ଦ୍ରାପଡା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ସେହିପରି କଟକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ ସିଂଙ୍କୁ ଗଞ୍ଜାମ ଜିଲା ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।




■ କୋଇଲା ବ୍ଲକ ଆବଣ୍ଟନ ମାମଲା

## ନବୀନଙ୍କୁ ନେଇ ରାଜନୀତି ସରଗରମ

**ଭୁବନେଶ୍ୱର, ୨୬।୩(ବ୍ୟୁରୋ)**

- ନିର୍ବାଚନକୁ ଦେଖି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ପୁରୁଣା ମାମଲାକୁ ଟାଣିବାକୁ ଉଦ୍ୟମ କରିଛନ୍ତି: ପିନାକୀ
- ଚୋରି ଚପାଟିର କଥା, ଦେଖାଯାଉ ଆଗକୁ କ'ଣ ହେଉଛି: ଧର୍ମେନ୍ଦ୍ର

କୋଇଲା ବ୍ଲକ ଆବଣ୍ଟନ ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଚାଲିଥିବା ସିବିଆଇ ତଦନ୍ତକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ଲୋକ ସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଘୋଷଣା ହୋଇ ସାରିଥିବାବେଳେ ନବୀନଙ୍କ ବିରୋଧରେ ଚାଲିଥିବା ସିବିଆଇ ତଦନ୍ତ ବିଷୟ ପୁଣି ଉଠିବା ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିରୋଧୀ ଦଳଗୁଡିକ ମୁଖ୍ୟମନ୍ତ୍ରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

ନବୀନଙ୍କ ବିରୋଧରେ ଚାଲିଥିବା ତଦନ୍ତକୁ ଶୀଘ୍ର ଶେଷ କରିବାକୁ ସୋମବାର ଆବେଦନକାରୀ ବୈଭବ ବର୍ମା ସୁପ୍ରିମକୋର୍ଟରେ ଏକ ଆବେଦନ କରିଛନ୍ତି। ୫ ବର୍ଷ ପୂର୍ବେ ଅର୍ଥାତ୍ ୨୦୧୪ ମାର୍ଚ୍ଚ ୨୬ରେ ମାମଲା ଦାଏର ହୋଇଥିଲା। ହେଲେ କେଉଁ କାରଣରୁ ତଦନ୍ତ ବିଳମ୍ବ ହୋଇଛି ତାହା ଜାଣିବା ଲାଗି ଏ ସମ୍ପର୍କିତ ସମସ୍ତ ଫାଇଲ ନୋଟିଂ ଅଦାଲତରେ ଉପସ୍ଥାପନ କରିବାକୁ ନିବେଦନ କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ, ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ କୋଇଲା ଆବଣ୍ଟନ ମାମଲାରେ ୨୦୧୭ ନଭେମ୍ବର ୨୫ରେ ସିବିଆଇ ଜେରା କରିଥିଲା। ୨ ବର୍ଷ ବିତିବାକୁ ବସିଥିବା ବେଳେ ତଦନ୍ତର ଚୂଡାନ୍ତ ପରିଣାମ କାହିଁକି ମିଳିନାହିଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

ନବୀନଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ବିଜେଡିର ବରିଷ୍ଠ ନେତା ତଥା ଏମ୍‌ପି ପିନାକୀ ମିଶ୍ର ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଏହା ୨୧ ବର୍ଷ ତଳର ଏକ ପୁରୁଣା ମାମଲା। ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ନବୀନ କୋଇଲା ମନ୍ତ୍ରୀ ଥିଲେ। ସୁପ୍ରିମକୋର୍ଟରେ କୋଇଲା ଆବଣ୍ଟନ ମାମଲା ଚାଲିଛି। ନବୀନ ଯେତେବେଳେ କେନ୍ଦ୍ରମନ୍ତ୍ରୀ ଥିଲେ ସେତେବେଳେ କୋଇଲା ଆବଣ୍ଟନ କଥା ଉଠି ନ ଥିଲା। କୋଲ୍ ବ୍ଲକ ଆବଣ୍ଟନରେ ନବୀନଙ୍କର କିଛି ଭୂମିକା ନାହିଁ। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିର୍ବାଚନକୁ ଦେଖି ଏହି ମାମଲାରେ ତାଙ୍କୁ ବାରମ୍ବାର ଟାଣିବାକୁ ଉଦ୍ୟମ କରୁଛନ୍ତି।

ପିନାକୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ, ପିନାକୀ ବାବୁ 'ନଈ ନ ଦେଖୁଣୁ ...' କାହିଁକି ହେଉଛନ୍ତି। ମନ୍ଦିର ଭିତରେ କିଏ ନା ମୁଁ କଦଳୀ ଖାଇନି। ସମ୍ପୂର୍ଣ୍ଣ ତଥ୍ୟ ଆସିନାହିଁ। ଯେତିକି ତଥ୍ୟ ଆସିଲା ସେଥିରେ କିଛି ଚୋରି ଚପାଟିର କଥା, କିଛି ଭାବପ୍ରୀତିର କଥା ଆସିଛି। ଦେଖାଯାଉ ଆଗକୁ କ'ଣ ହେଉଛି।

## ବାଇକ୍‌କୁ ପିଟିଲା ତେଲ ଟ୍ୟାଙ୍କର: ୩ ମୃତ

**ପଦ୍ମପୁର, ୨୬।୩(ଡି.ଏନ.ଏ.)**

ବରଗଡ଼ ଜିଲା ବୁଡେନ ଥାନା ଅନ୍ତର୍ଗତ ବାଦିମାଲ ଡୁଙ୍ଗୁରୀ ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଏକ ତେଲ ବୋଝେଇ ଟ୍ୟାଙ୍କର ଧକ୍କାରେ ୩ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲୋଇସିଂହା ଥାନା ଅନ୍ତର୍ଗତ ଭୁଏପାଲି ଗ୍ରାମର ଦୁର୍ଲଭ ନାଗ(୫୫), କୁଡାପଦର ଗ୍ରାମର ଠାକୁର ବରିହା(୨୮) ଓ ଗାଇସିଲେଟ ଥାନା ଅନ୍ତର୍ଗତ ଯୁବାଖୋଲ ଗ୍ରାମର ଅର୍ଜୁନ ଦୀପ (୩୫)। ତିନିଜଣ ଯାକ ଦହିତା ଗ୍ରାମରେ ଏକ ବିବାହ ଉତ୍ସବରେ ଯୋଗଦେଇ ବାଇକରେ ପାଟଣାଗଡ଼-ପଦ୍ମପୁର ରାସ୍ତାଦେଇ ଘରକୁ ଫେରୁଥିବା ସମୟରେ ବାଦିମାଲ ଡୁଙ୍ଗୁରୀ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବୁଡେନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ମେଡିକାଲ ପଠାଇଛି। ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ମୃତଦେହ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଟ୍ୟାଙ୍କର ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଡ୍ରାଇଭରଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଓଡି ୧୫ ଡି- ୭୭୮୮ ଓ ବାଇକକୁ ଜବତ କରିଛି। ବୁଢ଼େନ ଥାନାରେ ଏ ନେଇ ଏକ ମାମଲା (ନଂ.୨୮/୧୯) ରୁଜୁ ହୋଇଛି।

## ପ୍ୟାରିସ୍ ବେକରି ନିର୍ଦ୍ଦେଶକଙ୍କୁ ଆଗୁଆ ଜାମିନ

**କଟକ ଅଫିସ, ୨୬।୩:** କେକ୍ କମ୍ପାନୀ ପ୍ୟାରିସ ବେକରିର ନିର୍ଦ୍ଦେଶକ ଜୟନାରାୟଣ ପୂଜାପଣ୍ଡା ଓ ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ମହାସୁଆରଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ଗତ ଡିସେମ୍ବର ୧୭ରେ ହାଇକୋର୍ଟ ଉଭୟଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ସୂଚନାଥାଉ କି, ଉଭୟଙ୍କ ବିରୋଧରେ ଏକାଧିକ ଦୋକାନୀ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ ବହୁ କୋଟି ଟଙ୍କା ଠକେଇ ଅଭିଯୋଗ କରିଥିଲେ। ଟଙ୍କା ନେଇ ମାଲ୍ ଡେଲିଭରି ନ ଦେବା ଅଭିଯୋଗ ହୋଇଥିଲା। ପ୍ୟାରିସ ବେକରିର ପାର୍ଟନର ବିଭାସ ରଞ୍ଜନ ମଧ ଏ ସମ୍ପର୍କରେ ଭୁବନେଶ୍ୱର କୋର୍ଟରେ ଏକ କମ୍ପ୍ଲେନ୍ କେସ୍ ଦାଏର କରିଥିଲେ। ଭୁବନେଶ୍ୱର କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନୟାପଲ୍ଲୀ ଥାନାରେ ଉଭୟଙ୍କ ବିରୋଧରେ ଗତ ନଭେମ୍ବର ମାସରେ ମାମଲା ରୁଜୁ ହୋଇଥିଲା।

## ମେ ୧୩ ମଧ୍ୟରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କର: ହାଇକୋର୍ଟ

**କଟକ ଅଫିସ, ୨୬।୩**

ଆସନ୍ତା ମେ ୧୩ ତାରିଖ ମଧ୍ୟରେ ରାଜ୍ୟରେ ଥିବା ସମସ୍ତ ବେଆଇନ ଚିଙ୍ଗୁଡ଼ି ଘେରିଗୁଡ଼ିକ ଉଚ୍ଛେଦ ହେବ। ଏ ସମ୍ପର୍କିତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉକ୍ତ ଉଚ୍ଛେଦ ସଂକ୍ରାନ୍ତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବାକୁ କୁହାଯାଇଛି।

ଗତ ସୋମବାର ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ କୋର୍ଟ ମିତ୍ର ତଥା ଆମିକସ୍‌କ୍ୟୁରୀ ମୋହିତ ଅଗ୍ରୱାଲ ରାଜ୍ୟରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହେବା ପରିବର୍ତ୍ତେ ବୃଦ୍ଧି ପାଉଥିବା ନେଇ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଗ୍ରୱାଲ ଦର୍ଶାଇଥିଲେ ଯେ, ୨୦୧୭ରେ ଚିଲିକାରେ ୨୩ ହଜାର ଏକର ପରିମିତ ଜାଗାରେ ଚିଙ୍ଗୁଡ଼ି ଘେରି ରହିଥିଲା। ହାଇକୋର୍ଟରେ ଏ ସମ୍ପର୍କିତ ମାମଲା ରୁଜୁ ହେବା ପରେ ଘେରି ଉଚ୍ଛେଦ ନିମନ୍ତେ ପଦକ୍ଷେପ ନେବାକୁ ହାଇକୋର୍ଟ ସରକାରଙ୍କୁ ଆଦେଶ ଦେଇଥିଲେ। ମାତ୍ର ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୮ ସେପ୍ଟେମ୍ବରରେ ହାଇକୋର୍ଟରେ ଯେଉଁ ତଥ୍ୟ ଦାଖଲ କରାଯାଇଥିଲା ସେଥିରେ ଚିଲିକାରେ ୨୫ହଜାର ଏକର ପରିମିତ ଜାଗା ଉପରେ ଘେରି ଥିବା ଦର୍ଶାଯାଇଥିଲା। ତେଣୁ ଘେରି ଉଚ୍ଛେଦ ପାଇଁ ହାଇକୋର୍ଟ ଆଦେଶ ଦେବା ପରେ କିଭଳି ଏହି ବେଆଇନ କାର୍ଯ୍ୟ ବୃଦ୍ଧି ପାଉଛି ତାହାକୁ ନେଇ ଆମିକସ୍‌କ୍ୟୁରୀ ଅଗ୍ରୱାଲ ଆଶ୍ଚର୍ଯ୍ୟପ୍ରକଟ କରିଥିଲେ।

ନବମ ଶ୍ରେଣୀ ଛାତ୍ରୀ ଶିଶୁକନ୍ୟା ଜନ୍ମ ଦେବା ଘଟଣା

## ୩ଲକ୍ଷ କ୍ଷତିପୂରଣ ଦେବାକୁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୬।୩ (ବ୍ୟୁରୋ)**

**ଛାତ୍ରୀଙ୍କୁ ସରକାରୀ ନିୟମ ଅନୁଯାୟୀ ଥଇଥାନ କରାଯାଉ**

କୋରାପୁଟ ଜିଲାର ଏକ ଆବାସିକ ସରକାରୀ ସ୍କୁଲ୍ ଛାତ୍ରୀବାସରେ ରହୁଥିବା ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ୨୦୧୭ରେ ବଳାତ୍କାର କରାଯାଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ଛାତ୍ରୀଙ୍କୁ ବଳାତ୍କାର କରିବା ପରେ କାହାକୁ ନ କହିବାକୁ ଧମକ ଦେଇଥିଲେ। ଭୟରେ ଛାତ୍ରୀଜଣକ କାହାକୁ ନ କହି ଶେଷରେ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ଏହି ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ ନିକଟରେ ଏକ ପିଟିଶନ ହୋଇଥିଲା। ଏହାର ବିଚାର କରି ଓଏଚ୍ଆର୍‌ସି ସଦସ୍ୟ ଜଷ୍ଟିସ ରଘୁବୀର ଦାଶ ପୀଡିତା ଛାତ୍ରୀଙ୍କୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର କମିଶନର କମ୍ ସେକ୍ରେଟେରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଉକ୍ତ ଟଙ୍କା ଛାତ୍ରୀଙ୍କ ନାମରେ ୭ବର୍ଷ ପାଇଁ ଫିକ୍ସଡ୍ ଡିପୋଜିଟ୍ କରିବାକୁ କୁହାଯାଇଛି। ୬ମାସ ପରେ ଏହି ଟଙ୍କାରୁ ଯାହା ସୁଧ ଆସିବ ତାହାକୁ ଛାତ୍ରୀଙ୍କୁ ଦିଆଯିବ। ଏହାସହ ସରକାରୀ ନିୟମ ଅନୁଯାୟୀ ଛାତ୍ରୀଙ୍କୁ ଥଇଥାନ କରାଯିବାକୁ ନିର୍ଦ୍ଦେଶ ରହିଛି। ସରକାର ଚାହିଁଲେ ଅଭିଯୁକ୍ତଙ୍କଠାରୁ ଉକ୍ତ ଟଙ୍କା ଭରଣା କରି ପୀଡିତାଙ୍କୁ ଦିଆଯାଇପାରିବ ବୋଲି ଜଷ୍ଟିସ ଦାଶ କହିଛନ୍ତି।

ସୂଚନାଯୋଗ୍ୟ, ଏହି ସମ୍ବେଦନଶୀଳ ଘଟଣାକୁ ନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ ଗୋ ଓ ବିଜୟ କୁମାର ପଣ୍ଡା ଓଏଚ୍ଆର୍‌ସିଙ୍କ ନିକଟରେ ଏକ ପିଟିଶନ କରିଥିଲେ। ଓଏଚ୍ଆର୍‌ସି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କୋରାପୁଟ ଏସ୍‌ପି ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରିପୋର୍ଟକୁ ଆଧାର କରି ଶୁଣାଣି ହୋଇଥିଲା।

■ ଡବଲ ମର୍ଡର ମାମଲା

## ୬ ଦୋଷୀଙ୍କୁ ଆଜୀବନ ଜେଲ୍

**ଆନନ୍ଦପୁର/ହାଟଡିହୀ, ୨୬।୩(ସ୍ୱ.ପ୍ର./ଡି.ଏନ.ଏ.)**

ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ମଙ୍ଗଳବାର ଏକ ଡବଲ ମର୍ଡର ଘଟଣାର ଶୁଣାଣି କରି ୬ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଲେଖାଏ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତମାନଙ୍କୁ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ହାଟଡିହୀ ବ୍ଲକ ସଡା ଗ୍ରାମର ଜଗନ୍ନାଥ ବେହେରା, ପନ୍ଦାଡୋ ଗ୍ରାମର ଉଦୟ ନାଥ ନାୟକ, ପ୍ରଦୀପ ନାୟକ, ସଞ୍ଜୟ ନାୟକ, ପ୍ରଫୁଲ୍ଲ ନାୟକ, ଦିଲୀପ ନାୟକ। ଗତ ୭।୪।୨୦୧୫ରେ କରଞ୍ଜବାଟି ବଜାର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏକ ଡବଲ ମର୍ଡର ଘଟଣା ଘଟିଥିଲା। ଏଥିରେ ପନ୍ଦାଡୋ ଗ୍ରାମର ରମେଶ ନାୟକ ଓ ବିଦ୍ୟାଧର ଆୟଚଙ୍କ ମୃତ୍ୟୁ ଘଟିଥିଲା। ବାଞ୍ଛାନିଧି ଆୟଚ ଆହତ ହୋଇଥିଲେ। ଏ ନେଇ ମୃତ ରମେଶଙ୍କ ସ୍ତ୍ରୀ ଗୀତାରାଣୀ ସୋସୋ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୨/୧୫) ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଭାଜପାରୁ ଇସ୍ତଫା ଦେଲେ ସୁବାସ

**ଭୁବନେଶ୍ୱର, ୨୬।୩ (ବ୍ୟୁରୋ)**

**ଜଣଙ୍କ ପକେଟ୍‌ରେ ଦଳ ରହିଛି**


ସୁବାସ ଚୌହାନ

ଟିକେଟ୍ ମିଳିବା ଆଶା ରଖି ଶେଷରେ ବିଫଳ ହେଉଥିବା ନେତାମାନେ ଦଳ ବଦଳ କରୁଛନ୍ତି। ବିଜେଡି, ଭାଜପା ଓ କଂଗ୍ରେସ ଦଳରେ ସମଦଶା ଦେଖିବାକୁ ମିଳୁଛି। ନିର୍ବାଚନକୁ କମ୍ ସମୟ ଥିବାବେଳେ ନେତାମାନଙ୍କ ଦଳ ଡିଆଁ ରୋଗ ବର୍ତ୍ତମାନ ସାଧାରଣ ଘଟଣାରେ ପରିଣତ ହେଲାଣି। ବିଜେଡିରେ ଟିକେଟରୁ ବଞ୍ଚିତ ହେଉଥିବା ନେତାମାନଙ୍କୁ ଦଳରେ ସାମିଲ କରି ଭାଜପା ସେମାନଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେଉଛି। କିନ୍ତୁ ଭାଜପାର ଏଭଳି କାର୍ଯ୍ୟକ୍ରମକୁ ଦଳର ଆଶାୟୀ ଗୋଷ୍ଠୀ ତୀବ୍ର ବିରୋଧ କରିବା ସହ ନିର୍ବାଚନୀ ମଇଦାନରେ ବିଜେଡିକୁ ସହଯୋଗ କରିବା ପାଇଁ ଆହ୍ୱାନ କରୁଛନ୍ତି। ଗତ ସୋମବାର ମୟୂରଭଞ୍ଜର ଟାଣୁଆ ନେତା ତଥା ଭାଜପା ଉପସଭାପତି ରାଜ କିଶୋର ଦାସ ବିଜେଡିରେ ଯୋଗ ଦେଇଥିଲେ। ଏହାସହ ଦଳର ନେତୃତ୍ୱକୁ ମଧ ଖୋଲା ଚ୍ୟାଲେଞ୍ଜ କରିଥିଲେ। ସେହିକ୍ରମରେ ବରଗଡ଼ ଲୋକ ସଭା ଆସନ ପାଇଁ ଆଶାୟୀ ଥିବା ଦଳର ଟାଣୁଆ ନେତା ସୁବାସ ଚୌହାନ ମଙ୍ଗଳବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବାପରେ ସୁବାସ ଭାବବିହ୍ୱଳ ହୋଇ ପଡିଥିଲେ। ଏହି ଅବସରରେ ସୁବାସ କହିଛନ୍ତି, ସେ ବହୁତ ମର୍ମାହତ। ଟିକେଟ ମିଳିଲା ନାହିଁ ବୋଲି ନୁହେଁ। ଦଳ ଏବେ ଜଣଙ୍କ ପକେଟ୍‌ରେ ରହିଛି। ଜଣେ କୁଚକ୍ରି ଦଳକୁ ପକେଟରେ ରଖିଛନ୍ତି। ସଂଘ ପରିବାର ସେହି ବ୍ୟକ୍ତିଙ୍କୁ ସୁରକ୍ଷିତ ରଖିଛି। ହଜାର ହଜାର ସ୍ୱୟଂ ସେବକ ଯେଉଁମାନେ ଦୀନଦୟାଲ ଉପାଧ୍ୟାୟ, ଡାକ୍ତର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରୁଥିଲେ। ଏହାପରେ ବାଜପେୟୀ, ଆଡଭାନୀ ଏବଂ ବର୍ତ୍ତମାନ ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରୁଛନ୍ତି। ହେଲେ ଏହି କାର୍ଯ୍ୟକର୍ତ୍ତାଙ୍କୁ ଆଜି ଅଣଦେଖା କରାଯାଉଛି। ସେଥିଲାଗି ଦଳରୁ ଇସ୍ତଫା ଦେଉଛି। ୫ବର୍ଷ ଧରି ବରଗଡ଼ରେ ଲଗାତାର କାମ କରି ଆସୁଥିଲି। ହେଲେ ଶେଷରେ ମୋତେ ଅଣଦେଖା କରାଗଲା। ଆଗକୁ କେଉଁ ପଦକ୍ଷେପ ନେବି ସେନେଇ ମୋ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବି ବୋଲି ସୁବାସ କହିଛନ୍ତି। ଅନ୍ୟପଟେ ସୁବାସ ଖୁବ୍‌ଶୀଘ୍ର ବିଜେଡିରେ ଯୋଗଦେବେ ବୋଲି ତାଙ୍କର ଜଣେ ନିକଟତମ ସହଯୋଗୀ କହିଛନ୍ତି।

ସୁବାସଙ୍କ ଇସ୍ତଫା ପରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ଭାଜପା ହେଉଛି କାର୍ଯ୍ୟକର୍ତ୍ତା ଆଧାରିତ ଦଳ। ସେଥିରେ ସମସ୍ତ କାର୍ଯ୍ୟକର୍ତ୍ତା ଗୋଟିଏ ଗୋଟିଏ ବୁଥ୍‌ର ଦାୟିତ୍ୱ ନେଇ ଥାଆନ୍ତି। କାହାକୁ ଟିକେଟ୍ ମିଳିବ ନା ନାହିଁ ସେକଥା କେନ୍ଦ୍ରୀୟ ଟିମ୍ ନିଷ୍ପତ୍ତି ନେବ। ଦଳ ତାଙ୍କୁ ଜମା ଅଣଦେଖା କରିନାହିଁ। ସେ ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ନେଇଛନ୍ତି। ଟିକେଟ ମିଳିଲେ ଦଳ ଭଲ ନ ମିଳିଲେ ଅଣଦେଖା କରାଯାଉଛି ବୋଲି କହିବା ଦୁର୍ଭାଗ୍ୟଜନକ ବୋଲି ଗୋଲକ କହିଛନ୍ତି।

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ।
– ଶ୍ରୀଅରବିନ୍ଦ



# ବିଚିତ୍ର ରାଜ୍ୟପାଳ

ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପଦବୀ ରାଜନୀତିରୁ ବହୁ ଊର୍ଦ୍ଧ୍ୱରେ ଥାଏ। ହେଲେ କିଛିବର୍ଷ ହେବ ଦେଖାଯାଉଛି, ସାମ୍ବିଧାନିକ ପଦମର୍ଯ୍ୟାଦାକୁ ରକ୍ଷାକରିବାରେ କେତେକ ରାଜ୍ୟପାଳ ବିଫଳ ହୋଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ନିଯୁକ୍ତ ରାଜ୍ୟପାଳମାନଙ୍କ କ୍ଷେତ୍ରରେ ବହୁ ତ୍ରୁଟିବିଚ୍ୟୁତି ଲକ୍ଷ୍ୟ କରାଯାଉଛି। ନିକଟରେ ରାଜସ୍ଥାନ ରାଜ୍ୟପାଳ କଲ୍ୟାଣ ସିଂ ନିଜ ରାଜ୍ୟ ଉତ୍ତରପ୍ରଦେଶର ଆଲିଗଡ଼ରେ ଭାଜପା ପାଇଁ ପ୍ରଚାରକୁ ଯାଇ ମୋଦି ପୁଣିଥରେ କ୍ଷମତାକୁ ଆସିବା ଦରକାର ବୋଲି କହିଛନ୍ତି। କେବଳ ସେତିକି ନୁହେଁ, ସେ ନିଜକୁ ଭାଜପାର ଜଣେ କର୍ମୀ ବୋଲି କହିବାକୁ ପଛାଇ ନାହାନ୍ତି। ରାଜ୍ୟପାଳ ଭଳି ପଦବୀରେ ଥିବା ବ୍ୟକ୍ତିଙ୍କଠାରୁ ଏହା ଆଦୌ ଆଶା କରାଯାଇ ନ ଥାଏ। କିନ୍ତୁ ଯେଉଁମାନେ ରାଜନୀତିରୁ ଲୋଭ ଛାଡ଼ି ନ ଥାଆନ୍ତି, ସେମାନେ ଯେତେ ବଡ଼ ପଦପଦବୀରେ ଅବସ୍ଥାପିତ ହେଲେ ମଧ୍ୟ ତାଙ୍କର ଛୋଟଲୋକପଣିଆ ଯାଇ ନ ଥାଏ।

କଲ୍ୟାଣ ସିଂଙ୍କ ଭଳି କର୍ନାଟକ ରାଜ୍ୟପାଳ ବାଜୁଭାଇ ଭାଲାଙ୍କ ଭୂମିକା ମଧ୍ୟ ଅତୀତରେ ବିବାଦୀୟ ହୋଇପଡ଼ିଥିଲା। ଗତବର୍ଷ କର୍ନାଟକ ବିଧାନସଭା ନିର୍ବାଚନରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳି ନ ଥିଲା। କଂଗ୍ରେସ–ଜେଡିଏସ୍ ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରି ସରକାର ଗଢ଼ିବାକୁ ରାଜ୍ୟପାଳଙ୍କୁ ବିଧାୟକଙ୍କ ତାଲିକା ଦେଇଥିଲେ ମଧ୍ୟ ବାଜୁଭାଇ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କୁ ସରକାର ଗଢ଼ିବାକୁ ଡାକିଥିଲେ। ଅନୁରୂପ ଭାବେ ୨୦୧୮ରେ ମେଘାଳୟ ବିଧାନସଭା ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠତା ପାଇଥିବା ସତ୍ତ୍ୱେ ସେତେବେଳର ରାଜ୍ୟପାଳ ଗଙ୍ଗା ପ୍ରସାଦ ଏନ୍‌ପିପି ନେତା କନ୍‌ରାଡ ସାଙ୍ଗମାଙ୍କୁ ସରକାର ଗଢ଼ିବାକୁ ସୁଯୋଗ ଦେଇଥିଲେ। ବର୍ତ୍ତମାନର ମେଘାଳୟ ରାଜ୍ୟପାଳ ତଥାଗତ ରାୟ ପୁଲ୍‌ଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଘୋଷଣା କରିଥିଲେ ଯେ, କଶ୍ମୀରୀମାନଙ୍କୁ ଭାରତର ଅନ୍ୟ ପ୍ରାନ୍ତରୁ ବିଦା କରାଯାଉ। ତାଙ୍କର ଏଭଳି ମନ୍ତବ୍ୟ ଦେଶବ୍ୟାପୀ ବିବାଦ ସୃଷ୍ଟି କରିଥିଲା। ସେହିପରି ଗୋଆ ରାଜ୍ୟପାଳ ମୃଦୁଲା ସିହ୍ନା ଏବଂ କେଶରୀନାଥ ତ୍ରିପାଠୀ ବିହାର ରାଜ୍ୟପାଳ ଥିବା ବେଳେ ତାଙ୍କ ଭୂମିକା ମଧ୍ୟ ବିବାଦୀୟ ରହିଥିଲା। ଦେଖାଯାଉଛି, ମୋଦିଙ୍କ ଅମଳରେ ନିଯୁକ୍ତି ପାଇଥିବା ରାଜ୍ୟପାଳମାନେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠିପାରୁ ନାହାନ୍ତି। କଲ୍ୟାଣ ସିଂଙ୍କ କଥା ଦେଖିଲେ ସାମ୍ବିଧାନିକ ପଦବୀରେ ରହି ଦଳୀୟ ପ୍ରଚାରରେ ଯିବା ଦ୍ୱାରା ସେ ପଦବୀର ଗରିମା ନଷ୍ଟ କରିଛନ୍ତି। ଏମିତି ବି ଦେଖିଲେ ତାଙ୍କ ରାଜନୈତିକ କ୍ୟାରିୟର ବିବାଦୀୟ ରହିଆସିଛି। ୧୯୯୧–୯୨ରେ କଲ୍ୟାଣ ସିଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଥିବା ବେଳେ ହିନ୍ଦୁ କରସେବକମାନେ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦ ଭାଙ୍ଗିଥିଲେ।

ଭାରତରେ ବିଭିନ୍ନ ସମୟରେ ବିଶେଷକରି ରାଜ୍ୟଗୁଡ଼ିକରେ ସରକାର ଗଠନ ବେଳେ ରାଜ୍ୟପାଳଙ୍କ ଭୂମିକା ନିରପେକ୍ଷ ରହୁ ନ ଥିବା ଦେଖିବାକୁ ମିଳୁଛି। ଗତବର୍ଷ କର୍ନାଟକ ବିଧାନସଭା ନିର୍ବାଚନ ପରେ ଭାଜପା ଆଡ଼କୁ ଢଳି ବାଜୁଭାଇ ଯେଭଳି ୟେଦୁରପ୍ପାଙ୍କୁ ସରକାର ଗଢ଼ିବାକୁ ଆମନ୍ତ୍ରଣ କଲେ, ସେତେବେଳେ ତାଙ୍କର ଇସ୍ତଫା ଦାବି କରାଯାଇଥିଲା। ଆଉ କେତେକେ ଯୁକ୍ତି କରିଥିଲେ ଯେ, ରାଜ୍ୟପାଳ ପଦବୀ ଅଣ–ରାଜନୈତିକ ବ୍ୟକ୍ତିଙ୍କ ପାଇଁ ସଂରକ୍ଷିତ ରହିବା ଉଚିତ। ପୁଣି କୁହାଯାଇଥିଲା ଯେ, ବିଧାନସଭା ନିର୍ବାଚନ ବେଳେ କୌଣସି ରାଜନୈତିକ ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିଲେ, ସେଭଳି କ୍ଷେତ୍ରରେ ରାଜ୍ୟପାଳ କିଭଳି ପଦକ୍ଷେପ ନେବେ ସେଥିଲାଗି ସୁପ୍ରିମକୋର୍ଟ ନିର୍ଦ୍ଦିଷ୍ଟ ନିୟମାବଳୀ ସ୍ଥିର କରିବା ଉଚିତ। ଅନେକ ବୁଦ୍ଧିଜୀବୀ ବହୁ ସମୟରେ ରାଜ୍ୟପାଳଙ୍କ ପଦବୀର ଆବଶ୍ୟକତା ନେଇ ମଧ୍ୟ ପ୍ରଶ୍ନ ଉଠାଉଛନ୍ତି। ଆଜିର ପରିସ୍ଥିତି ଦେଖିଲେ କଲ୍ୟାଣ ସିଂଙ୍କ ଭଳି ବ୍ୟକ୍ତି ପକ୍ଷପାତ କରି ଏକ ନିର୍ଦ୍ଦିଷ୍ଟ ଦଳ ପାଇଁ ଯେତେବେଳେ ଭୋଟ ମାଗୁଛନ୍ତି, ସେଭଳି ସ୍ଥଳେ ରାଜ୍ୟପାଳ ପଦବୀ କେଉଁ ସ୍ତରରେ ଆସି ପହଞ୍ଚିଗଲାଣି ତାହା ସହଜରେ ଅନୁମେୟ। ଉଭୟ ପୂର୍ବର କଂଗ୍ରେସ ଓ ଏବକାର ଭାଜପା ସରକାର ସମୟରେ ରାଜ୍ୟପାଳମାନଙ୍କର ଚରିତ୍ର ଯେଉଁଭଳି ପଦାରେ ପଡୁଛି, ସେଥିରୁ ପ୍ରମାଣିତ ହେଉଛି ଯେ କଲ୍ୟାଣ ସିଂ, ତଥାଗତ ରାୟ, ଏନ୍. ଡି. ତିଓ୍ୱାରୀଙ୍କ ଭଳି ଲୋକ ଏହି ପଦବୀର ପ୍ରବଳ ମାନହାନି ଘଟାଉଛନ୍ତି। ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତି ନିରପେକ୍ଷ ନ ରହିଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଶୁଡ଼ିଯିବା ସୁନିଶ୍ଚିତ।

## ଚିରନ୍ତନୀ

ନିରାକାର କୋଳେ ମୋର
ସାକାର ଜୀବନ ଯିବି ରଚି,
ନାହିଁ ମଧ୍ୟେ ଚିହ୍ନାରିବି
ଅଛି ସବୁ ଅଛି! ଅଛି! ଅଛି!
(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 1 | | 8 | | | 6 | | | | | 0 | |
| C | | | | 3 | 7 | | 8 | | B | | 0 | 2 | 9 | E |
| | | 3 | | | E | | | | 6 | | | C | | |
| E | | | | | | D | | 5 | | 3 | A | | | 8 |
| | | 1 | | | | 3 | | | | 5 | | 4 | B | |
| | 3 | | | 2 | D | | | | | B | | 1 | 6 | 0 |
| 2 | | A | | | | | | | E | | | | | |
| 6 | | | 9 | | | A | D | | | | | | | |
| | 5 | | | | | 1 | | | 3 | | 4 | | | |
| | 4 | | | 6 | | | B | 7 | | | 8 | 5 | | 3 |
| | A | | | | | 5 | 7 | 3 | | | | | 1 | |
| 3 | E | 7 | | | A | | 9 | | 8 | | | | | |
| 9 | 8 | 6 | | B | | | | D | | | | E | | |
| 4 | 1 | | | | | | | 2 | | | | 9 | | 6 |
| | 0 | | | 8 | | | | | 9 | A | 5 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 1 | 2 | 9 | C | 3 | 4 | 8 | 5 | 7 | A | D | B | E | 6 |
| 6 | 7 | 9 | A | 8 | 0 | B | C | 3 | 5 | E | 2 | 4 | D | 1 |
| 8 | A | 5 | 2 | 4 | D | 7 | 1 | E | B | 3 | 6 | 0 | 9 | C |
| 4 | B | D | E | 6 | 1 | 2 | A | 0 | C | 9 | 8 | 3 | 7 | 5 |
| E | C | 3 | 7 | B | 5 | 9 | D | 6 | 4 | 1 | 0 | A | 8 | 2 |
| A | 3 | 0 | 8 | 2 | 9 | 5 | 7 | B | D | C | 4 | 6 | 1 | E |
| 5 | 4 | 1 | 6 | D | B | 8 | E | A | 0 | 2 | 7 | 9 | C | 3 |
| C | 9 | 8 | 4 | 7 | A | 6 | 3 | 2 | E | 5 | 1 | D | 0 | B |
| 2 | D | B | 1 | 5 | E | 0 | 9 | C | 3 | 6 | A | 7 | 4 | 8 |
| 7 | E | 6 | 3 | 0 | C | 1 | 4 | D | 8 | B | 9 | 2 | 5 | A |
| 9 | 0 | C | B | E | 8 | D | 6 | 1 | A | 4 | 3 | 5 | 2 | 7 |
| B | 8 | 4 | C | 3 | 7 | E | 2 | 9 | 6 | 0 | 5 | 1 | A | D |
| 1 | 6 | A | D | 9 | 4 | C | 5 | 8 | 2 | 7 | B | E | 3 | 0 |
| 3 | 2 | E | 5 | 1 | 6 | A | 0 | 7 | 9 | D | C | 8 | B | 4 |
| D | 5 | 7 | 0 | A | 2 | 3 | B | 4 | 1 | 8 | E | C | 6 | 9 |

ଗତକାଲିର ଉତ୍ତର

# ଚାଷୀଙ୍କ ଦ୍ୱିଗୁଣ ଆୟ ଏକ ଭେଳିକି



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

୨୦୧୬ ଫେବୃୟାରୀ ୨୮ ତାରିଖ। ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ପାଇଁ ତୋଫାନୀ ପ୍ରଚାର କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ କରି କହିଥିଲେ ଯେ, ୨୦୨୨ ମସିହାରେ ଭାରତ ଯେତେବେଳେ ସ୍ୱାଧୀନତାର ୭୫ ବର୍ଷ ପାଳନ କରିବ, ମୁଁ ସେତେବେଳକୁ ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ଚାହେଁ। ଏହା ପରେ ପରେ, ଏପ୍ରିଲ ୨୦୧୬ରେ କୃଷି ବିଷୟରେ ଶିକ୍ଷିତ ତଥା ଭାରତ ସରକାରଙ୍କ କୃଷି ବିଭାଗର ଅତିରିକ୍ତ ସଚିବ ଥିବା ଅଶୋକ ଦଲ୍‌ୱାଇଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃ ମନ୍ତ୍ରିମଣ୍ଡଳୀୟ କମିଟି ଗଠନ କରାଗଲା। ଏତେ ବଡ଼ ଘୋଷଣା ସରକାର କରିଦେଲେ, କିନ୍ତୁ ସେତେବେଳେ କୃଷକଙ୍କ ଆୟ କେତେ ଥିଲା ସରକାରଙ୍କ ପାଖରେ ତାହାର କିଛି ବିଶେଷ ତଥ୍ୟ ନ ଥିଲା। ୨୦୧୩–୧୪ ମସିହାରେ 'ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ' (ଏନ୍‌ଏସ୍‌ଏସ୍‌ଓ) କରିଥିବା ଏକ ଛୋଟ ସର୍ବେକ୍ଷଣକୁ ଦଲ୍‌ୱାଇ କମିଟି ଭିତ୍ତି ଭାବେ ନେଲେ। ସେହି ସର୍ବେକ୍ଷଣରେ ଏନ୍‌ଏସ୍‌ଏସ୍‌ଓ ୨୦୧୨ ଜୁଲାଇରୁ ୨୦୧୩ ଜୁନ୍ କୃଷିବର୍ଷର 'କୃଷକ ପରିବାରର ପରିସ୍ଥିତି ଅନୁଶୀଳନ' କରିଥିଲେ। ତାହା କୃଷକଙ୍କ ଆୟ ଉପରେ ଖାସ୍ ଜୋର ଦେଇ ନ ଥିଲେ ବି ସେହି ବର୍ଷ ଦେଶର ବିଭିନ୍ନ ରାଜ୍ୟରେ କୃଷକଙ୍କ ହାରାହାରି ଆୟ କେତେ ରହିଥିଲା ତାହାର ଏକ ଚିତ୍ର ଦେଇଥିଲା। ସେହି ସର୍ବେକ୍ଷଣର ତଥ୍ୟକୁ ଭିତ୍ତିକରି ଦଲ୍‌ୱାଇ କମିଟି ଅନୁମାନ କଲେ ଯେ, ୨୦୧୫–୧୬ ମସିହାରେ କୃଷକଙ୍କ ବାର୍ଷିକ ହାରାହାରି ଆୟ ୯୬,୭୦୩ ଟଙ୍କା ଥିଲା। ଏହି ଅନୁମାନ ଅନୁସାରେ ଦଲ୍‌ୱାଇ କମିଟି ହିସାବ କଲେ ଯେ, ୨୦୨୨–୨୩ ବେଳକୁ ବା ସାତବର୍ଷରେ କୃଷକଙ୍କ ହାରାହାରି ବାର୍ଷିକ ଆୟ ଦୁଇଗୁଣ କରିବାକୁ ହେଲେ ତାଙ୍କ ହାରାହାରି ଆୟ ୨,୧୯,୭୨୪ ଟଙ୍କା ହେବା ଦରକାର।


ସେହି ସାତବର୍ଷରୁ ତିନି ବର୍ଷ ଯାଇସାରିଲାଣି। ଏହି ଲକ୍ଷ୍ୟ କେମିତି ହାସଲ ହେଉଛି ବା ହାସଲ ହେବ ନା ନାହିଁ ତାହାର କୌଣସି ଉତ୍ତର ଭାରତ ସରକାରଙ୍କ ପାଖରେ ନାହିଁ। ଏହି ପ୍ରସଙ୍ଗରେ ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନ ମାଧ୍ୟମରେ ସାଂସଦ ମହମ୍ମଦ ନାଦିମୁଲ ହକ୍ ସିଧାସଳଖ କିଛି ପ୍ରଶ୍ନ ପଚାରିଥିଲେ। ଗୋଟିଏ ପ୍ରଶ୍ନ ଥିଲା, ଗତ ତିନିବର୍ଷରେ କୃଷକଙ୍କ ହାରାହାରି ବାର୍ଷିକ ଆୟ କେତେ ରହିଥିଲା? ୦୮।୦୨।୧୯ ତାରିଖରେ ସେହି ପ୍ରଶ୍ନର ଉତ୍ତରରେ ସରକାର କହିଲେ ଯେ, ଏ ବିଷୟରେ ଗତ ତିନିବର୍ଷ ମଧ୍ୟରେ କୌଣସି ତଥ୍ୟ ସଂଗ୍ରହ କରାଯାଇ ନାହିଁ। ବଡ଼ ଆଶ୍ଚର୍ଯ୍ୟ! ଏତେ ବଡ଼ ଯୋଜନା, କିନ୍ତୁ ତଥ୍ୟ ସଂଗ୍ରହର ଉଦ୍ୟମ ବି ନାହିଁ? ରାଜ୍ୟ ସଭାରେ ଆଉ ଏକ ପ୍ରଶ୍ନ ଥିଲା, ସରକାର କୃଷି ଆୟ ଦୁଇଗୁଣା କରିବା ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପର କ'ଣ ପ୍ରଭାବ ପଡ଼ିଛି? ଏହାର ଉତ୍ତରରେ କେବଳ ଯୋଜନାଗୁଡ଼ିକର ନାଁ ବତାଇ ମନ୍ତ୍ରୀ ମୂଳ ପ୍ରଶ୍ନକୁ ସମ୍ପୂର୍ଣ୍ଣ ବାଆଁରେଇ ଦେଲେ।

ନୀତି ଆୟୋଗ ମାର୍ଚ୍ଚ ୨୦୧୭ରେ କୃଷକଙ୍କ ଆୟ ଦୁଇଗୁଣ ସନ୍ଦର୍ଭରେ ଏକ ନୀତି ଚିଠା ପ୍ରସ୍ତୁତ କରିଥିଲେ। ସେହି ନୀତି ଚିଠାକୁ ଆୟୋଗର ଜଣେ ସଦସ୍ୟ ରମେଶ ଚାନ୍ଦ ପ୍ରସ୍ତୁତ କରିଥିଲେ। ସରକାରଙ୍କ ସ୍ତରରେ ତଥ୍ୟ ମିଳୁ ନ ଥିବା ବେଳେ ସେହି ଚିଠାରେ ଚାନ୍ଦ ନିଜେ ପୂର୍ବରୁ କରିଥିବା ଏକ ଅଧ୍ୟୟନର ତଥ୍ୟ ପ୍ରଦାନ କରିଥିଲେ। ସେଥିରେ କହିଥିଲେ ଯେ, ୧୯୯୩–୯୪ରୁ ୨୦୧୫–୧୬ ବା ୨୨ବର୍ଷ ମଧ୍ୟରେ କୃଷକଙ୍କ ମୁଣ୍ଡ ପିଛା ପ୍ରକୃତ ଆୟ ବାର୍ଷିକ ହାରାହାରି ୩.୪% ହାରରେ ବଢ଼ିଥିଲା। ତେବେ ସେହି ଅଧ୍ୟୟନରେ ଥିବା ଅନ୍ୟ ଏକ ଚିତ୍ର ଭାରି ଚିନ୍ତାଜନକ ଥିଲା। ସେହି ୨୨ ବର୍ଷରେ କୃଷି ପରିବାର ମୁଣ୍ଡ ପିଛା ଆୟ ହାରାହାରି ୩.୪% ହାରରେ ବଢ଼ିଥିବା ବେଳେ ସେହି ଅବଧିର ଶେଷ ପାଞ୍ଚବର୍ଷରେ ଏହି ବୃଦ୍ଧିହାର ମାତ୍ର ୦.୪୪% ଥିଲା, ଯାହା ଅତ୍ୟନ୍ତ ନୈରାଶ୍ୟଜନକ। ସେହି ନୀତି ଚିଠାରେ ହିଁ କୁହାଯାଇଛି ଯେ ୨୦୧୫–୧୬କୁ ଭିତ୍ତି ବର୍ଷ ହିସାବରେ ନେଇ ୨୦୨୨–୨୩ ସୁଦ୍ଧା ସାତବର୍ଷରେ କୃଷକଙ୍କ ଆୟ ଦୁଇଗୁଣ ହେବା ପାଇଁ ଆୟ ପ୍ରତିବର୍ଷ ହାରାହାରି ୧୦.୪୧% ହାରରେ ବଢ଼ିବା ଦରକାର। ଉଭୟ ନୀତି ଆୟୋଗଙ୍କ 'ନୀତି ଚିଠା'ରେ ଓ ଦଲ୍‌ୱାଇ କମିଟି କୃଷକଙ୍କ ଆୟ ଦୁଇଗୁଣ କରିବା ପାଇଁ ଚିହ୍ନଟ କରିଥିବା ଅନେକ ଉପାୟ ମଧ୍ୟରେ ଫସଲର ଉତ୍ପାଦନ ବା ଉତ୍ପାଦକତା ଏକ ପ୍ରଧାନ ଆବଶ୍ୟକତା ବୋଲି ଚିହ୍ନଟ କରାଯାଇଛି। 'ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ଇକୋନୋମିକ୍ସ ଆଣ୍ଡ ପଲିସି ରିସର୍ଚ୍ଚ'ର ଏକ ଅଧ୍ୟୟନ ଅନୁସାରେ ୨୦୦୪ରୁ ୨୦୧୨ ମଧ୍ୟରେ ମୋଟ କୃଷି ଉତ୍ପାଦକତା ହାରାହାରି ୨.୬% ହାରରେ ହିଁ ବଢ଼ିଥିଲା। ଏହି ହାରରେ ବଢ଼ିଲେ ୨୦୨୨–୨୩ ବେଳକୁ ଆୟ ମାତ୍ର ୨୬.୩% ହିଁ ହେବ। ଦଲ୍‌ୱାଇ କମିଟିର ଆକଳନ ଅନୁଯାୟୀ, ଚଳନ୍ତି ହାରରେ ଆୟ ଅଭିବୃଦ୍ଧି ଘଟିଲେ ୨୦୨୨–୨୩ ବେଳକୁ ଦୁଇଗୁଣ ବା ୧୦୦% ନ ବଢ଼ି ମାତ୍ର ୬୬.୫% ହିଁ ବଢ଼ିବ।

ଏହାର ସାରାଂଶ ହେଲା ଯେ, ସାତବର୍ଷରେ ଆୟ ଦୁଇଗୁଣ କରିବାକୁ ହେଲେ ଅନେକ କିଛି ଅଧିକ କରିବାର ଆବଶ୍ୟକତା ଅଛି। ଗତ ଚାରିବର୍ଷରେ ସେମିତି କିଛି ଅସାଧାରଣ ହୋଇଥିବାର ବି ସୂଚନା ମିଳିନାହିଁ। ସରକାର ଆୟ ଦୁଇଗୁଣ କରିବା ଘୋଷଣା କରିଦେଇଛନ୍ତି, କିନ୍ତୁ ଚାଷୀଙ୍କ ଆୟ ପ୍ରକୃତରେ କେତେ ବଢୁଛି, ତାହା ଉପରେ ନଜର ରଖିବା ପାଇଁ କୌଣସି ଠୋସ୍ ବ୍ୟବସ୍ଥା ଆରମ୍ଭ କରିନାହାନ୍ତି। ତଥ୍ୟ ନ ଥିବା ବା ତଥ୍ୟ ଲୁଚାଯାଉଥିବା ବେଳେ ଫସଲର ଉତ୍ପାଦନ ତଥା କୃଷି କ୍ଷେତ୍ରରୁ ସମୁଦାୟ ଆୟ (କୃଷି ଜିଡିପି)ର ଯାହା ତଥ୍ୟ ମିଳୁଛି ତାହା ଅତ୍ୟନ୍ତ ଚିନ୍ତା–ଉଦ୍ରେକକାରୀ। ଚଳିତ ବର୍ଷର ଅର୍ଥନୈତିକ ସର୍ବେକ୍ଷଣ ଉପସ୍ଥାପନ କରାଯାଇନାହିଁ। ଗତବର୍ଷର ଅର୍ଥନୈତିକ ସର୍ବେକ୍ଷଣରେ କୁହାଯାଇଥିଲା ଯେ ୨୦୧୭–୧୮ ବର୍ଷରେ ଭାରତରେ କୃଷିକ୍ଷେତ୍ରର ବିକାଶ ହାର ୨.୧% ରହିବ। କେନ୍ଦ୍ର ସରକାରଙ୍କ 'ସେଣ୍ଟ୍ରାଲ ଷ୍ଟାଟିଷ୍ଟିକାଲ ଅଫିସ' ଫେବୃୟାରୀ ୨୮ ତାରିଖରେ ୨୦୧୮–୧୯ ବର୍ଷ ପାଇଁ ଜାରି କରିଥିବା ଦ୍ୱିତୀୟ ପୂର୍ବାନୁମାନରେ ଅନୁମାନ କରିଛି ଯେ, ଚଳିତ ବର୍ଷ କୃଷି, ଜଙ୍ଗଲ ଓ ମତ୍ସ୍ୟ କ୍ଷେତ୍ରରେ ବିକାଶ ହାର ୨.୭% ରହିବ। ଏହି ବିକାଶ ହାର ଚାଷୀଙ୍କ ଆୟକୁ ୨୦୨୨–୨୩ ସୁଦ୍ଧା ଦୁଇଗୁଣ ଆଡ଼କୁ ଅଗ୍ରସର ହେଉଥିବାର ପୂର୍ବବର୍ଷମାନଙ୍କଠାରୁ କୌଣସି ଭାବରେ ଉନ୍ନତ ଥିବାର କିଛି ବି ଲକ୍ଷଣ ପ୍ରକାଶ କରୁନାହିଁ। ଭାରତର ମୋଟ ଜିଡିପି ହାର ପ୍ରାୟ ୮% ଥିବାବେଳେ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ୩%ରୁ କମ୍ ରହିବା ଏହି କ୍ଷେତ୍ରର ଅତ୍ୟନ୍ତ ଦୟନୀୟ ସ୍ଥିତିକୁ ହିଁ ଦର୍ଶାଏ।

ଏବେ ନିର୍ବାଚନ ଋତୁ। କୃଷକଙ୍କ ଆୟ ଦୁଇଗୁଣ କରିବା ସରକାରଙ୍କର ଏକ ବଡ଼ ଘୋଷଣା ଥିଲା। ଏହା ଦେଶର ୭୦% ପରିବାର, ଯେଉଁମାନେ କୃଷିକ୍ଷେତ୍ର ଉପରେ ପ୍ରାଥମିକ ଭାବରେ ନିର୍ଭରଶୀଳ, ତାଙ୍କ ପାଇଁ ଓ ଦେଶ ପାଇଁ ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଭଳି ଏକ ବଡ଼ ଘୋଷଣା କରିଥିବା ପ୍ରଧାନମନ୍ତ୍ରୀ ମୋଦି ଏହାକୁ ଚଳିତ ନିର୍ବାଚନରେ ଏକ ପ୍ରମୁଖ ମୁଦ୍ଦା କରିଥିଲେ ତାହା ସକାରାତ୍ମକ ରାଜନୀତିର ଏକ ଉଦାହରଣ ହୋଇଥାନ୍ତା। କିନ୍ତୁ ସେପରି ହେବାର କିଛି ସୂଚନା ମିଳୁନାହିଁ। ନିର୍ବାଚନୀ ସଭାରେ ମୋଦି ଏହାର ନାଁ ହିଁ ଧରୁନାହାନ୍ତି। ବିରୋଧୀ ଦଳ ବି ଏହି ଘୋଷଣାରେ ସରକାରଙ୍କ ବିଫଳତାକୁ ପ୍ରମୁଖ ପ୍ରସଙ୍ଗ କରିପାରିନାହାନ୍ତି। ପ୍ରମୁଖ ଗଣମାଧ୍ୟମରେ ଏହାର ଚର୍ଚ୍ଚା ବିଲ୍‌କୁଲ୍ ନାହିଁ କହିଲେ ଚଳେ। କୃଷକଙ୍କ ଆୟ ଦୁଇଗୁଣ ବଢ଼ାଇବା ଏକ ସ୍ୱାଗତଯୋଗ୍ୟ ଘୋଷଣା ଥିଲା। ତେବେ ଏହା ସହ ଜଡ଼ିତ କୌଣସି ଲକ୍ଷଣ ଟିକିଏ ବି ଆଶା ଉଦ୍ରେକ କରାଇପାରୁନାହିଁ। ଏହା ବି ଏକ ଭେଳିକି ନ ହେଉ।

# ମଞ୍ଚନାଟକର ଦୁର୍ଦ୍ଦିନ



ଅଭୟ କୁମାର ଦାସ

ମଞ୍ଚନାଟକର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖକୁ ବିଶ୍ୱ ଥିଏଟର ବା ରଙ୍ଗମଞ୍ଚ ଦିବସ ରୂପେ ସାରା ବିଶ୍ୱରେ ପାଳନ କରାଯାଇଥାଏ। ୧୯୬୧ ମସିହାରେ ଇଣ୍ଟରନ୍ୟାଶ୍‌ନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ସାରା ବିଶ୍ୱରେ ଏହିଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ମଞ୍ଚନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ।

କଳା, ସଂସ୍କୃତିର ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପ୍ରକୃତ ପକ୍ଷେ ଦେଖିଲେ ଆଜିକା ସମୟରେ ଏହି ଦିବସଟି କେବଳ ଲୋକଦେଖାଣିଆ ଭାବେ ପାଳିତ ହେଉଛି। ଦିନ ଥିଲା ଓଡ଼ିଶାରେ ନାଟକର ଲୋକାଦୃତି ଥିଲା ସର୍ବାଧିକ। ପ୍ରଥମେ ପୌରାଣିକ ଓ ଐତିହାସିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା। ବର୍ତ୍ତମାନ ଯୁଗରେ ମଞ୍ଚନାଟକର ଆଦର ପ୍ରାୟ ନାହିଁ କହିଲେ ଚଳେ। ସବୁଠାରୁ ଦୁଃଖଦ ବିଷୟ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ ଅଳ୍ପ କିଛି ନାଟ୍ୟ ଅନୁଷ୍ଠାନ ଉଦ୍ୟମ କରୁଛନ୍ତି, ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ କି ସମର୍ଥନ ମିଳୁନାହିଁ। ଏହାଦ୍ୱାରା ଗତ ପାଞ୍ଚବର୍ଷ ଭିତରେ ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ରାଜଧାନୀର ଯେଉଁ ତିନୋଟି ମଣ୍ଡପରେ ନାଟକ ପରିବେଷଣ ହୋଇଥାଏ ସେଥିମଧ୍ୟରୁ ରବୀନ୍ଦ୍ର ମଣ୍ଡପର ଭଡ଼ା ବୃଦ୍ଧି ପାଇଛି। ଅନ୍ୟ ଦୁଇଟି ଭଞ୍ଜକଳା ମଣ୍ଡପ ଓ ଉତ୍କଳ ମଣ୍ଡପ ରହିଥିଲେ ବି ପୂର୍ବପରି ଆଉ ନାଟକ ପରିବେଷଣ ହେଉନାହିଁ। ରବୀନ୍ଦ୍ର ମଣ୍ଡପରେ ଦିନକୁ ଭଡ଼ା ସହ ଉନ୍ନୟନ ଫି ସର୍ବାଧିକ ଥିବାରୁ ମାଗଣାରେ ନାଟକ ପରିବେଷଣ କରୁଥିବା ନାଟ୍ୟ ଅନୁଷ୍ଠାନ ସେତିକି ଭଡ଼ା ଦେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। କାରଣ ମାଗଣାରେ ପରିବେଷଣ କରାଯାଉଥିବା ନାଟକରେ ଅଭିନୟ କରୁଥିବା କଳାକାରମାନଙ୍କୁ ମଧ୍ୟ କିଛି ଅର୍ଥ ଦିଆଯାଇଥାଏ। ସେହି ପରିପ୍ରେକ୍ଷୀରେ ମଣ୍ଡପର ଉନ୍ନୟନ ଫି ବୋଝ ଉପରେ ନଳିତାବିଡ଼ା ସଦୃଶ। ତେବେ ଭଞ୍ଜକଳା ମଣ୍ଡପକୁ ଦର୍ଶକ କମ୍ ଆସନ୍ତୁ ପଛେ ଉନ୍ନୟନ ଫି କମ୍ ଥିବାରୁ ଏଠାରେ ନାଟକ ପରିବେଷଣ କରିବାକୁ ନାଟ୍ୟ ଅନୁଷ୍ଠାନଗୁଡ଼ିକ ଆଗ୍ରହୀ ହୋଇଥାନ୍ତି।

## ବିଶ୍ୱ ରଙ୍ଗମଞ୍ଚ ଦିବସ ଉପଲକ୍ଷେ

ରାଜ୍ୟରେ ନାଟକର ବିକାଶ ପାଇଁ ଯେଉଁସବୁ ଉଦ୍ୟମ କରାଯାଉଛି ବୋଲି କୁହାଯାଉଛି ତାହା ପ୍ରକୃତରେ ଲୋକଦେଖାଣିଆ। ଅନେକ ଅନୁଷ୍ଠାନ ଏପରି ସମସ୍ୟା ପାଇଁ ନାଟକ ପରିବେଷଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିବାବେଳେ ଆଉ କିଛି ନାଟ୍ୟ ଅନୁଷ୍ଠାନର କର୍ତ୍ତୃପକ୍ଷ ନାଟକ ମଞ୍ଚସ୍ଥ କରିବାକୁ ସାହସ କରୁନାହାନ୍ତି। ତେବେ ପ୍ରକୃତ କଥା ହେଉଛି ଆଜିକାଲି ଘରେ ଘରେ ଟେଲିଭିଜନ, ଇଣ୍ଟରନେଟ୍, ୟୁଟ୍ୟୁବ୍, ଫେସ୍‌ବୁକ୍ ଆଦିର ପ୍ରବଳ ଚାହିଦା। ଶସ୍ତା ମୂଲ୍ୟରେ ମୋବାଇଲ ଫୋନ୍‌ରେ ଏସବୁ ଜିନିଷ ସହଜରେ ଉପଲବ୍ଧ ହେଉଥିବାରୁ ରାତି ଅନିଦ୍ରା ହୋଇ ଟିକେଟ କାଟି ନାଟକ ଦେଖିବାକୁ ଆଉ ପୂର୍ବପରି ଆଗ୍ରହ ରଖୁନାହାନ୍ତି ଦର୍ଶକ। ସେଥିପାଇଁ ନାଟ୍ୟକଳାକାର, ନାଟ୍ୟକାର, ନାଟ୍ୟ ଅନୁଷ୍ଠାନ ପ୍ରଭୃତିର ଆଗ୍ରହ ମଧ୍ୟ ମଉଳିଯାଉଛି। ଭାରତରେ ବିଶେଷକରି ଦକ୍ଷିଣ ଭାରତରେ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ନିଜ ଆଞ୍ଚଳିକ ଭାଷାର ନାଟକ ପ୍ରସ୍ତୁତ ହେଉଛି। ଏହାକୁ ଦେଖିବା ପାଇଁ ଦର୍ଶକମାନେ ବି ଟିକେଟ କାଟି ସମ୍ପୃକ୍ତ ନାଟ୍ୟସଂସ୍ଥା ବା ମଣ୍ଡପକୁ ଯାଉଛନ୍ତି। କିନ୍ତୁ ଆମ ଓଡ଼ିଶାରେ ଟିକେଟ ବ୍ୟବସ୍ଥା ନ ଥାଇ ମାଗଣାରେ ନାଟକ ପ୍ରଦର୍ଶନ ହେଉଥିଲେ ବି ଦେଖିବାକୁ ଦର୍ଶକ ଆସୁନାହାନ୍ତି। ତଥାପି ନାଟକ ଦେଖିବା ପାଇଁ ଶ୍ରଦ୍ଧା ରଖୁଥିବା ଅନେକ ଦର୍ଶକ ଅଛନ୍ତି, ଯେଉଁମାନଙ୍କୁ ଯଥାର୍ଥରେ ଜଣେ ଜଣେ କଳାପ୍ରାଣ ବା କଳାର ପୂଜାରୀ କୁହାଯାଇପାରେ। କିନ୍ତୁ ନିତିଦିନିଆ ବ୍ୟସ୍ତ ଜୀବନର ଗୁରୁଦାୟିତ୍ୱ ସେମାନଙ୍କୁ ନାଟ୍ୟସଂସ୍ଥାରେ ପହଞ୍ଚାଇବା ପାଇଁ ପ୍ରତିବନ୍ଧକ ସାଜିଥାଏ। ସିନେମା ହଲ୍‌ରେ ପଚାଶରୁ ଶହେ ଟଙ୍କା ପର୍ଯ୍ୟନ୍ତ ଦେଇ ଟିକେଟ କାଟି ବା ଭିଡିଓ କିଣି ଘରେ ସିଡୀ ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକେ ମଞ୍ଚନାଟକ ଦେଖିବା ପାଇଁ ଯଦି ଇଚ୍ଛା ନ କରିବେ ତା'ହେଲେ ନାଟ୍ୟକାର ହୁଅନ୍ତୁ ବା ନାଟକ ଆୟୋଜନ କରୁଥିବା ନାଟ୍ୟସଂସ୍ଥା କରିବେ କ'ଣ? ତେଣୁ ମଞ୍ଚନାଟକକୁ ଭଲ ପାଇବା ଏବଂ ଏଥି ପ୍ରତି ସହଯୋଗ ବା ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିନ୍ତ ଭାବେ ଆମ ସମସ୍ତଙ୍କର।

ଗୋତରା, ମାହାଙ୍ଗା, କଟକ,
ମୋ– ୯୪୩୭୧୪୨୭୧୭

## ଏଇ ଭାରତରେ

ଏୟାର ଇଣ୍ଡିଆର ଏକ ବିମାନ ରବିବାର ଦିଲ୍ଲୀରୁ ଶିକାଗୋ ଯାତ୍ରା କରୁଥିବାବେଳେ ଏଥିରେ ଥିଲେ ସୁଧା ସତ୍ୟନ୍ ନାମକ ଜଣେ ମହିଳା। ବିମାନ ମଧ୍ୟରେ କ୍ୟାପଟେନ୍‌ଙ୍କ ନାଁ ଘୋଷଣା ହେଲାବେଳେ ସୁଧା ୩୦ବର୍ଷ ତଳକୁ ଫେରି ଯାଇଥିଲେ। ସେ ପ୍ଲେ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଭାବେ କାମ କରୁଥିଲାବେଳେ ଜଣେ ୩ବର୍ଷର ବାଳକକୁ ନାଁ ପଚାରିବାରୁ ସେ କହିଥିଲେ କ୍ୟାପ୍‌ଟେନ୍ ରୋହନ୍ ଭାସିନ୍। ଆଉ ସେ ଏବେ ସତକୁ ସତ ବିମାନର କକ୍‌ପିଟ୍‌ରେ। ଏହାପରେ ସୁଧା ଏୟାରହୋଷ୍ଟେସ୍‌ଙ୍କୁ ପାଇଲଟ୍‌ଙ୍କ ସହ ଦେଖା କରିବାକୁ ଅନୁରୋଧ କରିଥିଲେ। କିଛି ସମୟ ପରେ ଏୟାରହୋଷ୍ଟେସ୍ ସୁଧାଙ୍କୁ ପାଇଲଟ୍‌ଙ୍କ ସହିତ ଦେଖା କରାଇବା ପରେ ଜଣାପଡ଼ିଲା ସୁଧା ହେଉଛନ୍ତି ପାଇଲଟ୍ ରୋହନ୍‌ଙ୍କର ସେହି ପ୍ଲେ ସ୍କୁଲ୍‌ର ଶିକ୍ଷୟିତ୍ରୀ, ଯାହାଙ୍କୁ ରୋହନ୍ ପିଲାଦିନେ ନିଜ ନାଁ କହିବା ବେଳେ 'କ୍ୟାପଟେନ୍ ରୋହନ୍ ଭାସିନ୍' ବୋଲି କହିଥିଲେ। ଏହା ଜାଣିବା ପରେ ସୁଧା ୩୦ବର୍ଷ ତଳର ସ୍ମୃତି ମନେପକାଇ ରୋହନ୍‌ଙ୍କୁ କୁଣ୍ଢାଇ ପକାଇଥିଲେ। ତାଙ୍କ ଆଖି ଆନନ୍ଦାଶ୍ରୁରେ ଛଳଛଳ ହୋଇଯାଇଥିଲା। ଉଭୟ ଛାତ୍ର ଏବଂ ଶିକ୍ଷୟିତ୍ରୀ ଏକ ଫଟୋ ଉଠାଇଥିଲେ। ୩୦ବର୍ଷ ପୂର୍ବର ଏବଂ ଏବେକାର ଏକ ଫଟୋକୁ ରୋହନଙ୍କ ମା' ସୋସିଆଲ ମିଡିଆରେ ଶେୟାର କରିବା ପରେ ଏହାକୁ ଦେଖି ଅନେକେ ଲାଇକ୍ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ମାର୍ଚ୍ଚ ୧୯୯୪

- ଗାଜା ଓ ଜେରିକୋ ଅଞ୍ଚଳରେ ପାଲେଷ୍ଟିନୀୟଙ୍କୁ ସ୍ୱାୟତ୍ତ ଶାସନ ସୁବିଧା ପ୍ରଦାନ ପାଇଁ ଇସ୍ରାଏଲ ଏବଂ ପାଲେଷ୍ଟାଇନ ମୁକ୍ତି ସାମ୍ମୁଖ୍ୟ ମଧ୍ୟରେ ଆଲୋଚନା ଆରମ୍ଭ।
- ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଭୀଷଣ ବର୍ଷା ହେବା ଫଳରେ ବନ୍ୟା ଆସି ୫ଟି ଗ୍ରାମ ଧୋଇ ହୋଇଯିବା ଫଳରେ ୯ଜଣଙ୍କ ମୃତ୍ୟୁ।
- ତାଳଚେର ନିକଟବର୍ତ୍ତୀ ବାଲୁଗାଁଠାରେ କିରୋସିନ ଡ୍ରମ୍‌ରେ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମୁଛି କାହିଁକି

ମହାଶୟ,

ଆମ ରାଜ୍ୟରେ ଜନସଂଖ୍ୟା ବଢୁଛି, ବିଦ୍ୟାଳୟ ସଂଖ୍ୟା ବଢୁଛି ଏବଂ ଶିକ୍ଷକଙ୍କ ସଂଖ୍ୟା ବଢୁଛି। ମାତ୍ର ପ୍ରତିବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମୁଛି। ୨୦୧୭ରେ ରାଜ୍ୟରେ ୬ ଲକ୍ଷ ୮ ହଜାର ଓ ୨୦୧୮ରେ ୫ ଲକ୍ଷ ୯୦ ହଜାର ପିଲା ପରୀକ୍ଷା ଦେଇଥିବା ବେଳେ ୨୦୧୯ରେ ୫ ଲକ୍ଷ ୮୭ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ପ୍ରତିବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ପାଇବା ସମ୍ପର୍କରେ ସରକାରଙ୍କ ତରଫରୁ ବ୍ୟାପକ ଅନୁସନ୍ଧାନ ଓ ନିରାକରଣର ବ୍ୟବସ୍ଥା ହେବା ଉଚିତ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ବିଦ୍ୟୁତ୍ ବିଲ୍ ହିସାବ କ୍ରମ

ବର୍ତ୍ତମାନ ବିଦ୍ୟୁତ୍ ବିଲ୍ ବାବଦକୁ ପ୍ରଥମ ୫୦ ୟୁନିଟ୍‌କୁ ଟ୨.୫୦ ପଇସା, ପରବର୍ତ୍ତୀ ୫୦ରୁ ୨୦୦ ୟୁନିଟ୍ ପାଇଁ ଟ୪.୩୦ ପଇସା, ୨୦୦ରୁ ୩୦୦ ୟୁନିଟ୍ ପାଇଁ ଟ୫.୩୦ ପଇସା ଏବଂ ୩୦୦ରୁ ୫୦୦ ୟୁନିଟ୍ ପାଇଁ ଟ୫.୭୦ ପଇସା ନିଆଯାଉଛି। କିନ୍ତୁ କେତେକ ବିଦେଶୀ ରାଷ୍ଟ୍ରରେ ଠିକ୍ ଏହାର ଓଲଟା କ୍ରମରେ ବିଲ୍ ଦିଆଯାଏ। ଫଳରେ ଯେଉଁମାନେ ଅଧିକ ୟୁନିଟ୍ ବିଦ୍ୟୁତ୍ ଜାଳୁଛନ୍ତି ସେମାନେ କୌଣସି ପ୍ରକାର ଚୋରି କରନ୍ତି ନାହିଁ। କାରଣ ସେମାନେ ଯେତେ ଅଧିକ ଜାଳିବେ ସେହି କ୍ରମ ଅନୁସାରେ ତାଙ୍କୁ କମ୍ ବିଲ୍ ଦେବାକୁ ପଡିବ। ଏପରି ହେଲେ ବିଦ୍ୟୁତ୍ ଚୋରି ବହୁ ପରିମାଣରେ କମିଯିବ। କର୍ତ୍ତୃପକ୍ଷ ଏ ବିଷୟରେ ଥରେ ଚିନ୍ତା କରନ୍ତୁ।

ସୁରେନ୍ଦ୍ର କୁମାର ନାୟକ, ସୁନହଟ, ବାଲେଶ୍ୱର

### ନକଲି ଦେଶପ୍ରେମୀ

ଡ. ଚିନ୍ତାମଣି ପଣ୍ଡା ତାଙ୍କର 'ନକଲି ଦେଶପ୍ରେମୀ' ଶୀର୍ଷକରେ ଅତିସୁନ୍ଦର ବାସ୍ତବ ଚିତ୍ରକୁ ଉପସ୍ଥାପନା କରିଛନ୍ତି, ଯାହା ଦୈନିକ ଧରିତ୍ରୀର ୧ ମାର୍ଚ୍ଚ ୨୦୧୯ ସଂସ୍କରଣରେ ପ୍ରକାଶିତ ହୋଇଛି। ଉକ୍ତ ଲେଖାଟି ମୋତେ କାହିଁକି, ଆଜିର ସଚେତନ ନାଗରିକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଆଗକୁ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଉକ୍ତ ଆଲେଖ୍ୟଟି ସମାଜକୁ ଏକ ଦିଗ୍‌ଦର୍ଶନ ଦେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ବନମାଳୀ ବେହେରା, ଭଗବତୀ ସ' ମିଲ ଲେନ୍, ଜଟଣୀ, ଖୋର୍ଦ୍ଧା

### ସ୍ୱଭାବେ ଅଭାବ ନଷ୍ଟ

ସାଧାରଣତଃ ଆମେ କହିଥାଉ 'ଅଭାବେ ସ୍ୱଭାବ ନଷ୍ଟ' କିନ୍ତୁ ଏହା ଠିକ୍ ନୁହେଁ। ସ୍ୱଭାବ ନଷ୍ଟ ହେଲେ ହିଁ ଅଭାବ ଘଟେ। ତେଣୁ ସ୍ୱଭାବକୁ ଠିକ୍ କଲେ ଅଭାବ ଦୂର ହେବ। ସେଥିପାଇଁ ଠାକୁର ଅନୁକୂଳଚନ୍ଦ୍ରଙ୍କ କହିଛନ୍ତି– 'ସ୍ୱଭାବେ ଅଭାବ ନଷ୍ଟ, ଏହା କିନ୍ତୁ ଖାଣ୍ଟି ସ୍ପଷ୍ଟ'। ଭାବ ମାନେ ହୋଇଉଠିବା। ଆମେ ଯେପରି ଖାଣ୍ଟି ହେବା ପ୍ରକୃତି ଆମକୁ ସେହିପରି ପୁରସ୍କାର ନିଶ୍ଚୟ ଦେବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

### ପେନ୍‌ସନଭୋଗୀଙ୍କୁ ଅଣଦେଖା

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଆମ ରାଜ୍ୟ ସରକାର ସବୁବର୍ଗର ସାଧାରଣ ଜନତାଙ୍କ ପାଇଁ ଅନେକ ଜନହିତକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କୃଷକ, ଶ୍ରମିକ, ନିର୍ମାଣ ଶ୍ରମିକ, ଶିଳ୍ପୀ, କାରିଗର, କଳାକାର, ଛାତ୍ରୀଛାତ୍ର, ଯୁବକ, ମହିଳା ସମସ୍ତଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ କିମ୍ବା ସ୍ୱରୋଜଗାରର ବ୍ୟବସ୍ଥା କରିଛନ୍ତି। ହେଲେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ 'ଚିକିତ୍ସା ଭତ୍ତା' ଦେବା ପାଇଁ ଘୋଷଣା କରୁନାହାନ୍ତି। ଏ ବିଷୟରେ ଏକାଧିକ ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଚିକିତ୍ସା ଭତ୍ତା ଅବସରପ୍ରାପ୍ତ କର୍ମଚାରୀଙ୍କର ଯଥାର୍ଥ ଓ ନ୍ୟାୟୋଚିତ ଦାବି। ପଞ୍ଚମ ବେତନ କମିଶନ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଦେବା ପାଇଁ ସୁପାରିସ କରିଥିଲେ। କେନ୍ଦ୍ର ସରକାର ଓ ଅନ୍ୟ ରାଜ୍ୟଗୁଡିକ ଏହି ଭତ୍ତା ପ୍ରଦାନ କରିଆସୁଛନ୍ତି। ଏବେ ୭ମ ବେତନ କମିଶନ ଲାଗୁ ହୋଇସାରିଥିଲେ ମଧ୍ୟ ଚିକିତ୍ସା ଭତ୍ତା ଆମ ରାଜ୍ୟରେ ଲାଗୁ ନ ହେବା ବଡ଼ ଦୁଃଖଦାୟକ। ରାଜ୍ୟ ସରକାର ଏ ଦାବିର ଯଥାର୍ଥତା ଉପଲବ୍ଧି କରି ତୁରନ୍ତ ନିଷ୍ପତ୍ତି ନେବେ ବୋଲି ଆଶା।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୩ ଶିଶୁ ଶ୍ରମିକ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୬।୩: ଶିଶୁ ଶ୍ରମିକ ବ୍ୟବସ୍ଥାକୁ ରୋକିବା ପାଇଁ ସରକାର ଓ ସାମାଜିକ କର୍ମୀଙ୍କ ଦ୍ୱାରା ନିରନ୍ତର ପ୍ରୟାସ ଜାରି ରହିଛି। ଏନେଇ ବ୍ୟାପକ ଜନ ସଚେତନତା ମଧ କରାଯାଉଛି। ତା' ସତ୍ତ୍ୱେ ମଧ ଶିଶୁ ଶ୍ରମିକ ରୋକାଯାଇ ପାରୁନାହିଁ। ବ୍ରହ୍ମପୁର ଚାଇଲ୍ଡ ଲାଇନ ତରଫରୁ ମଙ୍ଗଳବାର କୁକୁଡ଼ାଖଣ୍ଡି ବ୍ଲକ ଦକ୍ଷିଣପୁରରେ ଥିବା ଏକ ଚାଉମିନ କାରଖାନାରୁ ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ସେଠାରେ ବେଆଇନ ଭାବେ ଅତି ବିପଦପୂର୍ଣ୍ଣ ସ୍ଥିତିରେ ଶିଶୁମାନଙ୍କୁ କାମରେ ନିୟୋଜିତ କରାଯାଉଥିବା ନେଇ ୧୦୯୮ର ସହାୟତା ନମ୍ବରରେ ଯୋଗାଯୋଗ ପରେ ଚାଇଲ୍ଡ ଲାଇନ ଅଧିକାରୀମାନେ ସଦର ପୋଲିସ ସହାୟତାରେ ଶିଶୁମାନଙ୍କୁ ଉଦ୍ଧାର କରିଥିବା ନେଇ କେନ୍ଦ୍ର ସଂଯୋଜକ ସାଇ ପ୍ରସାଦ ସାମଲ କହିଛନ୍ତି। କାରଖାନା ମାଲିକ କମ ଦରମା ଦେଇ କୋମଳମତି ଶିଶୁମାନଙ୍କୁ ସେଠାରେ ଖଟାଉଥିଲେ ବୋଲି ଜଣାପଡ଼ିଛି। ଜିଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଶିଶୁମାନଙ୍କୁ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରିଥିଲେ । ପରେ ଶିଶୁମାନଙ୍କୁ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସେ ସୂଚନା ଦେଇଛନ୍ତି । ଚଢ଼ାଉ ବେଳେ ସଂସ୍ଥାର ଶୁଭଲକ୍ଷ୍ମୀ ବେହେରା (ଶିଶୁ ଶ୍ରମିକ ନିରୀକ୍ଷକ), କଲ୍ୟାଣ ସିଂ, ବଳରାମ ମଲିକ, ସଦର ଥାନା ପୋଲିସ ସହାୟତାରେ ସେଠାରେ ପହଞ୍ଚି ଶିଶୁମାନଙ୍କୁ ଉଦ୍ଧାର କରିଥିଲେ ବୋଲି ସାମଲ କହିଛନ୍ତି ।

### ପୂର୍ବତନ ମେୟରଙ୍କ ବାପା ଖଲି କୋର୍ଟରେ ହାଜର

ବ୍ରହ୍ମପୁର ଅଫିସ,୨୬।୩: ବ୍ରହ୍ମପୁର ମହାନଗର ନିଗମ ପୂର୍ବତନ ମେୟର ପିଣ୍ଟୁ ଦାସଙ୍କ ବାପା ଖଲି ଦାସ ମଙ୍ଗଳବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ କଡ଼ା ସୁରକ୍ଷା ବଳୟରେ ହାଜର ହୋଇଥିଲେ । ୨୦୧୬ ଜୁଲାଇ ୧୧ ତାରିଖରେ ପିଣ୍ଟୁ ଏବଂ ତାଙ୍କ ବାପା ଓ କେତେକ ସହଯୋଗୀ ବନ୍ଧୁକ ଦେଖାଇ ହଳଦିଆପଦରର ପ୍ରଶାନ୍ତ ସାହୁଙ୍କ ଜମି ହଡ଼ପ କରିଥିବା ନେଇ ସେ ଅଭିଯୋଗ କରିଥିଲେ। ଘଟଣା ପରଠାରୁ ଖଲି ଫେରାର ଥିବା ବେଳେ ଗତ ୧୨ ତାରିଖରେ ଗୋଷାଣୀନୂଆଗାଁ ଥାନା ପୋଲିସ ତାଙ୍କୁ ଗୋଷାଣୀନୂଆଗାଁ ମନ୍ଦିର ପାଖରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ଜେଲରେ ଥିବା ବେଳେ ଟାଉନ ଥାନା ପୋଲିସ ନଂ. ୧୦୨/୧୬ରେ ପୂର୍ବରୁ ହୋଇଥିବା ଜମି ହଡ଼ପ ମାମଲାରେ ଖଲିଙ୍କ ନାମରେ ହୋଇଥିବା ମାମଲାର ରିମାଣ୍ଡ ରିପୋର୍ଟ କୋର୍ଟରେ ଦାଖଲ କରିଥିଲା। ଖଲି ଓରଫ ରାମକୃଷ୍ଣ ଦାସଙ୍କୁ ଏସ୍‌ଡିଜେଏମଙ୍କ କୋର୍ଟରେ ମଙ୍ଗଳବାର ହାଜର କରାଯାଇଥିଲା । ତାଙ୍କ ଓକିଲ ପୂର୍ବରୁ ହାଇକୋର୍ଟରୁ ଏହି ମାମଲାରେ ସେ ଜାମିନ ପାଇଥିବା ନେଇ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ଏସ୍‌ଡିଜେଏମ୍ ସରୋଜିନୀ ସାହୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖଲିଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ବୋଲି ତାଙ୍କ ଓକିଲ ଶିବ ନାରାୟଣ ସାହୁ ସୂଚନା ଦେଇଛନ୍ତି । ଖଲିଙ୍କ ନାମରେ ୨୨ ମାମଲା ରହିଥିବା ବେଳେ ସେ ୧୮ ମାମଲାରେ ଜାମିନ ପାଇ ସାରିଛନ୍ତି। ତେବେ ତାଙ୍କ ନାମରେ ଆହୁରି ୪ ମାମଲା ଥିବାରୁ ତାଙ୍କୁ ଏହି ମାମଲାରେ ଜାମିନ ମିଳିଥିଲେ ମଧ ଅନ୍ୟ ମାମଲା ଜାମିନ ମିଳି ନ ଥିବା ଯୋଗୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ତାଙ୍କ ଓକିଲ କହିଛନ୍ତି ।

## ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ନୂଆ ମୁହଁକୁ ପ୍ରାର୍ଥୀ କରିଛି ବିଜେଡି, ସିପିଆଇ, ଭାଜପା

ବ୍ରହ୍ମପୁର ଅଫିସ,୨୬।୩



ସୁବାସ ଚନ୍ଦ୍ର ବେହେରା ।



ପ୍ରଦୀପ କୁମାର ସେଠୀ ।



ପ୍ରଶାନ୍ତ କର ।

■ସିପିଆଇରୁ ନିର୍ବାଚିତ ହୋଇଛନ୍ତି ୮ ବିଧାୟକ

■କଂଗ୍ରେସରୁ ୩, ଉତ୍କଳ କଂଗ୍ରେସ, ଭାଜପା, ସ୍ୱାଧୀନ, ବିଜେଡିରୁ ଜଣେ ଲେଖାଏ ଜିତିଥିଲେ

ବ୍ରହ୍ମପୁର ଲୋକ ସଭା ଅଧୀନ ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସିପିଆଇ, ଭାଜପା ଓ ବିଜେଡି ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବାର ସ୍ପଷ୍ଟ ହୋଇଛି। ଏହି ଆସନ ଅତୀତରେ ଲାଲଦୁର୍ଗ ଥିଲା ଏବଂ ୧୯୫୨ରୁ ୨୦୧୪ ମଧ୍ୟରେ ହୋଇଥିବା ପଞ୍ଚଦଶତମ ନିର୍ବାଚନରେ ସିପିଆଇ ପ୍ରାର୍ଥୀମାନେ ୮ଥର ବିଧାୟକ ହୋଇଥିବା ତଥ୍ୟ ରହିଛି। ଅପରପକ୍ଷେ କଂଗ୍ରେସରୁ ୩ ଏବଂ ଉତ୍କଳ କଂଗ୍ରେସ, ଭାଜପା, ସ୍ୱାଧୀନ ଓ ବିଜେଡିରୁ ଜଣେ ଲେଖାଏ ନିର୍ବାଚିତ ହୋଇଛନ୍ତି। ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଛନ୍ତି ବର୍ତ୍ତମାନର ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ତଥା ଜିଲା ବିଜେଡି ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା। ଅଖିଳ ଭାରତ ଯୁବ ସଂଘ ରାଜ୍ୟ ଶାଖା ନେତା ପ୍ରଦୀପ କୁମାର ସେଠୀ ସିପିଆଇ ପ୍ରାର୍ଥୀ ହୋଇଛନ୍ତି। ସେହିପରି ପ୍ରଶାନ୍ତ କରଙ୍କୁ ପ୍ରାର୍ଥୀ କରିଛି ଭାଜପା। ଏହି ବିଧାନସଭା କ୍ଷେତ୍ର ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି।

ସୂଚନାଯୋଗ୍ୟ ୨୦୦୪ ନିର୍ବାଚନ ପର୍ଯ୍ୟନ୍ତ ଛତ୍ରପୁର ସେଗମେଣ୍ଟ ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ଥିଲା। ୨୦୦୯ରୁ ସଂରକ୍ଷିତ ହୋଇଛି। ଛତ୍ରପୁର ବ୍ଲକ ଓ ଏନ୍‌ଏସି ଏବଂ ଗଞ୍ଜାମ ବ୍ଲକ, ଏନ୍‌ଏସି ସହିତ ରମ୍ଭା ଏନ୍‌ଏସିକୁ ନେଇ ନିର୍ବାଚନ ମଣ୍ଡଳୀ ଗଠନ କରାଯାଇଛି। ୧୯୫୧-୫୨ ପ୍ରଥମ ନିର୍ବାଚନରେ ଭି. ସୀତା ରାମେୟା ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଧାୟକ ହୋଇଥିଲେ। ୧୯୫୭ ଦ୍ୱିତୀୟ ନିର୍ବାଚନରେ କଂଗ୍ରେସରୁ ଜ୍ୟୋତିରାଜ ପ୍ରହରାଜ ନିର୍ବାଚିତ ହେଲେ। ୧୯୬୧ରୁ ୧୯୭୧ ମଧ୍ୟରେ ହୋଇଥିବା ୩ ନିର୍ବାଚନରେ ସିପିଆଇ ପ୍ରାର୍ଥୀ ଲକ୍ଷ୍ମଣ ମହାପାତ୍ର ଲଗାତର ଭାବେ ଜିତି ଥିଲେ। ପରବର୍ତ୍ତୀ ୧୯୭୪ ନିର୍ବାଚନରେ ଉତ୍କଳ କଂଗ୍ରେସରୁ ଲଢ଼ି ଦୈତାରି ବେହେରା ନିର୍ବାଚିତ ହୋଇଥିଲେ। ୧୯୭୭ ଓ ୧୯୮୦ ନିର୍ବାଚନରେ ସିପିଆଇ ପ୍ରାର୍ଥୀ ବିଶ୍ୱନାଥ ସାହୁ ୨ ଥର ବିଧାୟକ ହୋଇଥିଲେ। ୧୯୮୫ ନିର୍ବାଚନରେ କଂଗ୍ରେସରୁ ଅଶୋକ କୁମାର ଚୌଧୁରୀ ନିର୍ବାଚିତ ହୋଇଥିବା ବେଳେ ୧୯୯୦ରେ ଆସନ ବୁଝାମଣା ଯୋଗୁ ଜନତା ଦଳ ପ୍ରାର୍ଥୀ ନ ଦେଇ ସିପିଆଇକୁ ଛାଡ଼ି ଦେଇଥିଲା। ତେଣୁ ପର୍ଶୁରାମ ପଣ୍ଡା ବିଧାୟକ ଭାବେ ସିପିଆଇରୁ ନିର୍ବାଚିତ ହେଲେ। ୧୯୯୫ ନିର୍ବାଚନରେ କଂଗ୍ରେସରୁ ଦୈତାରି ବେହେରା, ୨୦୦୦ ନିର୍ବାଚନରେ ଭାଜପା ପ୍ରାର୍ଥୀ ରାମଚନ୍ଦ୍ର ପଣ୍ଡା ଜିତିଥିଲେ। ୨୦୦୪ ଓ ୨୦୦୯ ନିର୍ବାଚନରେ ସିପିଆଇ ପ୍ରାର୍ଥୀ ଯଥାକ୍ରମେ ଏନ. ନାରାୟଣ ରେଡ୍ଡୀ ଓ ଆଦିକନ୍ଦ ସେଠୀ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ପ୍ରଥମ କରି ବିଜେଡି ପ୍ରାର୍ଥୀ ଡ଼ା. ପ୍ରିୟାଂଶୁ ପ୍ରଧାନ ନିର୍ବାଚିତ ହେଲେ। ଚଳିତ ନିର୍ବାଚନରେ ସେ ବିଜେଡି ଟିକେଟରୁ ବଞ୍ଚିତ ହୋଇଛନ୍ତି । ସୁବାସ ଚନ୍ଦ୍ର ବେହେରା ବିଜେଡିରୁ ଲଢ଼ିବାର ସୁଯୋଗ ପାଇଛନ୍ତି।

ନିର୍ବାଚନ ଆସନ ବୁଝାମଣାରେ କଂଗ୍ରେସ ଏହି ଆସନ ସିପିଆଇକୁ ଛାଡ଼ି ଦେଇଛି। ବାମପନ୍ଥୀ ଯୁବନେତା ପ୍ରଦୀପ ସେଠୀ ଭୋଟ ଯୁଦ୍ଧକୁ ଓହ୍ଲାଇଛନ୍ତି। ସେହିପରି ଭାଜପାରୁ ପ୍ରଶାନ୍ତ କର ପ୍ରାର୍ଥୀ ହୋଇଛନ୍ତି। ୨୦୧୪ ନିର୍ବାଚନରେ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରି ଫଳାଫଳ ବେଳକୁ ତୃତୀୟ ସ୍ଥାନରେ ଥିବା ଧରଣୀଧର ବେହେରା ଦଳୀୟ ଟିକେଟରୁ ବାଦ ପଡ଼ିଛନ୍ତି। ପ୍ରଶାନ୍ତ ମଧ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଗତ ନିର୍ବାଚନରେ ସିପିଆଇ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକ ଦେଢ଼ ବର୍ଷ ତଳେ ଦଳ ବଦଳ କରି ଭାଜପାରେ ଯୋଗ ଦେଇଥିଲେ। ତାଙ୍କୁ ଜିଲା ସମ୍ପାଦକ କରାଯାଇଥିଲା। ହେଲେ ଯୁବ ବିଜେଡି ନେତା ତଥା ଛତ୍ରପୁର ଏନ୍‌ଏସି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ସେ ଛନ୍ଦି ହୋଇ ବିଚାର ବିଭାଗ ହାଜତରେ ଅଛନ୍ତି। ତେଣୁ ପ୍ରଶାନ୍ତ କର ଭାଜପାରୁ ଲଢୁଛନ୍ତି। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବିଜେଡି, ସିପିଆଇ ଓ ଭାଜପାର ନୂଆ ପ୍ରାର୍ଥୀ ହୋଇଛନ୍ତି।

| ୨୦୧୪ ନିର୍ବାଚନ ଫଳାଫଳ | |
|---|---|
| ବିଜେଡି- ପ୍ରିୟାଂଶୁ ପ୍ରଧାନ | ୫୩,୨୨୧ |
| ସିପିଆଇ - କୃଷ୍ଣଚନ୍ଦ୍ର ନାୟକ | ୩୧,୨୦୨ |
| ଭାଜପା- ଧରଣୀଧର ବେହେରା | ୨୭,୫୧୧ |
| କଂଗ୍ରେସ- ବନମାଳୀ ସେଠୀ | ୨୧,୧୫୧ |

## ପଥପ୍ରାନ୍ତ ନାଟକରେ

# କନ୍ୟାଭ୍ରୂଣ ହତ୍ୟା, ନାରୀ ନିର୍ଯାତନାର ବାର୍ତ୍ତା

ବ୍ରହ୍ମପୁର ଅଫିସ,୨୬।୩

ଆଇନ ସେବା ପ୍ରାଧିକରଣ ତରଫରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ପରିସରରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା। ଏନେଇ ରହିଥିବା ଆଇନଗତ ସଚେତନତା ଦିଗ ଉପରେ ସାଧାରଣ ଲୋକଙ୍କୁ ବାର୍ତ୍ତା ବଣ୍ଟା ଯାଇଥିଲା। ଏଥିରେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ, ସିଭିଲ ଜଜ୍ କମଳାକାନ୍ତ ନାୟକ, ଅତିରିକ୍ତ ସିଭିଲ ଜଜ୍ ଜନ୍ମେଜୟ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ ଏସ୍‌କେଏସ୍ ଆଚାର୍ଯ୍ୟ, ଏସ୍‌ଏସ୍ ସାହୁ, ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡ଼ା. ଚରଣ ପଣ୍ଡା, ଡିନ୍ ଏବଂ ଅଧ୍ୟକ୍ଷ ରାଧାମାଧବ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କନ୍ୟାଭ୍ରୂଣ ହତ୍ୟା, ନାରୀ ନିର୍ଯାତନା, ଘରୋଇ ହିଂସା, ଏସିଡ ମାଡ଼, ଯୌନ ନିର୍ଯାତନା ଇତ୍ୟାଦି ସମ୍ପର୍କରେ ରହିଥିବା ଆଇନଗତ ଦିଗ ଗୁଡ଼ିକ ଉପରେ ବିସ୍ତୃତ ଭାବେ କୁହାଯାଇଥିଲା। ବ୍ରହ୍ମପୁର ସ୍କେଟିଂ ଏକାଡେମୀ ଛାତ୍ରୀଛାତ୍ରମାନେ ନାଟକ ପରିବେଷଣ କରି ଲୋକଙ୍କୁ ସଚେତନ କରିଥିଲେ। ସ୍କେଟିଂ ଏକାଡେମୀର କୋଚ ବିଭୂତି ଭୂଷଣ ଜେନା ଓ ବେଣୁଧର ସାହୁ ସହଯୋଗ କରିଥିଲେ। ପ୍ରାଧିକରଣ ସଚିବ ବିଜୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳନା ହୋଇଥିଲା।

# ନିମଖଣ୍ଡି ଦୋଳମେଳଣ ଯାତ୍ରା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୨୬।୩



ନିମଖଣ୍ଡି ଦୋଳମେଳଣ ଉତ୍ସବ ଦୋଳମଣ୍ଡପରେ ବିଜେ କରିଥିବା ଠାକୁର ।

ବ୍ରହ୍ମପୁର ଉପକଣ୍ଠ ନିମଖଣ୍ଡିର ଚୈତନ୍ୟ ମଠରେ ଆୟୋଜିତ ଦୋଳମେଳଣ ଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ପରମ୍ପରା ଅନୁସାରେ ସୋମବାର ରାତିରେ ଠାକୁର ଶ୍ରୀଚୈତନ୍ୟ ରାଧାକୃଷ୍ଣଙ୍କ ନିମନ୍ତ୍ରଣ କ୍ରମେ ଗ୍ରାମର ରଘୁନାଥ. ରାଧାଶ୍ୟାମ, ବଜରଙ୍ଗୀ ମଠ ଠାକୁର, ବୃନ୍ଦାବନ ଚନ୍ଦ୍ର ମହାପ୍ରଭୁ, ରାଧାକାନ୍ତ, ଗ୍ରାମଦେବତୀ, ଗଣେଶ, ଭାଗବତ ମଠ ଭଗବତ ସ୍ୱାମୀ, ଚନ୍ଦ୍ରଶେଖର ଠାକୁରଙ୍କୁ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରି ମଠରେ ପହଞ୍ଚିଥିଲେ। ଏହାପରେ ମଠ ସେବକ ନିମାଇଁ ଚରଣ ଦାଶଙ୍କ ପୌରୋହିତ୍ୟରେ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମସ୍ତ ଠାକୁରଙ୍କୁ ଦୋଳ ମଣ୍ଡପରେ ସ୍ଥାପନ କରାଯିବା ସହ ପୂଜାର୍ଚ୍ଚନା କରାଯାଇଥିଲା । ଏହି ମେଳଣ ଦେଖିବାକୁ ନିମଖଣ୍ଡି ସମେତ ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଏହି ଅବସରରେ ଦୁଇଦିନ ବ୍ୟାପୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ପୌରାଣିକ ନାଟକର ଆୟୋଜନ କରାଯାଇଥିଲା । ମଙ୍ଗଳବାର ଏହି ଉତ୍ସବ ଉଦ୍‌ଯାପିତ ହୋଇଛି । ରାତିରେ ସମସ୍ତ ଠାକୁରଙ୍କୁ ବିରାଟ ପଟୁଆରେ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା ।

# ଗଞ୍ଜେଇ ଭର୍ତ୍ତି ସ୍କୁଟର ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୬।୩

ଗୋଷାଣିନୂଆଗାଁ ପୋଲିସ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଏକ ଗଞ୍ଜେଇ ଭର୍ତ୍ତି ସ୍କୁଟର ଧରିଛି। ଏନେଇ ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ଅନ୍ଧପସରା ରାସ୍ତାର ଯାନବାହନ ଯାଞ୍ଚ ଚାଲିଥିଲା। ଏହି ସମୟରେ ଏକ ସ୍କୁଟର ଯାଞ୍ଚ ବେଳେ ମାଲିକ କାଗଜପତ୍ର ଦେଖାଇ ପାରି ନ ଥିଲେ। ପରେ ଜଣାପଡ଼ିଥିଲା ଯେ, ଗାଡ଼ିରେ ଗଞ୍ଜେଇ ରହିଛି। ବ୍ୟକ୍ତିଜଣକ ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବା ପୋଲିସ ସୂଚନା ଦେଇଛି। ୧୨ ରୁ ୧୫ କେଜି ଗଞ୍ଜେଇ ରହିଥିବା ଅନୁମାନ କରାଯାଉଛି। ଗଞ୍ଜେଇ ଚାଲାଣକାରୀ ବ୍ୟକ୍ତି ଜଣକ ଖୋର୍ଦ୍ଧା ବାଣପୁର ଅଞ୍ଚଳର ହୋଇଥିବା ବେଳେ ସେ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ନେହେରୁ ନଗର ପଞ୍ଚମ ଲାଇନରେ ଘର ଭଡ଼ା ନେଇ ଗଞ୍ଜେଇ ଚୋରାଚାଲାଣ କରୁଥିବା ସନ୍ଦେହ କରାଯାଉଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଆରମ୍ଭ ହେଲା ଆଇପିଏଲ୍ କ୍ରିକେଟ

■ବାଜି ଲାଗିବ କୋଟି କୋଟି ଟଙ୍କା

■ପେସାଦାର ଖେଳାଳିଙ୍କ ଉପରେ ସ୍ୱତନ୍ତ୍ର ନଜର

ବ୍ରହ୍ମପୁର ଅଫିସ,୨୬।୩

ଆରମ୍ଭ ହୋଇଯାଇଛି ଆଇପିଏଲ କ୍ରିକେଟ ଟୁର୍ନାମେଣ୍ଟ-୨୦୧୯। କ୍ରିକେଟପ୍ରେମୀମାନେ ଦୀର୍ଘଦିନ ହେଲା ଏହି ଟୁର୍ନାମେଣ୍ଟକୁ ଅପେକ୍ଷା କରିଥିଲେ। ଆଇପିଏଲରେ ବାଜି ଲାଗିବ କୋଟି କୋଟି ଟଙ୍କା। ବିଶେଷକରି ଯୁବପିଢ଼ି ଏଥିରେ ସାମିଲ ହୋଇଥାନ୍ତି। ଅନ୍‌ଲାଇନ ବେଟିଂ କରୁଥିବା ଜୁଆଡ଼ିମାନେ ମଧ ଟୁର୍ନାମେଣ୍ଟ ଉପରେ କୋଟି କୋଟି ଟଙ୍କାର କାରବାର କରିବେ। ଏହି ଜୁଆଡ଼ିଙ୍କ ବେଟିଂକୁ ଦୃଷ୍ଟି ଦେବା ଆରମ୍ଭ କରିଛି ବ୍ରହ୍ମପୁର ପୋଲିସ। ଅନ୍‌ଲାଇନ ବେଟିଂ କାରବାର ଉପରେ ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ରଖିଛି ବୋଲି ଟାଉନ ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ଏଭଳି ବେଆଇନ କାରବାର ଠାବ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଏହି ଟିମ୍ ପେସାଦାର ଜୁଆଡ଼ିଙ୍କ ଉପରେ କଡ଼ା ନଜର ରଖିଛି। ସେହିପରି ବିଗତ ବର୍ଷରେ ଅନ୍‌ଲାଇନ ବେଟିଂ କାରବାରରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ମଧ ପୋଲିସ ସ୍କାନରରେ ରଖିଛି। କ୍ରିକେଟ ମ୍ୟାଚକୁ ନେଇ ବ୍ରହ୍ମପୁରରେ ବିଗତ ବର୍ଷରେ ବ୍ୟାପକ ଅନ୍‌ଲାଇନ ବେଟିଂ କାରବାର ହୋଇଥିଲା। ପୋଲିସ ଏଭଳି ବେଟିଂକୁ ଠାବ କରି ଲକ୍ଷାଧିକ ଟଙ୍କା ଜବତ କରିଥିଲା। ଏବେ ପୁଣିଥରେ ଆଇପିଏଲ ସିଜନ ଆରମ୍ଭ ହୋଇଥିବାରୁ ସହରରେ ଯୁବ ଜୁଆଡ଼ିମାନେ ସକ୍ରିୟ ହୋଇ ଉଠିଛନ୍ତି। ଏବେ ଆଇପିଏଲ୍ ଅନ୍‌ଲାଇନ ବେଟିଂର ନୂଆ ଠିକଣା ହୋଇଛି। ସ୍କାଇ ଏକ୍ସଚେଞ୍ଜ, ବେଟ୍ ୩୬୫ ପରି ଅନେକ ଆପ୍ ମାଧ୍ୟମରେ ବୁକିମାନେ ବେଟିଂ ଚଳାଉଥିବା ନେଇ ଆଲୋଚନା ହେଉଛି ।

ପୋଲିସ ମୋବାଇଲ ଫୋନ୍ ନମ୍ବର ଟ୍ରାକିଂ କରି କଲ ଡିଟେଲ ରେଜିଷ୍ଟ୍ରାର (ସିଡିଆର) ଜରିଆରେ କାବୁ କରୁଛି। ଏଣୁ ସେମାନେ ନୂଆ ନୂଆ ଆପ୍ ଜରିଆରେ ଖେଳ ଆରମ୍ଭ କରିଛନ୍ତି। କମ ସମୟରେ ଅଧିକ ଟଙ୍କା ରୋଜଗାର କରିବା ଲୋଭରେ ଯୁବପିଢ଼ି ବେଟିଂ ନିଶାରେ ପଡ଼ି ସର୍ବସ୍ୱ ହରାଇ ବସୁଛନ୍ତି। ଏପରିକି କେତେକ କ୍ଷେତ୍ରରେ ସବୁ କିଛି ହାରି ଶେଷରେ ଆତ୍ମହତ୍ୟା କରିଥିବା ଦୃଷ୍ଟାନ୍ତ ରହିଛି । ଗତବର୍ଷ ପାକିସ୍ତାନରେ ବିଶ୍ୱ ଏକାଦଶ ମ୍ୟାଚ ପାଇଁ ଚାଲିଥିବା ଏକ ବେଟିଂ କାରବାର ଠାବ କରିଥିଲା ଟାଉନ ଥାନା ପୋଲିସ । ମୋଟ ୬ ଲକ୍ଷ ୧୦ ହଜାର ଟଙ୍କା ଜବତ କରିବା ସହ ୨ ଜଣ ବୁକିଙ୍କ ସମେତ ୪ ଜଣଙ୍କୁ ଗିରଫ କରିଥିଲା।

ଗତ ୨୩ତାରିଖରୁ ଆଇପିଏଲ୍ କ୍ରିକେଟ ଆରମ୍ଭ ହୋଇଛି। ଜୁଆଡ଼ିମାନେ ପୁଣିଥରେ ସକ୍ରିୟ ହୋଇ ଉଠିଥିବା ଅନୁମାନ କରାଯାଉଛି। ମୁମ୍ବାଇ, କୋଲକାତା ଓ ହାଇଦ୍ରାବାଦରେ ରହିଥିବା ମୁଖ୍ୟ ବୁକିଙ୍କ ସହଯୋଗରେ ବ୍ରହ୍ମପୁରରେ କେତେକ ସବ୍‌ବୁକି ଏହି କାରବାର ଚଳାଇଥାଆନ୍ତି। ଏମାନଙ୍କୁ କାବୁ କରିବା ପାଇଁ ପୋଲିସ ତା'ର ନେଟୱର୍କକୁ କ୍ରିୟାଶୀଳ କରିଛି। କ୍ରିକେଟ ମ୍ୟାଚରେ ଅନ୍‌ଲାଇନ ବେଟିଂ ପ୍ରତି ଜୁଆଡ଼ିମାନେ ଅଧିକ ଆକୃଷ୍ଟ ହେଉଛନ୍ତି। ଏବେ ବେଟିଂର ତରିକା ବଦଳିଛି। ଫୋନ କଲ ବଦଳରେ ଆପ୍ ଜରିଆରେ ଲକ୍ଷ ଲକ୍ଷ ଟଙ୍କାର ବେଟିଂ ହେଉଛି । ପ୍ରତ୍ୟେକ ବଲ ପିଛା ଟଙ୍କା ବାଜି ଲାଗୁଛି ବୋଲି ବିଗତ ଦିନରେ ଘଟଣାର ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ଗତବର୍ଷ ଆଇପିଏଲ ସମୟରେ ବଡ଼ବଜାର ପୋଲିସ ଜଣେ ସବ୍‌ବୁକିଙ୍କ ସହ ୮ ଜଣ ଜୁଆଡ଼ିଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୮ ଲକ୍ଷ ଟଙ୍କା ଜବତ କରିଥିଲା। ଆଇପିଏଲ ସମୟରେ କୋଲକାତାର ମୁଖ୍ୟ ବୁକି ବ୍ରହ୍ମପୁରରେ ବେଟିଂ କାରବାର ଅପରେଟ୍ କରୁଥିଲେ । ଗତ ଆଇସିସି ଚାମ୍ପିୟନ ଟ୍ରଫିରେ ମଧ ମୁମ୍ବାଇରୁ ମୁଖ୍ୟ ବୁକି ବେଟିଂ କାରବାର ଅପରେଟ କରୁଥିବା ନେଇ ପୋଲିସ ସୂଚନା ପାଇବା ପରେ ମାର୍ଥାପେଟା ସାହିରେ ଚଢ଼ାଉ କରି ସବ୍ ବୁକିଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ପାଖରୁ ୮ ଲକ୍ଷ ୫୦ ହଜାର ଟଙ୍କା ଜବତ କରିଥିଲା । ବୁକିମାନେ ଏବେ ଭର୍ଚୁଆଲ ସିମ୍ ବ୍ୟବହାର କରୁଛନ୍ତି। ସ୍କାଇ ଏକ୍ସଚେଞ୍ଜ, କ୍ରିକ ମାଜା, ପାର୍କବେଟ୍, ୯୮ ହବ୍, ବେଟ୍ ସୁପରଫାଷ୍ଟ ଭଳି ଅନେକ ଆପ୍ ଜରିଆରେ ବେଟିଂ ଚଳାଉଥିବା ଜାଣିବାକୁ ମିଳୁଛି। ଏହି ସିମ୍ ଜରିଆରେ ବ୍ୟବହାରକାରୀ ଚାହିଁଲେ ଯେ କୌଣସି ନମ୍ବରକୁ ବ୍ୟବହାର କରିପାରିବ। ବିଶେଷଭାବେ ଭଏସ ମେଲ୍ ଯୋଗେ ଏଥିରେ ଯୋଗାଯୋଗ ହୋଇଥାଏ । ଇନଷ୍ଟ୍ରା, ଭଏସ, ରିଚ୍‌ମି ବା ଆଇଭିଆରଆମ ଆପ ଏହାର ଏକ ଦୃଷ୍ଟାନ୍ତ। ଭର୍ଚୁଆଲ ସିମ୍ ମୋଡେମ ଓ ସିମ୍ କାର୍ଡ ସହିତ ସଂଯୋଗ ସ୍ଥାପନ କରିଥାଏ। ମୋବାଇଲ ଗ୍ରାଭିଟିକୁ ପ୍ରଭାବିତ କରୁଥିବାରୁ ଏହାକୁ ଠାବ କରିବା ପୋଲିସ ପାଇଁ ଏତେ ସହଜ ନୁହେଁ ବୋଲି ଆଲୋଚନା ହେଉଛି। ଏଭଳି ସିମକୁ ସହଜରେ ଟ୍ରାକ କରିବା କୌଣସି ତଦନ୍ତକାରୀ ସଂସ୍ଥା ବା ଅଧିକାରୀଙ୍କ ପକ୍ଷରେ ସହଜ ନୁହେଁ। ଅନ୍ୟପଟେ ପୋଲିସ ମଧ ପ୍ରସ୍ତୁତ ରହିଛି । ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଏଭଳି ଜୁଆଡ଼ିଙ୍କ ଉପରେ ଦୃଷ୍ଟି ରଖିଛି । ପ୍ରାୟ ୫୦ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଜୁଆଡିଙ୍କ ବେଟିଂରେ ପୋଲିସ କିପରି ଧରପଗଡ଼ କରୁଛି ତାହା ଦେଖିବାକୁ ବାକି ରହିଲା ।

# ସଂସ୍କୃତି ଅଧିକାରୀଙ୍କ ଜବରଦଖଲରେ ବ୍ରହ୍ମପୁର ସଂଗ୍ରହାଳୟ

ବ୍ରହ୍ମପୁର ଅଫିସ,୨୬।୩



ସଂଗ୍ରହାଳୟ ଭିତରେ ବାଇକ୍ ରହିଛି ।

ବହୁ ବର୍ଷର ପୁରୁଣା ଏବଂ ବିଲୁପ୍ତ ପ୍ରାୟ ସାମଗ୍ରୀକୁ ସାଇତି ରଖିଥିବା ବ୍ରହ୍ମପୁର ସଂଗ୍ରହାଳୟ ଏବେ ସରକାରୀ ଅବହେଳାର ଶିକାର ହେବାରେ ଲାଗିଛି। ସଂସ୍କୃତି ବିଭାଗ ଅଧୀନରେ ଥିବା ଏହି ସଂଗ୍ରହାଳୟ ଏବେ ଜବରଦଖଲରେ । ବିଭାଗର ଜଣେ ଅଧିକାରୀ ସଂଗ୍ରହାଳୟକୁ ନିଜ କବ୍‌ଜାରେ ରଖିଛନ୍ତି। ସଂଗ୍ରହାଳୟକୁ ଘର କରିଦେଇଛନ୍ତି। ସେଠାରେ ନିଜର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରଖୁଛନ୍ତି। ଫଳରେ ସହରବାସୀ ଏହି ସଂଗ୍ରହାଳୟକୁ ଯିବାକୁ ଇଚ୍ଛା କରୁନାହାନ୍ତି।

୧୯୮୦ରେ ବ୍ରହ୍ମପୁରରେ ଏହି ସଂଗ୍ରହାଳୟ ସ୍ଥାପନ କରାଯାଇଥିଲା। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ସଂଗ୍ରହାଳୟ ଖୋଲାଗଲା। ହେଲେ ପରବର୍ତ୍ତୀ କୌଣସି ପଦକ୍ଷେପ ନିଆଗଲା ନାହିଁ। ସ୍ଥାପନ ପରଠୁ ଏହା ଭଡ଼ା ଘରେ ଚାଲିଛି। ସହରର ଗୋଟିଏ କୋଣରୁ ଆଉ ଏକ କୋଣକୁ ଯାଉଛି। ନିୟମିତ ବ୍ୟବଧାନରେ ଘର ବଦଳୁଛି, ଯାହା ସମ୍ପର୍କରେ ସହରବାସୀ ଜାଣିପାରୁ ନାହାନ୍ତି। ବିଭାଗୀୟ ଅଧିକାରୀମାନେ ଜଣାଇବାକୁ ଚାହୁଁ ନାହାନ୍ତି। ସମ୍ପ୍ରତି ଏହା ଗଜପତି ନଗର ନିକଟସ୍ଥ ଜୟପ୍ରକାଶନଗରରେ ରହିଛି। ସଂଗ୍ରହାଳୟ ଏକ ଭଡ଼ାଘରେ ଚାଲିଛି। ଗତ କିଛି ବର୍ଷ ପୂର୍ବେ ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରୁ ଗଞ୍ଜାମ ଜିଲାର କେତେକ ସାମଗ୍ରୀକୁ ଆଣି ଏଠାରେ ରଖାଯାଇଛି। କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱାରା ପ୍ରଦତ୍ତ ଚିତାବାଘ ପ୍ରତିକୃତି, ଗୋଟିଏ ସିଂଘରେ ନିର୍ମିତ ଗଜପତି କୃତୀ, ନଟରାଜ ମୂର୍ତ୍ତି, ବେଲଗୁଣ୍ଠାର ପିତଳ ମାଛ ଏବଂ ସାମୁଦ୍ରିକ ମାଛର ଅବୟବ ଏଠାରେ ସଂରକ୍ଷିତ ରଖାଯାଇଛି। ଜଣେ ପିଅନଙ୍କୁ ନିଯୁକ୍ତି ଦିଆଯାଇଛି।

କମ୍ ହେଲେ ମଧ୍ୟ ଏହି ସଂଗ୍ରହାଳୟକୁ ନିୟମିତ କେତେକ ସହରବାସୀ ଯାଉଛନ୍ତି। ହେଲେ ସଂସ୍କୃତି ବିଭାଗ ଅଧିକାରୀଙ୍କ କର୍ତ୍ତବ୍ୟରେ ଅବହେଳାକୁ ନେଇ ଆଗନ୍ତୁକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସଂସ୍କୃତି ବିଭାଗ ଏହି ସଂଗ୍ରହାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଏବେ ଏହି ସଂଗ୍ରହାଳୟକୁ ନିଜ ବାସଗୃହ ଭାବେ ବ୍ୟବହାର କରୁଛନ୍ତି। ସେ ସଂଗ୍ରହାଳୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରଖୁଛନ୍ତି। ମଙ୍ଗଳବାର ସହରର କେତେକ ବୁଦ୍ଧିଜୀବୀ ଏହି ସଂଗ୍ରହାଳୟକୁ ଯାଇଥିଲେ। କିନ୍ତୁ ତା' ଭିତରେ ଯାହା ଦେଖିଲେ, ତାହା ସମସ୍ତଙ୍କୁ ତାଜୁବ୍ କରିଥିଲା। ସଂଗ୍ରହାଳୟ ଭିତରେ ଥିବା ବହୁ ବିରଳ ସାମଗ୍ରୀ ଭାଙ୍ଗିରୁଜି ଗଲାଣି। ସେଗୁଡ଼ିକର ଉପଯୁକ୍ତ ଯତ୍ନ ନିଆଯାଉନି, ଆବର୍ଜନା ଭରିରହିଛି। କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱାରା ପ୍ରଦତ୍ତ ବାଘ ଆକୃତି ପାଖରେ ସଂସ୍କୃତି ଅଧିକାରୀ ନିଜ ବାଇକ୍ ରଖିଛନ୍ତି। ବାଘ ପାଦ ପାଖରେ ହେଲମେଟ୍ ରଖିଛନ୍ତି। ବାଘର ଆଉ ଏକ କଡ଼ରେ ରଖାଯାଇଛି ସାଇକେଲ୍। ବହୁ ବର୍ଷ ପୁରାତନ ମୂର୍ତ୍ତିଗୁଡ଼ିକୁ ସଫା କରାଯାଉନି। ଧୂଳିର ମୋଟା ଆସ୍ତରଣ ଜମାଟ ବାନ୍ଧିଛି। ଭ୍ରମଣକାରୀଙ୍କ ପାଇଁ ଉଦ୍ଦିଷ୍ଟ ଟେବୁଲ୍‌ଗୁଡ଼ିକୁ ଖଟ କରି ସେଠାରେ ଶୋଉଛନ୍ତି। ୱାଶିଂମେଶିନ୍ ସହ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ରଖାଯାଇଛି। ଫଳରେ ବହୁ ପୁରାତନ ସାମଗ୍ରୀ ଏବଂ ମୂର୍ତ୍ତିଗୁଡ଼ିକ ଭାଙ୍ଗି ଯାଇଛି। ମୂର୍ତ୍ତିଗୁଡ଼ିକ ଉପରେ ନିଜର ପୋଷାକ ରଖୁଛନ୍ତି। ସଂସ୍କୃତି ଅଧିକାରୀ ସଂଗ୍ରହାଳୟକୁ ନିଜ ବାସଗୃହ ଭାବେ ବ୍ୟବହାର କରୁଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ସଂଗ୍ରହାଳୟ ଗୋଇଲୁଣ୍ଡିରେ ଥିବା ବେଳେ ମହୁରୀ ରାଜାଙ୍କ ଦ୍ୱାରା ପ୍ରଦତ୍ତ ଖଣ୍ଡା ଚୋରି ହୋଇଯାଇଥିଲା।

### 'ମୋର ଭୁଲ୍ ହୋଇଯାଇଛି'

ସଂଗ୍ରହାଳୟକୁ ନିଜ ବାସଗୃହ ଭାବେ ବ୍ୟବହାର କରିଥିବା ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେ କହିଥିଲେ, ମୋର ଭୁଲ୍ ହୋଇଯାଇଛି। ସଂଗ୍ରହାଳୟ ଭିତରେ ଥିବା ବାଇକ୍‌ଟି ମୋର। ଆଉ ଭବିଷ୍ୟତରେ ଏମିତି ଭୁଲ୍ ହେବ ନାହିଁ । ନିଜର ସମସ୍ତ ସାମଗ୍ରୀ ବାହାର କରିଦେବି ବୋଲି କହିବା ସହ ଭୁଲ୍ ସ୍ୱୀକାର କରିଥିଲେ ।


## ଗୁରୁତ୍ୱପୂର୍ଣ୍ଣ ସୂଚନା

ବେଙ୍ଗାଲୁରୁ ମଣ୍ଡଳର ୟେଲାହଙ୍କା-ଧର୍ମାଭରମ୍ ସେକ୍ସନରେ ନିରାପତ୍ତା ଜନିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍ ସେବା ବାତିଲ୍/ଆଂଶିକ ବାତିଲ୍

ବାତିଲ୍ ହେଉଥିବା ଟ୍ରେନ୍ ସମୂହ

| ଟ୍ରେନ୍ ନଂ. | ଟ୍ରେନ୍ ର ନାମ | ବାତିଲ୍ ହେଉଥିବା ତାରିଖ |
|---|---|---|
| 22883/22884 | ପୁରୀ-ଯଶବନ୍ତପୁର-ପୁରୀ-ଗରିବ ରଥ ଏକ୍ସପ୍ରେସ୍ | ପୁରୀରୁ ତା.29.03.2019 ରିଖ ଓ ଯଶବନ୍ତପୁରରୁ ତା.30.03.2019 ରିଖ |

ଅନ୍ତିମ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ ସମୂହ

| ଟ୍ରେନ୍ ନଂ. | ଟ୍ରେନ୍ ର ନାମ | ଆଂଶିକ ଭାବେ ବାତିଲ୍ ହେଉଥିବା ତାରିଖ / ଷ୍ଟେସନ ମଧ୍ୟରେ |
|---|---|---|
| 18463 | ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ୍ | ଭୁବନେଶ୍ୱର ଠାରୁ ତା.27.03.2019 ରିଖ ଠାରୁ ତା.04.04.2019 ରିଖ ପର୍ଯ୍ୟନ୍ତ / ସତ୍ୟସାଇ ପ୍ରଶାନ୍ତି ନିଲୟମ୍-ବେଙ୍ଗାଲୁରୁ ଷ୍ଟେସନ ମଧ୍ୟରେ |
| 18464 | ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ୍ | ବେଙ୍ଗାଲୁରୁ ଠାରୁ ତା.28.03.2019 ରିଖ ଠାରୁ ତା.05.04.2019 ରିଖ ପର୍ଯ୍ୟନ୍ତ / ବେଙ୍ଗାଲୁରୁ-ସତ୍ୟସାଇ ପ୍ରଶାନ୍ତି ନିଲୟମ୍ ଷ୍ଟେସନ ମଧ୍ୟରେ |


ପୂର୍ବ ତଟ ରେଳପଥ

PR-566/J/18-19

**ସଂକ୍ଷେପରେ**

## ବାଘଚମଡ଼ା ଜବତ

■ବାଇକ୍ ଛାଡ଼ି ଦୁର୍ବୃତ୍ତ ଫେରାର
■ଧରିପାରିଲାନି ପୋଲିସ



**ଲାଞ୍ଜିଗଡ଼, ୨୬।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ନିକଟସ୍ଥ ଧଅଁରାଭଟ୍ଟାଠାରେ ସୋମବାର ବିଳମ୍ବିତ ରାତିରେ ଯାନବାହନ ଚେକିଂ ବେଳେ ପୋଲିସ ଏକ ବାଘଚମଡ଼ା ଜବତ କରିଛି। ବାଘଚମଡ଼ା, ବାଇକ୍ ଛାଡି ଦୁର୍ବୃତ୍ତମାନେ ଫେରାର ହୋଇଥିବାରୁ କାହାରିଙ୍କୁ ଗିରଫ କରାଯାଇପାରି ନାହିଁ। ନିର୍ବାଚନକୁ ଆଖି ଆଗରେ ରଖି ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ରେତ ଜଳସେଚନ ପ୍ରକଳ୍ପ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଗୋବିନ୍ଦ ଚନ୍ଦ୍ର ମାଝି ଓ ବିଶ୍ୱନାଥପୁର ପୋଲିସ କର୍ମଚାରୀମାନେ ଯାନବାହନ ଚେକିଂ କରୁଥିଲେ। ଏହି ସମୟରେ ଏକ କଳା ରଙ୍ଗର ବାଇକ୍ (ନଂ.ଓଆର-୦୮ଏଫ୍-୦୯୯୦) ପହଞ୍ଚିଥିଲା। ଚେକିଂକୁ ଦେଖି ବାଇକ୍‌ରେ ବସିଥିବା ଦୁଇଜଣ ହଡବଡେଇ ଯାଇଥିଲେ। ପରେ ବାଇକ୍‌ରୁ ଓହ୍ଲାଇ ଏକ ଜରିବସ୍ତାରେ ଥିବା ବାଘଚମଡ଼ା ସହିତ ବାଇକ୍‌କୁ ଛାଡି ଦୌଡି ପଳାଇଥିଲେ। ପୋଲିସ କର୍ମଚାରୀମାନେ ସେମାନଙ୍କୁ ପିଛା କରିଥିଲେ ହେଁ ଧରିପାରି ନ ଥିଲେ। ସେହି ବାଇକ୍ ବେଣୁଧର ବିଶ୍ୱାଳଙ୍କ ନାଁରେ ଥିବା ଜଣାପଡିଛି। ପରେ ବାଘଚମଡ଼ା ଓ ବାଇକ୍‌କୁ ପୋଲିସ ଜବତ କରି ବିଶ୍ୱନାଥପୁର ରେଞ୍ଜର ଲକ୍ଷ୍ୟ ମହାନନ୍ଦଙ୍କୁ ହସ୍ତାନ୍ତର କରିଥିଲେ। ହେଲେ ବାଘଚମଡ଼ା କେଉଁଠୁ ଆସୁଥିଲା, ବାଇକ୍ ଆରୋହୀ ଦୁଇଜଣ କିଏ, ବାଘ ଚମଡ଼ାକୁ ଧରି କେଉଁଠିକି ନେଉଥିଲେ ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ଛାତ୍ରୀ ଗଣବଳାତ୍କାର ମାମଲା

# ୪ ଦୋଷୀଙ୍କୁ ୨୫ ବର୍ଷ ଲେଖାଏ ଜେଲ

ବ୍ରହ୍ମପୁର ଅଫିସ, ୨୬।୩

ଜଣେ ଛାତ୍ରୀଙ୍କୁ ପୋଲିସ ପରିଚୟ ଦେଇ ଗଣବଳାତ୍କାର କରାଯାଇଥିବା ମାମଲାର ମଙ୍ଗଳବାର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଶୁଣାଣି ହୋଇଥିଲା। ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଦୀପକ କୁମାର ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରତ୍ୟେକେ ୨୫ ବର୍ଷ ଲେଖାଏ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ସେମାନେ ହେଲେ ଦେନା ବାହାଦୁର, ସତ୍ୟ ପାତ୍ର, ବାଙ୍କଡ଼ା ଓରଫ ମନୋଜ କୁମାର ଜେନା ଓ କାଳିଆ ଓରଫ ସିଲୁ ବେହେରା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ, କଲେଜରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କ ଘର ଅନ୍ୟ ଜିଲାରେ ହୋଇଥିବା ବେଳେ ସେ ବ୍ରହ୍ମପୁରରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ପ୍ରତିଦିନ ଭଳି ୨୦୧୬ ମାର୍ଚ୍ଚ ୧୫ ତାରିଖ ରାତି ପ୍ରାୟ ୮ଟାରେ ଛାତ୍ରୀ ଜଣକ କମ୍ପ୍ୟୁଟର କ୍ଲାସ ସାରି ଘରକୁ ଫେରୁଥିଲେ। ତାଙ୍କ ଘର



ଦୋଷୀ ସାବ୍ୟସ୍ତ ହୋଇଥିବା ୪ ଅଭିଯୁକ୍ତ।

ନିକଟରେ ୨ ଜଣ ଯୁବକ ପହଞ୍ଚି ନିଜକୁ ପୋଲିସ ବୋଲି କହି ବଡ଼ବାବୁଙ୍କୁ ସାକ୍ଷାତ କରିବାକୁ ଥାନାକୁ ଡ଼ାକି ନେଇଥିଲେ। ପରେ ତାଙ୍କୁ ଗାଡ଼ିରେ ବସାଇ ସ୍ଥାନୀୟ ବଡ଼ ମେଡିକାଲ ଖେଳପଡ଼ିଆ ନିକଟ ଏକ ବୁଦାମୂଳକୁ ନେଇଥିଲେ। ସେଠାରେ ତାଙ୍କୁ ୧୦ ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ପରେ ଫୋନ କରି ଅନ୍ୟ ଦୁଇଜଣଙ୍କୁ ସେଠାକୁ ଡାକିଥିଲେ। ଜଣକ ପରେ ଜଣେ ବଳପୂର୍ବକ ବଳାତ୍କାର କରିଥିଲେ। ପରେ ସେଠାରୁ ନାବାଳିକା ଛାତ୍ରୀ ଜଣକ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ କାବୁ କରିଥିଲେ। ପରେ ପୋଲିସ ପରିଚୟ ଦେଇଥିବା ଯୁବକ ଦୁଇଜଣ ତାଙ୍କୁ ଆଣି ସେଲଟ୍ୟାକ୍ସ ଛକରେ ଛାଡ଼ି ଦେଇଥିଲେ। ଏନେଇ ଥାନାରେ ଖବର ଦେଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ସେପଟେ ନାବାଳିକା ଜଣକ ଘରକୁ ଫେରିବା ବିଳମ୍ବ ଦେଖି ଘର ଲୋକେ ଭୟଭୀତ ହୋଇଯାଇଥିଲେ। ଘରେ ପହଞ୍ଚି ପୀଡ଼ିତା ଛାତ୍ରୀ ଘଟଣା ସମ୍ପର୍କରେ ପରିବାର ବର୍ଗଙ୍କୁ ଜଣାଇଥିଲେ। ସେ ଅସୁସ୍ଥ ହୋଇପଡ଼ିଥିବାରୁ ତାଙ୍କର ଚିକିତ୍ସା କରାଯାଇଥିଲା। ଉକ୍ତ ଘଟଣାର ଦୁଇଦିନ ପରେ ବୈଦ୍ୟନାଥପୁର ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ। ପୋଲିସ ନଂ. ୩୩/୧୬ରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍‌କାଳୀନ ବୈଦ୍ୟନାଥପୁର ଥାନା ଆଇଆଇସି ଅଜୟ ମିଶ୍ର ଦୁର୍ଦ୍ଧାନ୍ତ ଦେନା ବାହାଦୁର, ସତ୍ୟ ପାତ୍ର, ବାଙ୍କଡ଼ା ଓରଫ ମନୋଜ କୁମାର ଜେନା ଓ କାଳିଆ ଓରଫ ସିଲୁ ବେହେରାଙ୍କୁ ଗିରଫ କରିଥିଲେ। ପୀଡ଼ିତା ଓ ଅଭିଯୁକ୍ତଙ୍କର ପୃଥକ ପୃଥକ ଭାବେ ଡ଼ାକ୍ତରୀ ମାଇନା କରାଯାଇଥିଲା। ପରେ ଧାରା ୧୬୪ ଅନୁସାରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିବାରୁ ଜଜ୍ ଦେନା ବାହାଦୁର ସମେତ ୪ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିବା ପିପି ନାରାୟଣ ପଣ୍ଡା କହିଛନ୍ତି। ୫୦ ହଜାର ଟଙ୍କା ଜରିମାନା ଅନାଦାୟେ ଅଭିଯୁକ୍ତମାନେ ଅଧିକ ୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ ହେବେ ବୋଲି ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ ଅଭିଯୁକ୍ତମାନେ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଥିବାବେଳେ ମଙ୍ଗଳବାର ସେମାନଙ୍କୁ କଡ଼ା ସୁରକ୍ଷା ବଳୟରେ କୋର୍ଟରେ ହାଜର କରାଯାଇଥିଲା।

# ଦାନ୍ତକାଟି ନେଇଥିବା ୩ ଅଭିଯୁକ୍ତ ଗିରଫ

ଲାଞ୍ଜିଗଡ଼, ୨୬।୩(ଡି.ଏନ.ଏ.)

**ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣା**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ବନାଞ୍ଚଳ ଅଧୀନ ହାତୀଶାଳ ବିଟ୍ ଲୁମା ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଗତ ଶନିବାର ରାତିରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଏହାର ସୁଯୋଗ ନେଇ ପରେ ଦୁର୍ବୃତ୍ତମାନେ ହାତୀର ଦୁଇଟି ଦାନ୍ତକୁ କାଟି ନେଇଥିଲେ। ଏହି ଘଟଣାରେ ବନବିଭାଗ ଦାନ୍ତ କାଟି ନେଇଥିବା ୩ ଅଭିଯୁକ୍ତଙ୍କୁ ବନବିଭାଗ ଗିରଫ କରିଛି। ସେମାନେ ହେଲେ ଖଜୁରଗୁଡା ଗାଁର ଦିଗାମ୍ବର ସାହୁ, ସୁରେନ୍ଦ୍ର ଘଡେଇ ଓ ନାକା ପାତ୍ର। ମଙ୍ଗଳବାର ଏହି ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଡିଏଫ୍‌ଓ ଟି.ଅଶୋକ କୁମାର ସୂଚନା ଦେଇଛନ୍ତି।

ଗତ ୨୩ ତାରିଖ ରାତିରେ ଲୁମାଗାଁ, କୁମଖାଲ ଓ ବେଡାଗାଁ ଅଞ୍ଚଳରେ ହାତୀ



ହାତୀ ଦାନ୍ତ ସହ ଗିରଫ ୩ ଅଭିଯୁକ୍ତ।

ଚଳପ୍ରଚଳ କରୁଥିଲେ। ଏହାକୁ ଲକ୍ଷ୍ୟ କରି ବନବିଭାଗ ପକ୍ଷରୁ ରେଞ୍ଜର ଲକ୍ଷ୍ୟ ମହାନନ୍ଦ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବିଭୂତି ଭୂଷଣ ଦାସଙ୍କୁ ସେ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ କରିବା ପାଇଁ କହିଥିଲେ। ବିଭାଗୀୟ ଯନ୍ତ୍ରୀ ମଧ୍ୟ ସେ ଅଞ୍ଚଳରେ ବିଦ୍ୟୁତ୍ କାଟି ଦେଇଥିଲେ। କେତେକ ଦୁର୍ବୃତ୍ତ ବିଦ୍ୟୁତ୍ କାଟିଥିବା ସ୍ଥାନକୁ ଯାଇ ତାରରେ ହୁକ ପକାଇଥିଲେ। ଫଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ପରେ ନିକଟସ୍ଥ ଖଜୁରଗୁଡା ଗାଁର ଦିଗାମ୍ବର, ସୁରେନ୍ଦ୍ର ଓ ନାକା ହାତୀର ଦୁଇଟି ଦାନ୍ତ କାଟି ନେଇଥିଲେ। ବନବିଭାଗ ତଦନ୍ତ ପରେ ସୋମବାର ଖଜୁରଗୁଡା ଗାଁରେ ଚଢାଉ କରି ଏହି ୩ ଜଣଙ୍କୁ ଗିରଫ କରିବା ସହ ଦୁଇଟି ଦାନ୍ତ ଜବତ କରିଛି। ଗୋଟିଏ ଦାନ୍ତର ଓଜନ ୧ କେଜି ୫୪୨ ଗ୍ରାମ ହୋଇଥିବା ବେଳେ ଅନ୍ୟଟିର ଓଜନ ୧ କେଜି ୭୪୨ ଗ୍ରାମ ରହିଛି। ଏ ନେଇ ବିଦ୍ୟୁତ ବିଭାଗ ପକ୍ଷରୁ ବିଶ୍ୱନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ସବୁ ତଥ୍ୟ ସାମ୍ନାକୁ ଆସିବ ବୋଲି ବିଶ୍ୱନାଥପୁର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ ପ୍ରକାଶ କରିଛନ୍ତି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ କାହାର ପୁଅ କାହାର**
**ଢୋଲ ବାଜୁଛି ମଝି ବାହାର।**

ବିବାହ ଏକ ସାମାଜିକ ବନ୍ଧନ। ଅଜଣା ଅଦେଖା ଦୁଇ ପୁରୁଷ ଓ ନାରୀ ସାରାଜୀବନ ପାଇଁ ଏକସୂତ୍ରରେ ବାନ୍ଧି ହୋଇଯାଇଥାନ୍ତି। ସଂସାରରେ ପ୍ରତି ଘରର ଝିଅ ଓ ପୁଅ ବୈବାହିକ ରୀତିରେ ଜୀବନ ନିର୍ବାହ କରିଥାନ୍ତି। ଏପରିସ୍ଥଳେ ଝିଅ ପୁଅ ଛନ୍ଦିହେବା ଉପଲକ୍ଷେ ଯେଉଁ ସମାରୋହ ସୃଷ୍ଟି ହୁଏ ତା'ର ରୂପରେଖ ଏଠାରେ ବର୍ଣ୍ଣନା କରାଯାଇଛି।

**ଝିଅ ଦେଇଥିବ ଯାହାକୁ**
**ନଇଁ ପଡ଼ିଥିବ ତାହାକୁ।**

ଝିଅଟି ସମୟକ୍ରମେ ଘରଯୋଗ୍ୟା ହେଲେ ତାକୁ ଭଲ ଘର ଭଲ ବର ଦେଖି ହାତକୁ ଦି'ହାତ କରି ଦିଆଯାଇଥାଏ। ସାଧାରଣତଃ ଝିଅଟି ଯେଉଁ ଘରର ବୋହୂ ହୋଇଥାଏ ସେ ଘର ପରିବାର ପ୍ରତି ଝିଅଘର ଲୋକଙ୍କ ମନରେ ଏକପ୍ରକାର ସମ୍ମାନବୋଧ ରହିଥାଏ। ସେ ଘରର ଚଳଣି ତଥା ଆଭିଜାତ୍ୟ ପ୍ରତି ସତର୍କ ଦୃଷ୍ଟି ଦିଆଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ବରଘର କନ୍ୟାଘରଠାରୁ ଆସନରେ ଉଚ୍ଚ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ କଂଗ୍ରେସ ଭବନରେ ଭଙ୍ଗାରୁଜା ଘଟଣା

# ୭ ଅଭିଯୁକ୍ତ ଜେଲ ଗଲେ

ଭୁବନେଶ୍ୱର, ୨୬।୩ (ବ୍ୟୁରୋ)

କଂଗ୍ରେସ ଭବନରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ମଙ୍ଗଳବାର ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳର ସେକ୍ ଅମିର ମହମ୍ମଦ, ସବିର ମହମ୍ମଦ, ଲତିଫୁର ରେହମାନ, ସାଜିର ଖାନ, ହଦାଖତ ଖାନ ଓ ଢୁମଢୁମା ଅଞ୍ଚଳର ସାୟଦ ତଫିକ, ବିଶ୍ୱରଞ୍ଜନ ଖଟେଇ। ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ସେମାନେ ବ୍ୟବହାର କରିଥିବା ଏକ କାର୍‌କୁ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ବୟାନକୁ ଆଧାର କରି ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଛି ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି ସୂଚନା ଦେଇଛନ୍ତି।

ଶନିବାର ରାତିରେ ଏକ ଗୋଷ୍ଠୀର ଯୁବକମାନେ ବାଇକ ଓ କାର୍ ରାଲିରେ ଆସି କଂଗ୍ରେସ ଭବନରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। କବାଟ ଓ ତାଲା ଭାଙ୍ଗି ଭିତରେ ଥିବା କମ୍ପ୍ୟୁଟର, ଚେୟାର, ଟେବୁଲ ଆଦି ବହୁ ସାମଗ୍ରୀ ଫିଙ୍ଗାଫୋପଡ଼ା କରିବା ସହ ବାଡ଼େଇ ଭାଙ୍ଗି ଦେଇଥିଲେ। ଏଥିସହ ଲାଗିଥିବା ବ୍ୟାନରଗୁଡ଼ିକୁ ଚିରି ଦେଇଥିଲେ। ସେମାନେ ଟିକେଟ ବଣ୍ଟନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ରାହୁଲ ଗାନ୍ଧୀ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନାଁରେ ସ୍ଲୋଗାନ ଦେଇଥିଲେ। ଏହି ଘଟଣାକୁ ନେଇ ପିସିସି କାର୍ଯ୍ୟାଳୟ ସମ୍ପାଦକ ବୈଦ୍ୟନାଥ ସ୍ୱାଇଁ ରବିବାର ସକାଳେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଏହି ଆଧାରରେ ପୋଲିସ ଆଇପିସି ଦଫା ୧୪୭, ୪୫୨, ୩୨୩, ୨୯୪, ୪୨୭, ୧୪୯ରେ ମାମଲା (ନଂ.୧୦୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ଟିକେଟରୁ ବଞ୍ଚିତ ଏକ ଗୋଷ୍ଠୀ ଏହି କାଣ୍ଡ ଘଟାଇଥିବା କୁହାଯାଉଥିଲା। ହେଲେ ଏଭଳି କାର୍ଯ୍ୟ କଂଗ୍ରେସ କର୍ମୀଙ୍କର ନୁହେଁ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି।

# ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ଭୁବନେଶ୍ୱର, ୨୬।୩(ବ୍ୟୁରୋ)


■ ସରକାରୀ ଚାକିରିରେ ଅଛନ୍ତି ଭାଜପା ପ୍ରାର୍ଥୀ
■ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି

ମୟୂରଭଞ୍ଜ ଜିଲାର ରଙ୍ଗମାଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଭାଲୁକି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଅଛନ୍ତି ଡାକ୍ତର ବୁଧନ ମୁର୍ମୁ। ସରକାରୀ ଚାକିରିରେ ଥିବା ଏହି ବ୍ୟକ୍ତିଙ୍କୁ ଭାଜପା ସାରସକଣା ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ନିୟମ ଅନୁଯାୟୀ ସରକାରୀ ଚାକିରିରେ ଥିବା କୌଣସି ବ୍ୟକ୍ତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ଚାକିରି ଛାଡ଼ିବାକୁ ପଡ଼ିବ। ସେହିଭଳି ପ୍ରାର୍ଥୀ ଚାକିରି କରିଛନ୍ତି ନା ନାହିଁ, ଚାକିରି କରିଥିଲେ ସରକାରୀ କାର୍ଯ୍ୟରୁ ରିଲିଭ୍ ହୋଇଛନ୍ତି ନା ନାହିଁ ସେ ସବୁ ଅନୁଧ୍ୟାନ କରି ସମ୍ପୃକ୍ତ ରାଜନୈତିକ ଦଳ ନିଜର ପ୍ରାର୍ଥୀ ଘୋଷଣା କରିବା କଥା। ମାତ୍ର ସାରସକଣା ନିର୍ବାଚନମଣ୍ଡଳୀରେ ଡାକ୍ତର ବୁଧନ ମୁର୍ମୁଙ୍କ ପ୍ରାର୍ଥିତ୍ୱରେ ବ୍ୟତିକ୍ରମ ହୋଇଛି। ଚାକିରିରେ ଥାଇ ପ୍ରାର୍ଥୀ ହେବା ସହ ନିଜ ପାଇଁ ନିର୍ବାଚନ ପ୍ରଚାରରେ ବି ଲାଗିଯାଇଛନ୍ତି। ଚାକିରିରେ ଥାଇ ପ୍ରାର୍ଥୀ ହେବା ଏବଂ ଚାକିରିରେ ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବା ଉଭୟ କ୍ଷେତ୍ରରେ ନିର୍ବାଚନ ଆଚରଣବିଧିର ସ୍ପଷ୍ଟ ଉଲ୍ଲଂଘନ ହେଉଛି। ଏହି ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି, ସୁଲତା ଦେଓ ଏବଂ ସସ୍ମିତ୍ ପାତ୍ର ସାମିଲ ହୋଇଥିଲେ।

# ଟିକେଟ ନ ମିଳିବାରୁ ଭାଜପା କାର୍ଯ୍ୟାଳୟ ଆଗରେ ହଙ୍ଗାମା

ଭୁବନେଶ୍ୱର, ୨୬।୩ (ବ୍ୟୁରୋ)

ଦଳୀୟ ଟିକେଟ ପାଉ ନ ଥିବା ନେତାମାନେ ଏବେ ଅସନ୍ତୋଷ ବ୍ୟକ୍ତ କରିବା ଆରମ୍ଭ କରିଦେଇଛନ୍ତି। ସବୁ ଦଳରେ ସମାନ ସ୍ଥିତି ଦେଖିବାକୁ ମିଳୁଛି। କିଛିଦିନ ତଳେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂ ବିଜେଡିରେ ଅଣଦେଖା କରାଯାଉଥିବା କହି ଦଳରୁ ଇସ୍ତଫା ଦେଇଥିଲେ। ଏହାପରେ ରମା ନିଜ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଥିଲେ। ଏହାପର ଠାରୁ ଭାଜପାର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ଯୋଡିବାକୁ ଚେଷ୍ଟା କରିଥିଲେ। ହେଲେ ରମାଙ୍କ ପୂର୍ବରୁ ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ଓମ୍ ପ୍ରକାଶ ମିଶ୍ର ଭାଜପା ସଙ୍ଗଠନକୁ ନିଜ ଅକ୍ତିଆରରେ ରଖିଥିଲେ। ଏହାପରେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ରମା ଏବଂ ଓମ୍‌ଙ୍କୁ ଏକାସଙ୍ଗେ ସମାନ୍ତରାଳ କାର୍ଯ୍ୟକ୍ରମ କରୁଥିବା ଦେଖିବାକୁ ମିଳୁଥିଲା। ହେଲେ ଟିକେଟ ବଣ୍ଟନ ବେଳେ ରମାଙ୍କୁ ବାଦ୍ ଦେଇ ଦଳ ଓମ୍‌ଙ୍କୁ ଟିକେଟ ଦେଇଛି। ଯାହାକୁ ନେଇ ରମାଙ୍କ ସମର୍ଥକମାନେ ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପ୍ରବଳ ହଙ୍ଗାମା କରିଛନ୍ତି। ଫଳରେ ରମାଙ୍କ ସମର୍ଥକଙ୍କ ପ୍ରବଳ ହଙ୍ଗାମା ଦେଖି ଭାଜପା କାର୍ଯ୍ୟାଳୟକୁ କିଛି ସମୟ ପାଇଁ ବନ୍ଦ କରାଯାଇଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୮ | ୨୨.୦ |
| ଚାନ୍ଦବାଲି | ୩୭.୫ | ୨୪.୬ |
| କଟକ | ୩୮.୦ | ୨୩.୦ |
| ପାରାଦ୍ୱୀପ | ୩୧.୭ | ୨୫.୭ |
| ଭୁବନେଶ୍ୱର | ୩୭.୮ | ୨୩.୧ |
| ଗୋପାଳପୁର | ୩୨.୩ | ୨୨.୮ |
| ପୁରୀ | ୩୩.୦ | ୨୫.୬ |
| ଅନୁଗୋଳ | ୩୮.୧ | ୧୬.୬ |
| ବାରିପଦା | ୩୭.୪ | ୨୧.୨ |
| ଝାରସୁଗୁଡ଼ା | ୩୭.୫ | ୨୦.୫ |
| କେନ୍ଦୁଝର | ୩୪.୯ | ୧୮.୦ |
| ସମ୍ବଲପୁର | ୩୭.୨ | ୧୯.୪ |
| ସୁନ୍ଦରଗଡ଼ | ୩୭.୦ | ୧୯.୦ |
| ହୀରାକୁଦ | ୩୭.୬ | ୧୯.୬ |
| ତାଳଚେର | ୩୭.୫ | ୨୦.୩ |
| ଭବାନୀପାଟଣା | ୩୮.୩ | ୨୧.୫ |
| ବଲାଙ୍ଗୀର | ୩୮.୦ | ୧୯.୨ |
| କୋରାପୁଟ | ୩୫.୮ | ୧୮.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୯.୫ | ୧୯.୦ |
| ମାଲକାନଗିରି | ୪୦.୫ | ୨୧.୦ |
| ସୋନପୁର | ୩୭.୮ | ୧୮.୪ |
| ଦାରିଙ୍ଗିବାଡ଼ି | ୩୪.୦ | ୧୭.୫ |

ଡିଗ୍ରୀ ସେଲ୍‌ସିୟସ୍

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF
MORE SPACE • SAME PRICE
*GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
ଜଗନ୍ନାଥ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
Mob.: 8676907143, 9348274623

LOAN
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ଚମତ୍କାର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287





## ପ୍ରମୁଖ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



ତଲସରା ବିଧାନସଭା ଆସନ ପାଇଁ ବିଜେଡ଼ି ପ୍ରାର୍ଥୀଭାବେ ଷ୍ଟିଫେନ୍ ସୋରେନ ଓ ସୁନ୍ଦରଗଡ଼ ସଦର ବିଧାନସଭା ଆସନ ପାଇଁ ବିଜେଡ଼ି ପ୍ରାର୍ଥୀ ଭାବେ ଯୋଗେଶ କୁମାର ସିଂ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ସୁନ୍ଦରଗଡ଼ ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଜୁଏଲ ଓରାମ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ସୁନ୍ଦରଗଡ଼ ଲୋକ ସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଜର୍ଜ ତିର୍କୀ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ତଲସରା ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଡ. ପ୍ରଫୁଲ୍ଲ ମାଝି ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଛତ୍ରପୁରରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।



ସୁନ୍ଦରଗଡ଼ ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ସୁନୀତା ବିଶ୍ୱାଳ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ନିରଞ୍ଜନ ପୂଜାରୀ ସୋନପୁର ବିଧାନ ସଭା କ୍ଷେତ୍ର ପାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ପଦ୍ମପୁର ବିଜେଡି ପ୍ରାର୍ଥୀ ବିଜୟରଞ୍ଜନ ସିଂ ବରିହାଙ୍କ ପ୍ରାର୍ଥୀପତ୍ର ଦାଖଲ।



ନାମାଙ୍କନ ଦାଖଲ କରୁଛନ୍ତି ବରଗଡ଼ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ।



ଭାଜପା କନ୍ଧମାଳ ଏମ୍.ପି. ପ୍ରାର୍ଥୀ ଖାରବେଳ ସ୍ୱାଇଁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟ ନାମାଙ୍କନ ଶେଷ

- ୩୫ ବିଧାନସଭା ପାଇଁ ୩୦୨, ୫ ଲୋକ ସଭା ପାଇଁ ୪୫ ପ୍ରାର୍ଥୀପତ୍ର ଦାଖଲ
- ପ୍ରଥମ ପର୍ଯ୍ୟାୟ ଯାଞ୍ଚ ଶେଷ ୨୮ ବିଧାନସଭା ପାଇଁ ୨୦୩ ପ୍ରାର୍ଥୀ, ୪ ଲୋକ ସଭା ପାଇଁ ୨୮ ପ୍ରାର୍ଥୀପତ୍ର କାଏମ

**ଭୁବନେଶ୍ୱର, ୨୬।୩(ବ୍ୟୁରୋ)**

ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ମଙ୍ଗଳବାର ଏହି ପର୍ଯ୍ୟାୟରେ ବିଧାନସଭା ପାଇଁ ୨୦୫ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଲୋକ ସଭା ପାଇଁ ୨୪ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ୩୫ଟି ବିଧାନସଭା ଆସନ ପାଇଁ ମୋଟ ୩୦୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୫ଟି ଲୋକ ସଭା ଆସନ ପାଇଁ ମୋଟ ୪୫ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସେହିପରି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସକାଶେ ମଙ୍ଗଳବାର ନାମାଙ୍କନ ପତ୍ରଗୁଡ଼ିକ ଯାଞ୍ଚ ଶେଷ କରାଯାଇଛି। ଯାଞ୍ଚ ପରେ ୨୮ ବିଧାନସଭା ପାଇଁ ୨୦୩ ଜଣଙ୍କର ନାମାଙ୍କନ ପତ୍ର କାଏମ ରହିଛି। ସେହିପରି ୪ଟି ଲୋକ ସଭା ଆସନ ପାଇଁ ଦାଖଲ ହୋଇଥିବା ନାମାଙ୍କନ ପତ୍ରଗୁଡିକ ଯାଞ୍ଚ ପରେ ୨୮ ଜଣ ପ୍ରାର୍ଥୀଙ୍କର ନାମାଙ୍କନ ପତ୍ର କାଏମ ରହିଛି।

ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୩ଟି ବିଧାନସଭା ଆସନ ପାଇଁ ୫୪୭ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ୯ଟି ଲୋକ ସଭା କ୍ଷେତ୍ର ପାଇଁ ୭୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୨୩୦ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଯାଞ୍ଚ ପରେ ୨୭ ଜଣଙ୍କର ନାମାଙ୍କନ ପତ୍ର ଖାରଜ ହୋଇ ଯାଇଛି। ସେହିପରି ୪ଟି ଲୋକ ସଭା ନିର୍ବାଚନମଣ୍ଡଳୀରେ ନାମାଙ୍କନ ପତ୍ର ଦାଖଲ କରିଥିବା ୩୦ ଜଣଙ୍କ ମଧ୍ୟରୁ ୨ ଜଣଙ୍କର ପ୍ରାର୍ଥୀପତ୍ର ନାକଚ ହୋଇ ଯାଇଛି। ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ଯାଞ୍ଚ ପରେ ଉଭୟ ପର୍ଯ୍ୟାୟ ପାଇଁ କେତେଜଣ ନିର୍ବାଚନ ମଇଦାନକୁ ଓହ୍ଲାଇବେ ତାହା ସ୍ପଷ୍ଟ ହୋଇଯିବ।

ଏଠାରେ ସୂଚନା ଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ଏପ୍ରିଲ ୧୧ ତାରିଖରେ ୪ଟି ଲୋକ ସଭା କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର ଓ ୨୮ଟି ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। କଳାହାଣ୍ଡି ଲୋକ ସଭା ନିର୍ବାଚନ ମଣ୍ଡଳୀ ସମେତ ନୂଆପଡା, ଖରିଆର, କଳାହାଣ୍ଡି, ଲାଞ୍ଜିଗଡ଼, ଜୁନାଗଡ଼, ଭବାନୀପାଟଣା ଓ ନର୍ଲା ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ନବରଙ୍ଗପୁର ଲୋକ ସଭା ଆସନ ସହିତ ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ, ମାଲକାନଗିରି, ଚିତ୍ରକୋଣ୍ଡା ବିଧାନସଭା, ବ୍ରହ୍ମପୁର ଲୋକ ସଭା ଆସନ ସହ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା, ପାରଳାଖେମୁଣ୍ଡି ଏବଂ କୋରାପୁଟ ଲୋକ ସଭା ଆସନ ସମେତ ଗୁଣୁପୁର, ବିଷମକଟକ, ରାୟଗଡା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ ଏବଂ ପଟାଙ୍ଗୀ ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୮ ତାରିଖରେ ବରଗଡ଼(ସାଧାରଣ ବର୍ଗ) ଲୋକ ସଭା ଆସନ ସମେତ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟ୍ଲି, ବ୍ରଜରାଜନଗର, ଝାରସୁଗୁଡ଼ା ବିଧାନସଭା ଏବଂ ସୁନ୍ଦରଗଡ଼(ଏସ୍‌ଟି) ଲୋକ ସଭା ଆସନ ସହିତ ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁର, ବଣାଇଁ ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ବଲାଙ୍ଗୀର(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ, ବଲାଙ୍ଗୀର, ଟିଟିଲାଗଡ ଓ କଣ୍ଟାବାଞ୍ଜି ବିଧାନସଭା ଆସନ ଏବଂ କନ୍ଧମାଳ(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବାଲିଗୁଡା, ଜି. ଉଦୟଗିରି, କନ୍ଧମାଳ ,ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା ଏବଂ ଭଞ୍ଜନଗର ବିଧାନସଭା ନିର୍ବାଚନ ଏବଂ ଆସ୍କା (ସାଧାରଣ ବର୍ଗ)ଲୋକ ସଭା ଆସନ ସହିତ ଏହା ଅନ୍ତର୍ଗତ ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସ୍କା, ସୋରଡା, ସାନଖେମୁଣ୍ଡି ଏବଂ ହିଞ୍ଜିଳି ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ।

## ନବୀନ ନିବାସ ସମ୍ମୁଖରେ ଭିଡ଼








ନବୀନ ନିବାସ ସମ୍ମୁଖରେ ମଙ୍ଗଳବାର ଟିକେଟ୍ ଆଶାୟୀ ଓ ଅସନ୍ତୁଷ୍ଟ ନେତାମାନଙ୍କ ଭିଡ଼।

# ମହିଳା ପ୍ରସଙ୍ଗ ଉଠାଇ ବିଜେଡିକୁ ଭାଜପାର ସମାଲୋଚନା

**ଭୁବନେଶ୍ୱର,୨୬।୩ (ବ୍ୟୁରୋ)**

ବିଜେଡି ୩୩ପ୍ରତିଶତ ଲୋକ ସଭା ଆସନରେ ମହିଳାଙ୍କୁ ନିର୍ବାଚନ ଲଢ଼ାଉଥିବା ଦାବି କରୁଛି। ମାତ୍ର୧୯ବର୍ଷ ଶାସନରେ ରାଜ୍ୟର ମହିଳାମାନଙ୍କ ସ୍ଥିତି କାହିଁକି ଦୟନୀୟ ରହିଛି ବୋଲି କହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାଜପା କଡ଼ା ସମାଲୋଚନା କରିଛି। ଲୋକ ସଭାରେ ସାଙ୍କେତିକ ୩୩ ପ୍ରତିଶତ ମାତ୍ର ବିଧାନସଭାରେ କାହିଁକି ନାହିଁ ଏହା ରାଜ୍ୟବାସୀ ପ୍ରଶ୍ନ କରୁଛନ୍ତି। ବର୍ତ୍ତମାନ ବହୁତ ହେଇଗଲା, ରାଜ୍ୟ ସରକାର ବଦଳିବା ଦରକାର ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ



ଲେଖାଶ୍ରୀ ସାମନ୍ତସିଂହାର

ଲେଖାଶ୍ରୀ କହିଛନ୍ତି ଯେ, ସମାଜର ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ପଛୁଆ ଆଦିବାସୀ ଝିଅମାନଙ୍କ ସହ ସରକାର ଅବହେଳା କରିଛନ୍ତି । ବିଧାନସଭାରେ ଶାସକ ଦଳ ନେତା ସ୍ୱୀକାର କରିଛନ୍ତି ଆବାସିକ ବିଦ୍ୟାଳୟଗୁଡ଼ିକରେ ୧୨ଜଣ ଛାତ୍ରୀ ଗର୍ଭବତୀ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪ଜଣ ସନ୍ତାନ ପ୍ରସବ କରିଛନ୍ତି। ୨୦୧୭-୧୮ ବର୍ଷରେ ୪୪୫ ଅନୁସୂଚିତ ଜାତି ଓ ଜନଜାତିର ମହିଳା ବଳାତ୍କାରର ଶିକାର ହୋଇଥିବା ସରକାର ବିଧାନସଭାରେ ଲିଖିତ ଉତ୍ତର ଦେଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ସାରା ଦେଶରେ ମହିଳାଙ୍କୁ ଅସଦାଚରଣ ମାମଲାରେ ଓଡ଼ିଶା ଦେଶର ୧ନମ୍ବର ସ୍ଥାନରେ ରହିଛି । ସରକାରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଆଧାରରେ ପ୍ରସ୍ତୁତ ହୋଇଥିବା ସର୍ବଶେଷ ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ରିପୋର୍ଟ ଅନୁଯାୟୀ ସାରା ଦେଶରେ ଏହି ହାର ୧୩.୬ ଥିବାବେଳେ ଓଡ଼ିଶାରେ ଏହା ୩୧.୧ ହୋଇଛି । ସେହିଭଳି ମହିଳାଙ୍କ ବିରୋଧରେ ଧର୍ଷଣ ଅପରାଧ ମାମଲାରେ ଓଡ଼ିଶା ଦେଶରେ ତୃତୀୟ ସ୍ଥାନରେ ରହିଛି । ଦେଶରେ ଏହା ୫୫.୨ଥିବାବେଳେ ଓଡ଼ିଶାର ୮୪.୫ ରହିଛି । ଏହି ତଥ୍ୟ ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋର କୌଣସି ମନଗଢ଼ା ଅଭିଯୋଗ ନୁହେଁ । ବଳାତ୍କାର ମାମଲାରେ ଗତ କିଛିବର୍ଷ ମଧ୍ୟରେ ଓଡ଼ିଶା ରେକର୍ଡ କରିଛି । ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଅନୁସାରେ ନାବାଳିକା ବଳାତ୍କାର ପୀଡ଼ିତାଙ୍କ ହାର ୬୩ ପ୍ରତିଶତରୁ ଅଧିକ ରହିଛି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି । ମାତୃ ମୃତ୍ୟୁ ହାରରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନରେ ରହିଛି । ନବଜାତକ ମୃତ୍ୟୁ ମାମଲାରେ ଓଡ଼ିଶା ଦେଶରେ ପ୍ରଥମ । ଏହା ନବୀନ ପଟ୍ଟନାୟକଙ୍କ ମହିଳାଙ୍କୁ ସମ୍ମାନ କି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।

# ନିର୍ବାଚନ ଅଧିକାରୀଙ୍କ ନିକଟରେ ଷ୍ଟାର ପ୍ରଚାରକ ତାଲିକା ଦେଲା ଭାଜପା

**ଭୁବନେଶ୍ୱର,୨୬।୩ (ବ୍ୟୁରୋ):** ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଭାଜପା ୪୦ ଜଣିଆ ତାରକା ପ୍ରଚାରକଙ୍କ ନାମ ଘୋଷଣା କରିସାରିଛି। ଭାଜପା ପକ୍ଷରୁ ଏହି ତାଲିକା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କ ନିକଟରେ ମଙ୍ଗଳବାର ଦାଖଲ କରାଯାଇଛି । ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ଗୃହମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରି, ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ, କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାମଲାଲ ଜୀ, କେନ୍ଦ୍ରମନ୍ତ୍ରୀ ଥାୱାରଚାନ୍ଦ ଗେହଲଟ, କେନ୍ଦ୍ରମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, କେନ୍ଦ୍ରମନ୍ତ୍ରୀ ନିର୍ମଳା ସିଥାରମଣ, ସୁଶ୍ରୀ ଉମା ଭାରତୀ, ସ୍ମୃତି ଇରାନି, ମୁକତାର ଆବାସ ନକ୍‌ଭୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂ, ହେମା ମାଳିନୀ, ଭୂପେନ୍ଦର ଯାଦବ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ, ରାଜ୍ୟ ପ୍ରଭାରୀ ଅରୁଣ ସିଂ, ସୌଦାନ ସିଂ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ନାମ ରହିଛି ।

## ସଂକ୍ଷେପରେ

### ଭାଜପାରେ ମିଶିଲେ ପୂର୍ବତନ ବ୍ଲକ ବିଜେଡି ସଭାପତି



**ଭଞ୍ଜନଗର,୨୬।୩(ଡି.ଏନ.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରଠାରୁ ଭଞ୍ଜନଗରର ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ପ୍ରଭାକର ନାୟକ ନିଜକୁ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରଖିଥିଲେ। ମଙ୍ଗଳବାର ସେ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇ ପୁତୁରା ତଥା ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ହୋଇଥିବା ପ୍ରଦ୍ୟୁମ୍ନ ନାୟକଙ୍କ ଶୋଭାଯାତ୍ରାରେ ଯାଇଥିଲେ। ସେହିପରି ପ୍ରଭାକରଙ୍କ ଦୃଢ଼ ସମର୍ଥକ ଭାବେ ଜଣାଶୁଣା ପୂର୍ବତନ ବ୍ଲକ ଯୁବ ବିଜେଡ଼ି ସଭାପତି ଧୋବା ଗୌଡ଼ ମଧ ଭାଜପାରେ ମିଶିଛନ୍ତି। ପ୍ରଦ୍ୟୁମ୍ନଙ୍କ ଭାଇ ତଥା ବର୍ତ୍ତମାନର ବିଜେଡ଼ି ଜିଲା ପରିଷଦ ସଭ୍ୟ ପ୍ରସନ୍ନ ନାୟକ ମଧ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖାଯାଇଥିଲା। ଏହି ନେତାମାନେ ଦଳରେ ମିଶିବା ପରେ ଭଞ୍ଜନଗର ବ୍ଲକରେ ଭାଜପା ପୂର୍ବ ନିର୍ବାଚନ ଅପେକ୍ଷା ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଏ ନେଇ ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ କହିଛନ୍ତି, ପ୍ରଭାକର ଓ ଧୋବା ପଞ୍ଚାୟତ ନିର୍ବାଚନ ପରଠୁ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହୁଛନ୍ତି। ପ୍ରସନ୍ନ ଦଳ ଛାଡ଼ିଥିବା ନେଇ ଆମ ପାଖରେ କୌଣସି ଖବର ନାହିଁ। ସେମାନେ ଭାଜପାରେ ମିଶିଲେ ବିଜେଡି ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ।

### ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ସରିଲା ନାମାଙ୍କନପତ୍ର ଦାଖଲ, ଯାଞ୍ଚ ଆଜି

**ଛତ୍ରପୁର,୧୬।୩(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ ଶେଷ ହୋଇଛି। ଶେଷ ଦିନରେ ଆସିକା ଲୋକସଭା ଆସନ ପାଇଁ ୩ ଜଣ, ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୫ ଜଣ ନାମାଙ୍କନ ଦାଖଲ କରିଥିଲେ। ସେହିପରି କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଓ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମଧ ନାମାଙ୍କନପତ୍ର ଦାଖଲ ହୋଇଛି। ଆସିକା ଲୋକସଭା ଆସନ ପାଇଁ ସମତାକ୍ରାନ୍ତି ଦଳର ବୁଲୁ ଗୌଡ, ବିଏସପିରୁ ପୂର୍ଣ୍ଣ ଚନ୍ଦ୍ର ନାୟକ ଓ ସ୍ୱାଧୀନ ଭାବେ ଦିଲୀପ କୁମାର ପାତ୍ର ରିଟର୍ନିଂ ଅଫିସର ତଥା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କଠାରେ ନାମାଙ୍କନପତ୍ର ଦାଖଲ କରିଥିଲେ।

ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ବିରାଟ ପଟୁଆରରେ ଛତ୍ରପୁର ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ରିଟର୍ନିଂ ଅଫିସର ତଥା ଡେପୁଟି ସବ କଲେକ୍ଟର ସଚ୍ଚିଦାନନ୍ଦ ନାୟକଙ୍କଠାରେ ସେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଶମ୍ଭୁନାଥ ପାଣିଗ୍ରାହୀ।



ଲତିକା ପ୍ରଧାନ।

ପ୍ରଧାନ, ଦାମୋଦର ରାଉତ, ବିଭୂତି ଜେନା, ବ୍ରହ୍ମପୁର ଲୋକସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବା ଭୃଗୁ ବକ୍ସିପାତ୍ର, ଛତ୍ରପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ କର, ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ ନାୟକ, ଦେବାନନ୍ଦ ମହାପାତ୍ର, ନିରଞ୍ଜନ ପ୍ରଧାନ, ଅରୁଣ ପଣ୍ଡା, ଦେବରାଜ ମହାନ୍ତି, ଗୋକୁଳାନନ୍ଦ ମଲ୍ଲିକ, ବିଜୟ ସ୍ୱାଇଁ, ଅନୀତା ଶୁଭଦର୍ଶନୀ, ଭାରତୀ ବେହେରା, ଛତ୍ରପୁର ମଣ୍ଡଳ ସଭାପତି ପ୍ରଦୀପ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହିଞ୍ଜିଳି ଆସନ ପାଇଁ କଂଗ୍ରେସରୁ ଶମ୍ଭୁନାଥ ପାଣିଗ୍ରାହୀ, ବିଏସପିରୁ ଭାସ୍କର ଚୌଧୁରୀ, ସ୍ୱାଧୀନ ପ୍ରାର୍ଥୀ ଭାବେ ସି. ଲକ୍ଷ୍ମୀ ଆଚାରୀ ଓ ସୁକାନ୍ତ କିଶୋର ପଣ୍ଡା ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କବିସୂର୍ଯ୍ୟନଗର ବିଧାନସଭା ଆସନ ପାଇଁ ବିଜେଡିର ଲତିକା ପ୍ରଧାନ, ସ୍ୱାଧୀନ ଭାବେ ମଞ୍ଜୁଳା ପ୍ରଧାନ ଓ ନିବାସ ନାହାକ, ପୋଲସରା ବିଧାନସଭା ଆସନ ପାଇଁ ସ୍ୱାଧୀନ ଭାବେ ବିରବିକ୍ରମ ଆଦିତ୍ୟ, ପ୍ରତାପ ଚନ୍ଦ୍ର ନାୟକ, ପୀତବାସ ପ୍ରଧାନ, କେଦାର ନାଥ ମହାରଣା ଓ ଶିବ ପ୍ରସାଦ ବିଷୋୟୀ ଏବଂ ଖଲ୍ଲିକୋଟ ବିଧାନସଭା ଆସନ ପାଇଁ ସମତାକ୍ରାନ୍ତି ଦଳର ସୁଦର୍ଶନ ଜାଲି, ଆମ୍ବେଡକର ଜାତୀୟ କଂଗ୍ରେସରୁ ବିଶ୍ୱଜିତ୍ ବେହେରା ଓ ହିନ୍ଦୁସ୍ତାନ ନିର୍ମାଣ ଦଳର ମୀନା ରାଣୀ ଟହଲ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# କନ୍ଧମାଳ ଲୋକ ସଭା କ୍ଷେତ୍ରରେ ପ୍ରାର୍ଥିପତ୍ର ଦାଖଲ ଶେଷ

### ବିଜେଡି, କଂଗ୍ରେସ, ଭାଜପାରେ ନୂଆ ମୁହଁ

**ଫୁଲବାଣୀ ଅଫିସ, ୨୬।୩**

ସାଧାରଣ ନିର୍ବାଚନ-୨୦୧୯ ପାଇଁ କନ୍ଧମାଳ ଲୋକସଭା ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଛି। ଏଥର ଏମ୍‌ପି ପାଇଁ ମୋଟ ୮ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପା ନିର୍ବାଚନ ରଣାଙ୍ଗନରେ ନୂଆ ପ୍ରାର୍ଥୀଙ୍କୁ ଦେଇଛି। ବିଜେଡି ଅଚ୍ୟୁତ ସାମନ୍ତଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ବାଲିଗୁଡାର ମନୋଜ ଆଚାର୍ଯ୍ୟ ଏବଂ ଭାଜପା ମହାମେଘବାହନ ଐର ଖାରବେଳ ସ୍ୱାଇଁଙ୍କୁ ପ୍ରାର୍ଥୀ କରିଛି।

କଂଗ୍ରେସର ମନୋଜ ଏକ ବିଶାଳ ରାଲିରେ ଆସି ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କ ପାଖରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସ୍ଥାନୀୟ ମାଦିକୁନ୍ଦା ଛକରୁ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା।

ଭାଜପାର ମହାମେଘବାହନ ଐର ଖାରବେଳ ସ୍ୱାଇଁ ଦଳୀୟ ସମର୍ଥକଙ୍କ ଗହଣରେ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସ୍ୱାଇଁ ଜଣେ ହେଭିୱେଟ ନେତା ହୋଇଥିବାରୁ ରାଲି ସେହିପରି ହେବ ବୋଲି ଅନୁମାନ କରାଯାଉଥିଲା। ହେଲେ ତାହା ଦେଖିବାକୁ ମିଳି ନ ଥିଲା। ପୂର୍ବରୁ ୩ ଥର କଂଗ୍ରେସରୁ ଏମ୍‌ପି ଥିବା ମୃତ୍ୟୁଞ୍ଜୟ ନାୟକ ତୃଣମୂଳ କଂଗ୍ରେସ ଦଳରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ଜଣେ ହେଭିୱେଟ ହୋଇଥିଲେ ହେଁ ବିନା ରାଲିରେ ଏପରି ପ୍ରାର୍ଥିପତ୍ର ଦାଖଲ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ସେହିପରି ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି)ରୁ ଅମିର ନାୟକ, ଜୟ ପ୍ରକାଶ ଜନତା ଦଳରୁ ପଦ୍ମନାଭ ସିଂ, ହିନ୍ଦୁସ୍ତାନ ନିର୍ମାଣ ଦଳରୁ ବ୍ରହ୍ମଚାରୀ ମାଧବାନନ୍ଦ ଚୈତନ୍ୟ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସୋମବାର ବିଜେଡିରୁ ଅଚ୍ୟୁତ ଏବଂ ସିପିଆଇ(ଏମ୍‌ଏଲ୍) ରେଡ ଷ୍ଟାର ପକ୍ଷରୁ ଚୁନା ମଲ୍ଲିକ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

### ବାଲିଗୁଡ଼ା, ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀ

# ଶେଷ ଦିନରେ ୯ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

**ବାଲିଗୁଡ଼ା/ଜି.ଉଦୟଗିରି/ଦାରିଙ୍ଗବାଡ଼ି, ୨୬।୩(ଡି.ଏନ୍.ଏ.)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲର ଶେଷ ଦିନ ମଙ୍ଗଳବାର ବାଲିଗୁଡ଼ା ଓ ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ମୋଟ ୯ଟି ପ୍ରାର୍ଥିପତ୍ର ଦାଖଲ ହୋଇଛି। ପ୍ରାର୍ଥୀମାନେ ଶୋଭାଯାତ୍ରାରେ ବାଲିଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉପଜିଲାପାଳ ତଥା ଉପଖଣ୍ଡ ନିର୍ବାଚନ ରିଟର୍ନିଂ ଅଫିସର ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀ କରେନ୍ଦ୍ର ମାଝୀ, ଭାରତୀୟ ମୁକ୍ତିପାର୍ଟି ତରଫରୁ ଜୟସିଂ ମଲ୍ଲିକ, ଏନ୍‌ସିପିରୁ କୁନାଲ ପ୍ରଧାନ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଶେଷଦେବ ପ୍ରଧାନ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀନୀ ଅର୍ଚ୍ଚନା ପ୍ରଧାନ, କଂଗ୍ରେସ ପ୍ରାର୍ଥୀ ଶ୍ୟାମଘନ ପ୍ରଧାନ, ଏନ୍‌ସିପିରୁ ଆଶିଷ ମଲ୍ଲିକ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତାପ ପ୍ରଧାନ, ଜାକବ ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।



ଅର୍ଚ୍ଚନା ପ୍ରଧାନ



ଶ୍ୟାମଘନ ପ୍ରଧାନ



ଜାକବ ପ୍ରଧାନ।

### କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ଲଢେଇ

## ବିଜେଡିରୁ ଲତିକା, ଭାଜପାରୁ ରଞ୍ଜନ, କଂଗ୍ରେସରୁ ବିଜୟ

**ବେଗୁନିଆପଡା,୨୬।୩(ଡି.ଏନ୍.ଏ.)**

କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ପାଇଁ ସବୁ ଦଳରୁ ନୂଆ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ଏଠାରେ ତ୍ରିମୁଖୀ ଲଢେଇ ହେବା ସ୍ପଷ୍ଟ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ନାମାଙ୍କନପତ୍ର ଦାଖଲର ମଙ୍ଗଳବାର ଥିଲା ଶେଷ ଦିନ। ଶେଷ ଦିନ ସୁଦ୍ଧା ବିଜେଡିରୁ ରାଜ୍ୟ ସମାଜମଙ୍ଗଳ ବୋର୍ଡ ଅଧକ୍ଷା ଲତିକା ପ୍ରଧାନ, ଭାଜପାରୁ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ରଞ୍ଜନ ପୋଲାଇ, କଂଗ୍ରେସରୁ ଜିଲା କାର୍ଯ୍ୟକାରୀ ସଭାପତି ବିଜୟ କୁମାର ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୩ଜଣ ପ୍ରାର୍ଥୀ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅଞ୍ଚଳର ହୋଇ ନ ଥିବାବେଳେ ପ୍ରଥମଥର ପାଇଁ ବିଧାୟକ ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୩ ପ୍ରାର୍ଥୀ ଅଞ୍ଚଳ ପାଇଁ ନୂଆ। ୨୦୦୯ ସୀମା ପୁନର୍ନିର୍ଦ୍ଧାରଣ ପରେ କବିସୂର୍ଯ୍ୟନଗର ନୂତନ ନିର୍ବାଚନମଣ୍ଡଳୀ ଭାବେ ଗଠିତ ହୋଇଥିଲା। ୨୦୦୯ରୁ ୧୪ ଓ ୨୦୧୪ରୁ ରାଣୀ ଭି. ସୁଙ୍କାନ କୁମାରୀ ଦେଓ ବିଧାୟିକା ରହି ଆସିଛନ୍ତି। ଚଳିତ ନିର୍ବାଚନରେ ସେ ଅସୁସ୍ଥତା କାରଣରୁ ଓହରି ଯାଇଛନ୍ତି।

### ଭଞ୍ଜନଗର, ସୋରଡ଼ା, ଆସିକା ବିଧାନସଭା ଆସନ

# ଶେଷ ଦିନରେ ୮ ପ୍ରାର୍ଥିପତ୍ର ଦାଖଲ



ପ୍ରଦ୍ୟୁମ୍ନ ନାୟକ।



ନୀଳମଣି ବିଷୋୟୀ ।

**ଭଞ୍ଜନଗର,୨୬।୩(ଡି.ଏନ.ଏ.)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ଶେଷ ଦିନରେ ଭଞ୍ଜନଗର ଉପ ଜିଲାପାଳଙ୍କ ନିକଟରେ ୮ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭଞ୍ଜନଗର ନିର୍ବାଚନମଣ୍ଡଳୀ ପାଇଁ ଭାଜପାରୁ ପ୍ରଦ୍ୟୁମ୍ନ ନାୟକ ଓ ଭଞ୍ଜନଗର ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ସୋରଡ଼ା ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ନୀଳମଣି ବିଷୋୟୀ ଓ ସ୍ୱାଧୀନ ପ୍ରାର୍ଥୀ ଜଗନ୍ନାଥ ନାଇକ ଏବଂ ଆସିକା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ମନୋଜ ଜେନା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ମନୋଜ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବାକୁ ଆସିଥିଲେ ମଧ ସମୟ ଅତିକ୍ରାନ୍ତ କରିଯାଇଥିବାରୁ ଫେରିଯାଇଥିଲେ। ମଙ୍ଗଳବାର ସେ ନିର୍ଦ୍ଧାରିତ ସମୟରେ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ସମତାକ୍ରାନ୍ତି ଦଳରୁ ସମୀର ସ୍ୱାଇଁ, ଆମ୍ବେଡକର କଂଗ୍ରେସରୁ ସୀତାରାମ ମୋହିନୀ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ରବୀନ୍ଦ୍ର ମହାପାତ୍ର ଆସିକା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ନିଜ ନିଜ ସମର୍ଥକଙ୍କୁ ନେଇ ଭଞ୍ଜନଗର ସହରରେ ଶୋଭାଯାତ୍ରା କରିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ଫୁଲବାଣୀ ବିଧାନସଭା ଆସନ ପାଇଁ ୧୨ ପ୍ରାର୍ଥୀ

**ଫୁଲବାଣୀ ଅଫିସ, ୨୬।୩**

ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚଳିତଥର ୧୨ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୩ ପ୍ରମୁଖ ଦଳକୁ ଛାଡିଲେ କେବଳ ସ୍ୱାଧୀନ ପ୍ରାର୍ଥୀ ଭାବେ ୭ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଆସନ ପାଇଁ ବିଜେଡି ପ୍ରାର୍ଥୀକୁ ନେଇ ସସ୍‌ପେନ୍ସ ଲାଗି ରହିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅଙ୍ଗଦ କହଁରଙ୍କ ନାମ ଘୋଷଣା କରିଥିଲେ। ଅଙ୍ଗଦ ଦଳୀୟ କର୍ମୀ ଏବଂ ସମର୍ଥକଙ୍କ ଗହଣରେ ଆସି ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମାତ୍ର ବିଜେଡିରୁ ଜୟଶ୍ରୀ କହଁର ମଧ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି କଂଗ୍ରେସରୁ କିଶୋର ଚନ୍ଦ୍ର କହଁର, ଭାଜପାରୁ ଦେବନାରାୟଣ ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସ୍ୱାଧିନରେ ପ୍ରେମଶୀଳା ଝାଂକର, ଜଗଦୀଶ ପ୍ରଧାନ, ବୀରେନ୍ଦ୍ର କହଁର, ନବୀନ ଚନ୍ଦ୍ର କହଁର, କୃଷ୍ଣ କହଁର, ଚକ୍ରଧର କହଁର, ହେମନ୍ତ କହଁର ଓ କଳିଙ୍ଗସେନାରୁ ଅନନ୍ତ କହଁର ନାମାଙ୍କନପତ୍ର ଦାଖଲ କରିଛନ୍ତି।

### ବିଜେଡିକୁ ଅଡୁଆ ସ୍ୱାଧୀନପ୍ରାର୍ଥୀ

ନାମାଙ୍କନପତ୍ର ଦାଖଲ ଶେଷ ହୋଇଛି। ୨୯ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ଯେଉଁ ୭ ଜଣ ସ୍ୱାଧୀନ ପ୍ରାର୍ଥି ଅଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଜେଡି ଟିକେଟ ଆଶୟୀ ଥିଲେ। ଯଦି ଏମାନେ ନାମାଙ୍କନ ପତ୍ର ପ୍ରତ୍ୟାହାର ନ କରି ନିଜ ଜିଦ୍‌ରେ ଅଟଳ ରହିବେ ତାହାଲେ ଏହା ବିଜେଡିକୁ ଅଡୁଆରେ ପକାଇବ ବୋଲି ଆଲୋଚନା ହେଉଛି।

### ■ ଆଜି ବିଶ୍ୱ ନାଟ୍ୟ ଦିବସ

# ପ୍ରତିଯୋଗିତା, ମହୋତ୍ସବରେ ବଞ୍ଚିଛି ମଞ୍ଚନାଟକ

**ବ୍ରହ୍ମପୁର ଅଫିସ,୨୬।୩**

ଈଶ୍ୱରଙ୍କ କଳା ଓ ପର୍ବର ଏକ ପରିପ୍ରକାଶ ହେଉଛି ମଞ୍ଚନାଟକ। ସମାଜରେ ସଂସ୍କାର ଆଣିବାରେ ମଞ୍ଚନାଟକ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବର୍ଷ ବର୍ଷ ଧରି ସମାଜର ପ୍ରତିଫଳନ ତଥା ଦିଗ୍‌ଦର୍ଶକ ଭାବେ ଭୂମିକା ନିଭାଇ ଆସିଛି ମଞ୍ଚନାଟକ। ସେ ସମାଜର କୁସଂସ୍କାର, କୁପ୍ରଥା ବିରୋଧରେ ହେଉ ଅଥବା ସମାଜିକ ପରମ୍ପରାକୁ ବଜାୟ ରଖିବାରେ ହେଉ ପ୍ରତ୍ୟେକ କ୍ଷେତ୍ରରେ ମଞ୍ଚନାଟକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ବର୍ତ୍ତମାନ ଆଧୁନିକତାର ପ୍ରଭାବରୁ ଏହି ମଞ୍ଚନାଟକକୁ ବଞ୍ଚାଇ ରଖିବା ତଥା ପୁନଃଜୀବିତ ଓ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟ ନେଇ ୧୯୬୧ରୁ ଇଣ୍ଟରନ୍ୟାଶନାଲ ଥିଏଟର



ବିଜୁ ପଟ୍ଟନାୟକ ସଂସ୍କୃତି ଭବନ।

ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ପାଳିତ ହୋଇଆସୁଛି ବିଶ୍ୱ ନାଟ୍ୟ ଦିବସ। ପ୍ରତିବର୍ଷ ଏପ୍ରିଲ ୨୭କୁ ସାରା ବିଶ୍ୱର ବିଭିନ୍ନ ନାଟ୍ୟାନୁଷ୍ଠାନ ସହ କଳାକାର, ନାଟ୍ୟପ୍ରେମୀ ବିଶ୍ୱ ନାଟ୍ୟ ଦିବସ ଭାବେ ପାଳନ କରୁଛନ୍ତି।

ଗଞ୍ଜାମ ଜିଲାକୁ କଳା ଓ ସଂସ୍କୃତିର ସହର କୁହାଯାଉଥିବା ବ୍ରହ୍ମପୁର ଯାହା ଦିନେ ମଞ୍ଚନାଟକ ପରିବେଷଣ ପେଣ୍ଠସ୍ଥଳୀ ଥିଲା ତାହା ଏବେ ନାଟକ ଶୂନ୍ୟ ହୋଇଯାଇଛି। ସହରରେ ନାଟକ ପାଇଁ

### ମଞ୍ଚନାଟକକୁ ନିମ୍ନଗାମୀ କରୁଛି ମୁକ୍ତ ରଙ୍ଗମଞ୍ଚ

ଉପଯୁକ୍ତ ପ୍ରେକ୍ଷାଳୟର ଅଭାବ ଓ ନୂତନ ନାଟ୍ୟକାର, କଳାକାର ସୃଷ୍ଟି ଦିଗରେ ପ୍ରଚେଷ୍ଟାର ଅଭାବ ଯୋଗୁ ମହାନଗରରେ ମଞ୍ଚନାଟକ ପ୍ରାୟ ଶ୍ରୀହୀନ ହୋଇଯାଇଛି। ନାଟ୍ୟକାର ତଥା ନାଟ୍ୟପ୍ରେମୀଙ୍କ କହିବାନୁଯାୟୀ, କଳା ଓ ସଂସ୍କୃତିର ସହର ବ୍ରହ୍ମପୁରରେ ୧୯୫୦ରେ ଅନ୍ନପୂର୍ଣ୍ଣା ଥିଏଟର, ଉତ୍କଳ ଥିଏଟର, ଜନତା ଥିଏଟର ଭଳି ବହୁ ପ୍ରେକ୍ଷାଳୟ ବ୍ରାଞ୍ଚ ରହିଥିଲା। ଯେଉଁଠି ମାସମାସ ଧରି ନାଟକ ପରିବେଷଣ ହେବା ସହ ନୂଆ ନାଟ୍ୟକାର, କଳାକାର ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ଦିଆଯାଉଥିଲା। ୨୦୦୫ରେ ମୁକ୍ତ ରଙ୍ଗମଞ୍ଚର ଆବିର୍ଭାବ ଏବଂ ମଞ୍ଚନାଟକ ପାଇଁ ଆର୍ଥିକ ସହାୟତାର ଅଭାବ ଯୋଗୁ ମଞ୍ଚନାଟକ ଶ୍ରୀହୀନ ହେବାକୁ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ କେବଳ କେତେକ ନାଟ୍ୟାନୁଷ୍ଠାନ ଦ୍ୱାରା ଆୟୋଜିତ ମହୋତ୍ସବ ଓ ପ୍ରତିଯୋଗିତାରେ ସୀମିତ ହୋଇଯାଇଛି।

ଏହାବ୍ୟତୀତ ବ୍ରହ୍ମପୁରରେ ଥିବା ନାଟ୍ୟ ଉପଯୋଗୀ ପ୍ରେକ୍ଷାଳୟର ଅଭାବ ମଧ ମଞ୍ଚନାଟକ ନିମ୍ନଗାମୀର ଅନ୍ୟ ଏକ ମୁଖ୍ୟକାରଣ। ତେବେ ବର୍ତ୍ତମାନ ନାଟ୍ୟାନୁଷ୍ଠାନର ଦାବି ପରେ ସରକାରଙ୍କ ପକ୍ଷରୁ ଗଞ୍ଜାମ କଳା ପରିଷଦରେ ନାଟକ ପରିବେଷଣ ପାଇଁ ପ୍ରଯୁଜ୍ୟ ରଙ୍ଗମଞ୍ଚ କବିସୂର୍ଯ୍ୟ ରଙ୍ଗମଞ୍ଚର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଅନ୍ୟପଟରେ ବହୁପୁରାତନ ପ୍ରକାଶମଲ ପ୍ରେକ୍ଷାଳୟ ମଧ ନିକଟରେ ପୁନଃ ଖୋଲିବା ସହ ଗୋଷାଣୀନୂଆଗାଁ ଗୋପାଳକୃଷ୍ଣ ରଙ୍ଗମଞ୍ଚର ମଧ ଆଧୁନିକୀକରଣ କାର୍ଯ୍ୟ ଚାଲୁରହିଛି। ଫଳରେ ଆଗାମୀ ଦିନରେ ମଞ୍ଚନାଟକ ପରିବେଷଣ ପାଇଁ ରହିଥିବା ଆବଶ୍ୟକ ଏକମୁଖୀ ରଙ୍ଗମଞ୍ଚର ଅଭାବ ପୂରଣ ହେବା ନେଇ ଆଶା ଉଜ୍ଜ୍ୱଳ ହୋଇଛି।


## ଧରିତ୍ରୀ CAREER APPOINTMENT
every Wednesday & Saturday

**URGENTLY REQUIRED**
1. Lady Receptionist cum Front office In charge - 1 No.
2. House Keeping Staff - 2 Nos.
3. Travel Executive - 1 No.
4. Lady office Executive (Travel & Tours) - 1 No.
Please contact : TRIUMPH INN, 58, ASHOK NAGAR, BHUBANESWAR.
MOB -9437012533

**WANTED**
ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କଲେଜ ନିମନ୍ତେ Clerk, Accountant (M), ବସ୍ ଡ୍ରାଇଭର, କାର ଡ୍ରାଇଭର, ପିଅନ, ହାଉସ କିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
BIMSR, 1480. IRC Village, Bhubaneswar -
9040009727, 8456845313

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା:- 10th/above. Monthly Salary upto Rs.27,000/- (Part Time / Full Time)
Contact-9938676412

**OFFICIALLY JOB**
ଯୋଗ୍ୟତା:- ଦଶମ ପାସ୍/ଫେଲ୍, ବୟସ:- (18-40) Yrs. ମାସିକ ଦରମା upto Rs.25,000/-
Contact Immediately
Mob-8763257042

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**WALK-IN-INTERVIEW**

| NO EXPERIENCE REQUIRED | SEO EXPERIENCE (MUST) REQUIRED |
|---|---|
| • HR & DM<br>• Sales & Marketing | • Content Writer<br>• SEO Sale (International)<br>• Web Developer<br>• Social Media Analyst<br>• PPC Analyst |

AuroIN 933, DLF Ciber City, Patia, Bhubaneswar
Mob : 9437513333, 7381738333, 9937292133

**ଡ୍ରାଇଭର ଓ ମାଳି ଆବଶ୍ୟକ**
ଅଫିସ୍ ଓ ଘରୋଇ ଚାରିଚକିଆ ଯାନ ଚଳେଇବା ପାଇଁ ଡ୍ରାଇଭର ଏବଂ ଫୁଲ ଗଛ ଓ ପରିବା ଚାଷ ପାଇଁ ମାଳି ଆବଶ୍ୟକ। ଦରମା ସହିତ ରହିବା ଓ ଖାଇବାର ସୁବିଧା ଦିଆଯିବ।
ଠିକଣାରେ ଯୋଗାଯୋଗ କରନ୍ତୁ
DLF Cibercity, Infront of Silicon Institute, Patia, 9th Floor, #929, Bhubaneswar
Phone No. : 0674-7107777, 7852984720

**Contact: 9938414918**
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

Bhubaneswar Snacks Cafe ପାଇଁ Sales Boy/Girl ଆବଶ୍ୟକ ଏବଂ ଦୋକାନରେ କାମ କରିବା ପାଇଁ ପିଲା ଆବଶ୍ୟକ।
7609948661
8984466226

**Vacancy In Citicon Engineers Ltd.**
1) Relationship Manager - 5 nos (M/F), Fresher or experience in Real Estate.
2) Office Manager -1(M), Minimum 0-3 years experience required. Candidate must be Graduate with Basic Computer Knowledge.
3) Personal Assistant To Director - 1(M/F), Minimum 0-5 years experience required. Candidate must be Graduate or above with Basic Computer Knowledge.
4) Personal Secretary to CMD -1(F/M), Minimum 5-7 years experience required. Candidate must be Graduate with MBA & Computer Knowledge.
5) Transport Manager -1(M), 0-5 years experience required in Vehicle maintenance or Automobile Field.
6) Data Entry Operator -1(M/F), Minimum 2-5 years experience with knowledge in Tally
7) Office Assistant - 2(M), Fresher or experience, Matric or above having Two wheeler is a must.
SALARY –NEGOTIABLE
WALK-IN INTERVIEW : 01.04.19 to 10.04.19
ADDRESS- Head Office, Plot No – 540, Saheed Nagar, Near Saheed Sporting Club, BBSR-7, Odisha, India
CONTACT NO-6372015600 / 06742540528
MAIL ID- Hr@citiconengineers.com
WEBSITE- www.citiconengineers.com

**TEACHERS WANTED**
Applications are invited from trained & experienced Teachers with good English Communication for primary & Nursery group. English, Hindi, Maths subjects efficiency are mostly required.
SUNRISE PUBLIC SCHOOL, B-48, Ruchika Market, Baramunda, BBSR-03, Classes from Pre-Nursery/ Nursery, Std-I to Std-VIII.
Contact: 9937014627, 9439363445, 9439733552
E-mail ID: sunrisepub.school@gmail.com

**PART / FULL TIME**
ଘରକାମ / ରୋଷେଇ / ରୋଗୀଙ୍କ ଯତ୍ନ / ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
7381222430
7008010850

**Teachers Wanted**
Walk in interview. Candidates with NTT, CT and B.Ed are invited to face an interview on 2nd April 2019 at 10 AM. in the premises of Utkal International School situated. At-Banipada, Post- Chasapada, Dist-Cuttack, PIN-754027. Candidates are requested to Come with their original document with 2 sets of Xerox Copies and Passport size Photos.




ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday

## ସଂକ୍ଷେପରେ

### ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗ

ମୋହନା,୨୬।୩(ଡି.ଏନ୍.ଏ.)- ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିବା ଓ ଯୁବତୀ ଜଣକ ଗର୍ଭବତୀ ହେବାପରେ ପ୍ରତାରଣା କରିବା ନେଇ ମଙ୍ଗଳବାର ଅଡବା ଥାନାରେ ଅଭିଯୋଗ ହୋଇଛି। ପୀଡିତା ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗଜପତି ଜିଲା ଅଡବା ଥାନା ଅଞ୍ଚଳର ଜଣେ ଯୁବକଙ୍କର ସେହି ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ଯୁବକ ଜଣକ ବିବାହର ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଯୁବତୀ ଜଣଙ୍କ ଗର୍ଭବତୀ ହେବା ଜାଣିବା ପରେ ଯୁବକ ଜଣଙ୍କ ଆଉ ତାଙ୍କ ସହ ସମ୍ପର୍କ ରଖି ନ ଥିଲେ। ଯୁବତୀଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଗାଁରେ ବୈଠକ କରି ଯୁବକଙ୍କ ପରିବାରକୁ ଆଲୋଚନା ପାଇଁ ଡାକିଥିଲେ। ଯୁବକଙ୍କ ପରିବାର ଲୋକେ ବୈଠକକୁ ଆସିଲେ ନାହିଁ। ଯୁବକଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କଲେ ମଧ ସମ୍ଭବ ହୋଇପାରିଲାନାହିଁ। ଶେଷରେ ବାଧ ହୋଇ ଯୁବତୀ ଜଣଙ୍କ ମଙ୍ଗଳବାର ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଅଜୟ ବାରିକ ସୂଚନା ଦେଇଛନ୍ତି।

### ଅସଦାଚରଣ ମାମଲା, ଅଭିଯୁକ୍ତ ଗିରଫ

ଆସିକା,୨୬।୩(ଡି.ଏନ୍.ଏ.)- ଆସିକା ଥାନା ଇଲାକାରେ ଏକ ଅସଦାଚରଣ ମାମଲାରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ସୋମବାର ରାତିରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଆସିକା ଏନ୍ଏସିର କାଳିମୁଖୀ ସାହିର ପୂର୍ଣ୍ଣଚନ୍ଦ୍ର ବେହେରା। ଏହି ମାମଲାରେ ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୬ ଜାନୁଆରୀ ୧ରେ ଅଭିଯୁକ୍ତମାନେ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ନେଇ ଆସିକା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପକ୍ଷରୁ ଏହି ଅଭିଯୋଗକୁ ଭିତ୍ତିକରି ନଂ.୨/୧୬ରେ ଏକ ମାମଲା ରୁଜୁ କରାଯାଇଥିଲା।

### ବୁଗୁଡା ପୌର କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

ବୁଗୁଡ଼ା,୨୬।୩(ଡି.ଏନ.ଏ.)- ବୁଗୁଡ଼ା ପୌର କର୍ମଚାରୀ ସଂଘର ସାଧାରଣ ବୈଠକ ମଙ୍ଗଳବାର ସମ୍ପୃକ୍ତ ପୌର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ କର୍ମଚାରୀ ଜଗଦୀଶ ପଣ୍ଡା ଅଧକ୍ଷତା କରିଥିଲେ। ବୈଠକରେ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସଙ୍ଗଠନକୁ ଦୃଢ଼ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ପୌର କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନରେ ସଭାପତି ଭାବେ ପୀତବାସ ପ୍ରଧାନ, ଉପସଭାପତି ରୂପେ ଜଗଦୀଶ ପଣ୍ଡା, ସମ୍ପାଦକ ଅଶୋକ କୁମାର ସାହୁ, କୋଷାଧକ୍ଷ ଭାବେ ସୁଶାନ୍ତ ଜେନା ଓ କାର୍ଯ୍ୟକାରୀ କମିଟିରେ ରାମକୃଷ୍ଣ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ ଓ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ମନୋନୀତ ହୋଇଥିଲେ। ବୈଠକରେ ସଂଘର ସମସ୍ତ ସଭ୍ୟ ଯୋଗ ଦେଇଥିଲେ।

### ୩ ଗ୍ରାମରେ ପୋଲିସର ଫ୍ଲାଗମାର୍ଚ୍ଚ

ଗୋପାଳପୁର,୨୬।୩- ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଆସନ୍ତା ମାସ ୧୧ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଗୋପାଳପୁର ନିର୍ବାଚନ ମଣ୍ଡଳୀର ଗୋଳନ୍ଥରା ସମେତ ୩ଟି ଗ୍ରାମରେ ଗୋଳନ୍ଥରା ଥାନା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନାଧିକାରୀ ବାବୁଲି ନାୟକ, ଥାନା କର୍ମଚାରୀ ଓ ସିଆଇଏସଏଫର ଯବାନମାନେ ପଞ୍ଚମା, ରଣ୍ଡା ଓ ଗୋଳନ୍ଥରା ଗ୍ରାମର ବିଭିନ୍ନ ସାହିରେ ଫ୍ଲାଗମାର୍ଚ୍ଚ କରି ଅବାଧ, ମୁକ୍ତ ଓ ଶାନ୍ତି ଶୃଙ୍ଖଳାରେ କିଭଳି ନିର୍ବାଚନ ହେବ ଓ ନିର୍ବାଚନୀ ହିଂସାକୁ କିଭଳି ମୁକାବିଲା କରାଯାଇପାରିବ ସେନେଇ ପ୍ରସ୍ତୁତି ହୋଇଛି। ଏହି ଅବସରରେ ଅତିରିକ୍ତ ଇନ୍ସପେକ୍ଟର ବସନ୍ତ ସେଠୀ, ଏସ୍ଆଇ ସ୍ମିତା ଜେନା, ଦୟାନିଧି ପ୍ରଧାନ ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଆଦର୍ଶ ଆଚରଣବିଧି ଉଲ୍ଲଂଘନ ନେଇ କାର୍ଯ୍ୟାନୁଷ୍ଠାନ

**ସାଧାରଣ ନିର୍ବାଚନ**
- ଆସିଲେ ସାଧାରଣ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ
- ମଦ, ଗଞ୍ଜେଇ ଜବତ

ଛତ୍ରପୁର,୨୬।୩(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ୨ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଆଦର୍ଶ ଆଚରଣବିଧିକୁ କଡାକଡି ପାଳନ କରାଯାଇଛି। ଏହାର ଉଲଂଘନ ନେଇ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସାର୍ବଜନୀନ ସ୍ଥାନରୁ ୨୬ଟି କାନ୍ଥ ଲିଖନ, ୩୯୯ଟି ପୋଷ୍ଟର, ୪୯୧ ଟି ବ୍ୟାନର ଓ ହୋଡିଂ, ୩୩୫ ଟି ଅନ୍ୟାନ୍ୟ ଆପତ୍ତିଜନକ ବସ୍ତୁ ହଟାଯାଇଛି। ସେହିପରି ବ୍ୟକ୍ତିଗତ ସ୍ଥାନରୁ ୨ଟି କାନ୍ଥ ଲିଖନ, ଗୋଟିଏ ବ୍ୟାନର ଆଦି ହଟାଯାଇଥିଲା। ଏଭଳି ଭାବରେ ମଙ୍ଗଳବାର ପର୍ଯ୍ୟନ୍ତ ସାର୍ବଜନୀନ ସ୍ଥାନରେ ଲାଗିଥିବା ଏହି ସବୁ ପୋଷ୍ଟର, ବ୍ୟାନର ଆଦି ପାଇଁ ୨୫୭୧୯ ମାମଲାରେ ଏବଂ ବ୍ୟକ୍ତିଗତ ସ୍ଥାନରେ ଲାଗିଥିବା ଏହି ସବୁ ପାଇଁ ୨୦୦୯ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି। ସି-ଭିଜିଲ୍ ସାହାର୍ଯ୍ୟରେ ମିଳିଥିବା ୨୧ଟି ଆଚରଣବିଧି ଉଲଂଘନ ଅଭିଯୋଗ ମଧ୍ୟରୁ ୬ଟି ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଅପରପକ୍ଷରେ ୧୫ଟି ଭିତ୍ତିହୀନ ବୋଲି ତଦନ୍ତ ପରେ ଜଣାପଡିଥିଲା। ଜିଲାରେ ଥିବା ୧୩ ଟି ବିଧାସଭା ଆସନ ଏବଂ ବ୍ରହ୍ମପୁର ଓ ଆସିକା ଲୋକସଭା ଆସନ ନିର୍ବାଚନ କାର୍ଯ୍ୟ ଅନୁଧ୍ୟାନ ପାଇଁ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ସାଧାରଣ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଜିଲାକୁ ଆସିଥିବାବେଳେ ଏବେ ସାଧାରଣ ପର୍ଯ୍ୟବେକ୍ଷକ ଆସିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପୋଲସରା, ଆସିକା ଓ ସାନଖେମୁଣ୍ଡି ବିଧାନସଭା ଆସନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ସଞ୍ଜୟ କୁମାର ପାନସାରୀ, ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର ଓ ଦିଗପହଣ୍ଡି ବିଧାନସଭା ଆସନ ପାଇଁ ୟୁ. କେ. ଚକମା, ପୋଲିସ ମୁତୟନ ବ୍ୟବସ୍ଥା ଅନୁଧ୍ୟାନ ପାଇଁ ସୁନୀଲ କୁମାରଙ୍କୁ ବ୍ରହ୍ମପୁର ଲୋକସଭା ଆସନ ଏବଂ ଏହା ଅଧୀନ ସମସ୍ତ ବିଧାନସଭା ଆସନ ଗୁଡିକର ଅନୁଧ୍ୟାନ, ଅଶୋକ କୁମାରଙ୍କୁ ଆସିକା ଲୋକସଭା ଆସନ ଏବଂ ଏହା ଅଧୀନ ସମସ୍ତ ବିଧାନସଭା ଆସନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରାର୍ଥୀଙ୍କ ଖର୍ଚ୍ଚ ଅନୁଧ୍ୟାନ ପାଇଁ ଆସିକା ଲୋକସଭା ନିମନ୍ତେ ଭିମ୍ ରତନ ରାୱତ୍, ବ୍ରହ୍ମପୁର ଲୋକସଭା ଆସନ ପାଇଁ ଡ. ଶଙ୍କର ପ୍ରସାଦ, ଭଞ୍ଜନଗର, ପୋଲସରା, ଆସିକା ଓ ସାନଖେମୁଣ୍ଡି ବିଧାନସଭା ଆସନ ପାଇଁ ସତୀଶ୍ କୁମାରଙ୍କୁ ଖର୍ଚ୍ଚ ଅନୁଧ୍ୟାନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ସେହିପରି କବିସୂର୍ଯ୍ୟନଗର, ଖଲ୍ଲିକୋଟ, ସୋରଡା, ହିଞ୍ଜିଳି ବିଧାନସଭା ଆସନ ପାଇଁ ଖର୍ଚ୍ଚ ଅନୁଧ୍ୟାନ କରିବାକୁ ବସନ୍ତ କୁମାରଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗହପଣ୍ଡି , ଚିକିଟି ବିଧାନସଭା ଆସନ ପାଇଁ ରବୀନ୍ଦ୍ର କୁମାରଙ୍କୁ ଖର୍ଚ୍ଚ ଅନୁଧ୍ୟାନ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ନିର୍ବାଚନ ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ମଦ ଓ ଗଞ୍ଜେଇ କାରବାର ଉପରେ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

### ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ପ୍ରଥମ ପାଳି

# ୨ ହଜାରରୁ ଉର୍ଦ୍ଧ୍ୱ ଶିଶୁ ମୁଣ୍ଡନ

ପୁରୁଷୋତ୍ତମପୁର,୨୬।୩(ଡି.ଏନ୍.ଏ.)


ମା' ତାରାତାରିଣୀ।

ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଆରମ୍ଭ ହୋଇଛି। ପ୍ରଥମ ପାଳିରେ ପ୍ରାୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିରେ ୨ ହଜାର ୪୮୪ ଜଣ ଶିଶୁ ମୁଣ୍ଡନ ହୋଇଛନ୍ତି। ମାତ୍ର ଏହି ଯାତ୍ରାରେ ମଦ କାରବାର ରୋକିବା ଲାଗି ଜିଲାପାଳଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ପ୍ରବଳ ମାତ୍ରାରେ ଚୋରା ଦେଶୀ ଓ ବିଦେଶୀ ମଦ ଅବାଧରେ ବିକ୍ରି ହୋଇଥିଲା। ଯାହାକୁ ନେଇ ଆସିଥିବା ଭକ୍ତ ନାନା ହଇରାଣ ହୋଇଥିଲେ।

ରାତ୍ର ୨ଟାରେ ମା'ଙ୍କ ଦ୍ୱାର ଫିଟା କାର୍ଯ୍ୟ ହୋଇ ୨ଟା ୩୦ମିରେ ମଙ୍ଗଳ ଆଳତି, ଅବକାଶ, ସିଙ୍ଗାର, ଘଟ ପରିକ୍ରମା ଆଦି ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ହୋଇ ୬ଟା୫ରେ ସାହାଣମେଳା ପରେ ମହାକାଳୀ ବେଶରେ ମା' ଭକ୍ତଙ୍କୁ ଦର୍ଶନ ଦେଇଥିଲେ।

ପ୍ରଥମ ପାଳିରେ ବାରିକ ଲାଇସେନ୍ସ ବାବଦରେ ୨୬ହଜାର ୫୦ଟଙ୍କା, ଦର୍ଶନ ବାବଦରେ ୨୪ହଜାର ୨୨୦ ଟଙ୍କା, ମୁଣ୍ଡନରେ ୧ଲକ୍ଷ ୨୪ହଜାର ୨ଶହ ଟଙ୍କା, ପ୍ରସାଦରେ ୧ ଲକ୍ଷ ୪୬ହଜାର ୫୧୦ଟଙ୍କା, ବସ ସେବାରେ ୧ ଲକ୍ଷ ୭୬ ହଜାର ୭ଶହ ଟଙ୍କା ଓ ଅନ୍ୟାନ୍ୟ ବାବଦରେ ୮୦ ହଜାର ୫୮ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ଗଞ୍ଜାମ ଏସ୍ପି ବ୍ରିଜେସ କୁମାର ରଏ ସୋମବାର ଆସି ତଦାରଖ କରିଥିବା ବେଳେ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ମଙ୍ଗଳବାର ଭୋରରୁ ଆସି ତଦାରଖ କରିଥିଲେ।

# ବେଗୁନିଆପଡାରେ ଦଣ୍ଡଯାତ୍ରା


ମାନସିକଧାରୀ ଦଣ୍ଡୁଆମାନେ।

ବେଗୁନିଆପଡା,୨୬।୩(ଡି.ଏନ୍.ଏ.) ବେଗୁନିଆପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ଗଜା ପଡିଥିବାବେଳେ ମଙ୍ଗଳବାର ମାନସିକଧାରୀ ଦଣ୍ଡୁଆମାନେ ମା'ଙ୍କ ପାଖରେ ପଇତା ପକାଇ ହାତରେ ପିଞ୍ଛମୁଠା, ବାନା ଧରି ଢୋଲ ବାଦ୍ୟ ବଜାଇ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମବାସୀମାନେ ଘର ସମ୍ମୁଖରେ ଧୂପ, ପୂର୍ଣ୍ଣକୁମ୍ଭ ସ୍ଥାପନ କରି ଭୋଗ ଅର୍ପଣ କରିଥିଲେ। ପ୍ରଚଣ୍ଡ ରୌଦ୍ରତାପରେ ପ୍ରଥମେ ଧୂଳିଦଣ୍ଡ ପରେ ପାଣିଦଣ୍ଡ ହୋଇଥିଲା। ସନ୍ଧ୍ୟାରେ ଦଣ୍ଡକାଳୀ ଓ ହରଙ୍କୁ ଆଳତୀ କରାଯାଇଥିଲା। ଏହି ସମୟରେ ରୁଦ୍ରକାଳୀଙ୍କୁ ଭଜ, ହରଙ୍କୁ ଭଜ ଧ୍ୱନିରେ କମ୍ପି ଉଠିଥିଲା। ରାତ୍ର ସମୟରେ ମା' କାଳୀ ପ୍ରସନ୍ନ ପରେ ଝାମୁଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଛତ୍ରପୁର ଓକିଲ ସଂଘ ନିର୍ବାଚନ ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

ଛତ୍ରପୁର,୨୬।୩(ଡି.ଏନ.ଏ)

ଛତ୍ରପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୩୦ରେ ହେବ । ସୋମବାର ଏଥିପାଇଁ ପ୍ରାର୍ଥିପତ୍ର ଦାଖଲ ହୋଇଥିଲା । ମଙ୍ଗଳବାର ପ୍ରାର୍ଥିପତ୍ର ପ୍ରତ୍ୟାହାର, ଯାଞ୍ଚ ଓ ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସଂଘର ସଭାପତି ପାଇଁ କେ. ଶିବରାମ ରେଡ୍ଡୀ, କେ. କମଳ ଲୋଚନ ଦାସ ଓ ରାମକୃଷ୍ଣ ଦାଶ, ଉପସଭାପତି ପାଇଁ ସନ୍ତୋଷ କୁମାର ପଶୁପାଳକ, ସୁରେନ୍ଦ୍ର କୁମାର ପଣ୍ଡା ଓ ଡମିନାଥ ସାହୁ, ସାଧାରଣ ସମ୍ପାଦକ ପାଇଁ ଏସ୍. ଶ୍ୟାମ କୁମାର ରାଓ, ଡି. ପଦ୍ମନାଭ ପ୍ରଧାନ ଓ ଶିବ ପ୍ରସାଦ ସାହୁ, ସମ୍ପାଦକ (ଲାଇବ୍ରେରୀ ଓ ସେମିନାର) ପାଇଁ ବିଶ୍ୱ ଭୂଷଣ ପାଢୀ ଓ ଅପସାର ଜାନ୍ ପ୍ରାର୍ଥୀ ହୋଇଛନ୍ତି। ନିର୍ବାଚନ ଦିନ ଭୋଟ ଗଣତି ହୋଇ ଫଳାଫଳ ମଧ ଘୋଷଣା ହେବ।

### ଓକିଲ ସଂଘ ନିର୍ବାଚନ ସଭାପତି, ଉପସଭାପତି ଅପ୍ରତିଦ୍ୱନ୍ଦ୍ୱୀ

ଆସିକା,୨୬।୩(ଡି.ଏନ୍.ଏ.)

ଆସିକା ଓକିଲ ସଂଘ ନିର୍ବାଚନ ଲାଗି ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସଭାପତି ପଦବୀ ଲାଗି ସରୋଜ କୁମାର ତ୍ରିପାଠୀ, ଉପସଭାପତି ଲାଗି କୁମୁଦବନ୍ଧୁ ବିଷୋୟୀ ଓ କୋଷାଧକ୍ଷ ଲାଗି ହର୍ଷବର୍ଦ୍ଧନ ପାଢୀ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ସମ୍ପାଦକ ପଦବୀ ଲାଗି ଛବିଳରାମ ମିଶ୍ର ଓ ନାରାୟଣ ମୁନି ଏବଂ ସହସମ୍ପାଦକ ଲାଗି ଭରତେନ୍ଦୁ ଭୂଷଣ ନାୟକ ଓ ଦ୍ୱାରିକାନାଥ ପରିଡାଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ଏହି ଦୁଇ ପଦବୀ ଲାଗି ଆସନ୍ତା ୩୦ରେ ନିର୍ବାଚନ ହେବ ବୋଲି ନିର୍ବାଚନ ଅଧିକାରୀ ସୁଧାଂଶୁ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ପେୟ ପଡ଼ି ନାବାଳକ ଛାତ୍ର ଗୁରୁତର

ଚନ୍ଦ୍ରଗିରି,୨୬।୩(ଡି.ଏନ୍.ଏ.)


ମେଡିକାଲରେ ଗୁରୁତର ସୁରେନ୍ଦ୍ର।

ଗଜପତି ଜିଲା ମୋହନା ବ୍ଲକ ବାଘମାରୀ ୟୁଜିଏଚ୍ ସ୍କୁଲରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ଅନ୍ତେବାସୀଙ୍କ ପାଇଁ ଭାତ ରାନ୍ଧି ଗାଳିବାକୁ ନେଉଥିବାବେଳେ ଝୁଣ୍ଟି ପଡିବାରୁ ଗରମ ପେୟ ପଡି ଗୁରୁତର ହୋଇଛି। ଆହତ ଛାତ୍ର ହେଲେ ସୁରେନ୍ଦ୍ର ମାଝୀ।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୦୭ଜଣ ପିଲା ପଢୁଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୦ ପିଲା ଅନ୍ତେବାସୀ ଭାବେ ରହୁଛନ୍ତି। ରୋଷେଇ କରିବା ପାଇଁ ନିୟୋଜିତ ବିନୋଦ ରଣଷଣ୍ଢ ପାରାଲିସସ୍‌ରେ ଆକ୍ରାନ୍ତ ପରେ କିଛିଦିନ ହେଲା ତାଙ୍କ ସ୍ତ୍ରୀ ରୋଷେଇ ଦାୟିତ୍ୱ ତୁଲାଉଛନ୍ତି। ମାତ୍ର ଅଧିକାଂଶ ସମୟରେ ଅନ୍ତେବାସୀମାନେ ରୋଷେଇ କାମରେ ନିୟୋଜିତ ହୋଇଥାନ୍ତି। ମଙ୍ଗଳବାର ସକାଳ ପ୍ରାୟ ୭ଟାରେ ହଷ୍ଟେଲରେ ଥିବା ୧୩ଜଣ ଅନ୍ତେବାସୀଙ୍କ ପାଇଁ ସୁରେନ୍ଦ୍ର ଭାତ ରୋଷେଇ କରୁଥିଲେ। ଭାତ ହାଣ୍ଡି ଗାଳିବାକୁ ନେବାବେଳେ ଝୁଣ୍ଟି ପଡି ହାଣ୍ଡି ଉପରେ ପଡି ଯାଇଥିଲେ। ତାଙ୍କୁ ଚନ୍ଦ୍ରଗିରି ମେଡିକାଲ ନିଆଯାଇଥିଲା। ଶରୀରର ୩୦ ପ୍ରତିଶତ ପୋଡି ଯାଉଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ରୋଷେୟା ଥିବା ସତ୍ତ୍ୱେ ଅନ୍ତେବାସୀଙ୍କୁ କାହିଁକି ବିପଦପୂର୍ଣ୍ଣ ଭାବେ ରୋଷେଇ କାର୍ଯ୍ୟରେ ନିୟୋଜିତ କରାଯାଉଛି ତାହା ପ୍ରଶ୍ନବାଚୀ।

ଏନେଇ ସ୍ଥାନୀୟ ସରପଞ୍ଚ ବୃନ୍ଦାବତୀ ଶବର କୁହନ୍ତି, ପିଲାମାନଙ୍କୁ ରୋଷେଇ କାମ ସହ କାଠ ଆଣିବା ଓ ବାସନ ମାଜିବା କାମରେ ନିୟୋଜିତ କରାଯାଉଛି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମୁଁ ପୂର୍ବରୁ ଅବଗତ କରିଥିଲେ ମଧ କେହି ଶୁଣୁନାହାନ୍ତି।

ପ୍ରଧାନ ଶିକ୍ଷକ ତଥା ହଷ୍ଟେଲ ଇନ୍‌ଚାର୍ଜ ଏଶ ମାଝି କୁହନ୍ତି, ମୁଁ ଅନ୍ତେବାସୀମାନଙ୍କୁ କାମରେ ନ ଲଗାଇବାକୁ ବାରମ୍ବାର କହିଛି। ମାତ୍ର ଜଣେ ରୋଷେୟା ଥିବାରୁ ସହଯୋଗ କରିବା ବେଳେ ଏଭଳି ଅଘଟଣ ଘଟିଛି। ଛାତ୍ରଙ୍କ ବାପା ଆନ୍ଦ୍ରିୟ ମାଝୀ କୁହନ୍ତି, ବିଦ୍ୟାଳୟରେ କାମରେ ଲଗାଉଥିବା ନେଇ ପୁଅ ପୂର୍ବରୁ କହିଥିଲା। ମୁଁ ବିଦ୍ୟାଳୟରୁ ଆସି କହିବାରୁ ମୋତେ ଗାଳିଗୁଲଜ କଲେ। ମୋ ପୁଅର ଏପରି ଅବସ୍ଥା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ। ମୋହନା ବିଇଓ ଲିବନସ୍ ବାର୍ଲାଙ୍କ ସହ ଯୋଗାଯୋଗ କରିବାରୁ, ଏନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବିଦ୍ୟାଳୟର ବାର୍ଷିକୋତ୍ସବ

ଛତ୍ରପୁର,୨୬।୩(ଡି.ଏନ.ଏ.)

ଛତ୍ରପୁରସ୍ଥିତ ରୋଟାରୀ କ୍ଲବ ପରିସରରେ ୟୁରୋ କିଡ୍ ସ୍କୁଲର ପ୍ରଥମ ବାର୍ଷିକୋତ୍ସବ ଆଗାଜ୍ ଅନୁଷ୍ଠାନର ଅଧକ୍ଷ ରଞ୍ଜନ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସୌଦାମିନୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ସୁବାସ ଚନ୍ଦ୍ର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ମାନସିକ ଓ ଶାରୀରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ କୋଲକତାରୁ ଆସିଥିବା ଦେବାଜିତ୍ ସରକାର ଶିଶୁଙ୍କ ଶୈକ୍ଷିକ ବିକାଶରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରିନ୍ସପାଲ ସସ୍ମିତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସୋମା ଏହାକୁ ସଂଯୋଜନା କରିଥିଲେ । ଏହି ଅବସରରେ କୁଚିପୁଡି ଓ ଭାରତନାଟ୍ୟମ ପରିବେଷଣ ହୋଇଥିଲା। ଅମର ଓ ମନସ୍ୱିନୀ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଶେଷରେ ପୁରସ୍କୃତ କରାଯାଇଥିଲା।

# ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ


ତନରଡ଼ା ଶିକ୍ଷାକେନ୍ଦ୍ରରେ ମଞ୍ଚାସୀନ ଅତିଥିମାନେ।

ଭଞ୍ଜନଗର,୨୬।୩(ଡି.ଏନ.ଏ.) ବେଲଗୁଣ୍ଠା ବ୍ଲକ ତନରଡ଼ା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି। ଏଥିରେ ସରପଞ୍ଚ ଅନିଲ ପାଠୀ, ଅଭିନେତା ଜିବାନନ୍ଦ ପଣ୍ଡା, ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତୀବାସ ବିଶ୍ୱାଳ, ଶ୍ରୀଅରବିନ୍ଦ ପାଠଚକ୍ର ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ସଙ୍ଗଠକ କାର୍ତ୍ତିକେଶ୍ୱର ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ସମ୍ପାଦକ ଗଗନ ବିହାରୀ ଲେଙ୍କା ବିବରଣୀ ପାଠ କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ବେଲଗୁଣ୍ଠା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ସଭାପତି ଭି.ଦେବୀ ପ୍ରସାଦ ପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଅଧ୍ୟାପକ ପ୍ରଭାକର ମହାପାତ୍ର, ବେଲଗୁଣ୍ଠା ଅତିରିକ୍ତ ତହସିଲଦାର ରାକେଶ କୁମାର ପାତ୍ର, ଟି.ବିଶ୍ୱନାଥ ପାତ୍ର, ରବୀନ୍ଦ୍ର ନାଥ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ଦୁର୍ଘଟଣାରେ ୨ ଗୁରୁତର

ରାଇକିଆ,୨୬।୩(ଡି.ଏନ୍.ଏ.)

କନ୍ଧମାଳ ଜିଲା ରାଇକିଆରେ ମଙ୍ଗଳବାର ଏକ ବାଇକ ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। କରଡ଼ା ଗ୍ରାମର କବିରାଜ ପ୍ରଧାନ ଏବଂ ରାଜୀବ ପ୍ରଧାନ ବାଲିଗୁଡ଼ାରୁ ରାଇକିଆ ଅଭିମୁଖେ ଫେରୁଥିଲେ। ରାମମୁଣ୍ଡା ନିକଟ ବୁଲାଣିରେ ଥିବା ପ୍ରୋଟେକ୍ସନ ୱାଲରେ ବାଇକଟି ପିଟି ହୋଇଯାଇଥିଲା। ଅଗ୍ନିଶମ କର୍ମଚାରୀ ଆହତମାନଙ୍କୁ ଉଦ୍ଧାରକରି ପ୍ରଥମେ ରାଇକିଆ ମେଡ଼ିକାଲ ଓ ପରେ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଗଞ୍ଜେଇ ଜବତ, ୪ ଗିରଫ

କ.ନୂଆଗାଁ,୨୬।୩(ଡି.ଏନ୍.ଏ.)

କ.ନୂଆଗାଁ ପୋଲିସ ସୋମବାର ରାତିରେ ଯାନବାହନ ଯାଞ୍ଚବେଳେ ବାଲିଗୁଡାରୁ ଭୁବନେଶ୍ୱର ଯାଉଥିବା ଓମ୍ ଚକାଡୋଲା (ନଂ.ଓଆର୦୨ଏଜି-୫୩୫୩)ନାମକ ଏକ ବସ୍‌ରୁ ୨ଟି ବ୍ୟାଗରେ ଥିବା ଗଞ୍ଜେଇ ଜବତ କରିଛି। ଏଥିସହ ବାଲିଗୁଡା ଗୋଇବାଲିର ସୀମାଞ୍ଚଳ ନାୟକ ଓ ନୂଆସାହିର ଅଜିତ୍ ଦିଗାଲଙ୍କୁ ଗିରଫ କରାଯାଇଛି। ୨ଟି ବ୍ୟାଗରେ ୧୩କେଜି ଗଞ୍ଜେଇ ଥିଲା। ଏନେଇ ନଂ.୨୩/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ସହ ବସ୍ ଡ୍ରାଇଭର କାମରୁଦ୍ଦିନ ଖାଁ ଓ କଣ୍ଡକ୍ଟରଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

# କଂଗ୍ରେସରୁ ବଡ଼ଖେମୁଣ୍ଡିର ଶ୍ରୀଧରଙ୍କ ଇସ୍ତଫା

ଦିଗପହଣ୍ଡି,୨୬।୩(ଡି.ଏନ.ଏ.)


ଖେମୁଣ୍ଡି କାଲୁଆ ଶକ୍ତିପୀଠରେ ଆୟୋଜିତ ସଭାରେ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା।

ବଡ଼ଖେମୁଣ୍ଡି ରାଜକୁମାର ତଥା କଂଗ୍ରେସ ନେତା ଶ୍ରୀଧର ଦେଓ ମଙ୍ଗଳବାର ତାଙ୍କ ସମର୍ଥକଙ୍କ ସହ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଦିଗପହଣ୍ଡି ବ୍ଲକ ଖେମୁଣ୍ଡି କାଲୁଆ ଶକ୍ତିପୀଠରେ କୁକୁଡ଼ାଖଣ୍ଡି ଓ ଦିଗପହଣ୍ଡି ବ୍ଲକର ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଏକତ୍ରିତ ହୋଇଥିଲେ। ଆୟୋଜିତ ସଭାରେ ଶ୍ରୀଧର ତାଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ। ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ସେ ଟିକେଟ ପାଇବେ ବୋଲି ଆଶାବାଦୀ ଥିଲେ। କଂଗ୍ରେସ ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ତାଙ୍କ ଟିକେଟ କାଟିବାରେ ଚକ୍ରାନ୍ତ କରି ସେଥିରେ ସଫଳ ହୋଇଥିବା ସେ ଉଲ୍ଲେଖ କରିଥିଲେ। ନିଖିଳ ଭାରତ କଂଗ୍ରେସ କମିଟି ସଭାପତି ରାହୁଲ ଗାନ୍ଧୀ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇଥିବା କହିଥିଲେ।

୨୦୦୯ ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରମୁଖ ଦାବିଦାର ଶ୍ରୀଧରଙ୍କୁ ଟିକେଟ ଦିଆ ନ ଯିବାରୁ ସେ କଂଗ୍ରେସ ଛାଡ଼ିଥିଲେ। ଭାଜପାରୁ ସେ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରୁ ଇସ୍ତଫା ଦେଇ କଂଗ୍ରେସ ସଙ୍ଗଠନ ପାଇଁ କାମ କରିବା ସହ ଦଳର ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ତାଙ୍କ ପ୍ରତି ଦଳୀୟ ନେତୃତ୍ୱ ଅନ୍ୟାୟ କରିଥିବା କହିଛନ୍ତି। ଶ୍ରୀଧର ପିସିସି ସଭାପତିଙ୍କ ବିରୋଧରେ କେତେକ ମନ୍ତବ୍ୟ ଦେଇ ନ ଥିବା ବେଳେ ଜିଲା କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ଟିକେଟ ବଣ୍ଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦଳୀୟ ନେତୃବୃନ୍ଦଙ୍କୁ ସମାଲୋଚନା କରିଛନ୍ତି। ଶ୍ରୀଧର କେଉଁ ଦଳକୁ ଯିବେ ଘୋଷଣା କରି ନାହାନ୍ତି। ପ୍ରତି ପଞ୍ଚାୟତରେ ଥିବା ତାଙ୍କ ସମର୍ଥକ ଓ ଶୁଭେଚ୍ଛୁଙ୍କ ସହିତ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଶ୍ରୀଧରଙ୍କୁ ସମର୍ଥନ ଜଣାଇ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସିଏଚ୍ ଶଙ୍କର ସୁବୁଦ୍ଧି, ଫାସିଗୁଡ଼ା ସମିତିସଭ୍ୟ ଶିବରାମ ପ୍ରଧାନ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ପ୍ରଧାନ, ପୂର୍ବତନ କାଉନସିଲର ନୃସିଂହ ଚରଣ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର କଂଗ୍ରେସ କାର୍ଯ୍ୟକର୍ତ୍ତା ଦଳରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି।

# ମାରଣାସ୍ତ୍ର ଜବତ ମାମଲା, ୩ ନିର୍ଦ୍ଦୋଷ

ଛତ୍ରପୁର,୨୬।୩(ଡି.ଏନ.ଏ)

ଡକାୟତି ଯୋଜନା ଓ ମାରଣାସ୍ତ୍ର ରଖିବା ମାମଲାର ଶୁଣାଣି କରି ମଙ୍ଗଳବାର ଛତ୍ରପୁର ସହକାରୀ ଦୌରାଜଜ୍ ସତ୍ୟ ନାରାୟଣ ପାତ୍ର ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୨ ଜୁଲାଇ ୭ରେ ରେଗିଡି ଛକ ନିକଟରେ ୫ ଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ଡକାୟତି ପାଇଁ ଯୋଜନା କରୁଥିଲେ। କୌଣସି ସୂତ୍ରରୁ ଖବରପାଇ ଚମାଖଣ୍ଡି ପୋଲିସ ସେଠାରେ ଚଢାଉ କରି ୩ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ପୋଲିସ ସେଠାରୁ ବୋମା, ଖଣ୍ଡା, ମୋବାଇଲ ଫୋନ, ମୁଖା ଆଦି ଜବତ କରିଥିଲା। ଏ ନେଇ ନଂ.୬୧/୨୦୧୨ରେ ମାମଲା ରୁଜୁ ହୋଇଥିଲା। ୭ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ପ୍ରମାଣ ଅଭାବରୁ ୩ ଅଭିଯୁକ୍ତ ମୁନା ନାୟକ, ଶଙ୍କର ସାସମଲ ଓ ବାଳକୃଷ୍ଣ ଶତପଥୀ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବ୍ରଜ ମୋହନ ଆଚାର୍ଯ୍ୟ ଓ କୃଷ୍ଣଚନ୍ଦ୍ର ସାହୁ ମାମଲା ପରିଚାଳନା କରୁଥିଲେ।

### ହୁମ୍ମା ପଞ୍ଚୁଦୋଳ ଯାତ୍ରା, ଆଜି ମେଳଣ

ଗଞ୍ଜାମ,୨୬।୩(ଡି.ଏନ.ଏ.)

ହୁମ୍ମା ପଞ୍ଚୁଦୋଳ ଯାତ୍ରା ମେଳଣ ବୁଧବାର ଶୁଖୁଆ ହାଟଠାରେ ହେବ। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଯାତ୍ରା ଲାଗି ବିଭିନ୍ନ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ସୋମବାର ସମସ୍ତ ସାହିରେ ଯାତ୍ରା ହୋଇଥିଲା। ବୁଧବାର ସମସ୍ତ ସାହିର ଠାକୁର ପଞ୍ଚୁଦୋଳ ପଡିଆରେ ଏକାଠି ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ସେହିପରି ଖଣ୍ଡଦେଉଳି ଓ ବଳରାମପୁର ଗ୍ରାମରେ ମଧ ମଙ୍ଗଳବାରଠାରୁ ପଞ୍ଚୁଦୋଳ ଯାତ୍ରା ଆରମ୍ଭ ହୋଇଛି। ଯାତ୍ରା ଲାଗି ବିଭିନ୍ନ ପ୍ରାନ୍ତରୁ ଆସିଥିବା ବ୍ୟବସାୟୀମାନେ ବେପାର ଆରମ୍ଭ କରିସାରିଲେଣି।

# କଦଳୀ ଫସଲର ମୁଖ୍ୟ ରୋଗ ନିୟନ୍ତ୍ରଣ ବ୍ୟବସ୍ଥା

ଉଭୟ ଫଳ ଓ ପରିବା ରୂପେ ବ୍ୟବହୃତ ହୁଏ କଦଳୀ। ଏହା ଠାକୁରଙ୍କ ଭୋଗ ରୂପେ ବ୍ୟବହାର ଠାରୁ ଆରମ୍ଭ କରି ପରିବା ଭାବେ ନିତିଦିନିଆ ତରକାରିରେ ମଧ୍ୟ ବ୍ୟବହାର କରାଯାଏ। କିନ୍ତୁ କଦଳୀର ଉତ୍ପାଦନ ହାର ଆମ ରାଜ୍ୟରେ କମ୍। ଏଥିପାଇଁ ଆମକୁ ମହାରାଷ୍ଟ୍ର, କର୍ନାଟକ, ଆନ୍ଧ୍ର ଆଦି ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଉତ୍ପାଦନ ହାର ହ୍ରାସ ପାଇବାରେ ମୁଖ୍ୟ କାରଣ ମଧ୍ୟରୁ ମାରାତ୍ମକ ରୋଗ ଅନ୍ୟତମ। ତେଣୁ କେଉଁ ଉପାୟ ଅବଲମ୍ବନ କଲେ କଦଳୀ ବଗିଚାକୁ ରୋଗମୁକ୍ତ ରଖାଯାଇପାରିବ ସେହି ବିଷୟରେ ଏଠାରେ ସୂଚିତ କରାଯାଉଛି।

- କଦଳୀ ବଗିଚାକୁ ରୋଗମୁକ୍ତ କରିବା ପାଇଁ ପୁଆ ବିଶୋଧନ ଏକ ମୁଖ୍ୟକାର୍ଯ୍ୟ। ଏଥିପାଇଁ ପ୍ରତି ୧ ଲିଟର ପାଣିରେ ୫୦୦ ଗ୍ରାମ ଗୋବର, ୨ ମି.ଲି. ମନୋକ୍ରୋଟୋଫସ୍, ୨ ଗ୍ରାମ ବାଭିଷ୍ଟିନ ଓ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ସେଥିରେ ପୁଆଗୁଡ଼ିକୁ ଲଗାଇବା ପୂର୍ବରୁ ୨୦-୩୦ ମିନିଟ୍ ବୁଡ଼ାଇ ଲଗାଇବା ଆବଶ୍ୟକ।
- ଅଣକଦଳିଆ, ପତ୍ରପୋଛା, ଝାଉଁଳା, ଫଳଶଢ଼ା ଓ ପତ୍ରଚିତା ଆଦି ରୋଗ ଦ୍ୱାରା ଆକ୍ରାନ୍ତ ଗଛକୁ ପ୍ରଥମରୁ କାଟି ନଷ୍ଟ କରି ଦିଅନ୍ତୁ।
- ଝାଉଁଳା ଆକ୍ରାନ୍ତ କଦଳୀ କିଆରିରେ ପଟୁମାଟି ମିଶା ବନ୍ୟାଜଳ ଭର୍ତ୍ତି କରି କିଛିଦିନ ବାନ୍ଧି ରଖିଲେ ଏହି ରୋଗର ପ୍ରାଦୁର୍ଭାବ କମିଥାଏ।
- ନୀରୋଗା ପୁଆ ବା ସୁସ୍ଥ ପୁଆ ସଂଗ୍ରହ କରି ଲଗାନ୍ତୁ।
- ପୁଆ ଲଗାଇବା ପୂର୍ବରୁ ପ୍ରତି ଗାତରେ ୨୫୦ ଗ୍ରାମ ନିମ୍ବପିଡ଼ିଆ, ୫୦ ଗ୍ରାମ ଫୁରାଡମ୍ ଓ ୧୦ ଗ୍ରାମ ବାଭିଷ୍ଟିନ ପ୍ରୟୋଗ କରାଯିବା ଆବଶ୍ୟକ।
- କଦଳୀ ବଗିଚାର ଚାରିପଟେ ଯଥାସମ୍ଭବ ବାତ୍ୟା ନିରୋଧକ ଗଛ ଲଗାଇ ପବନର ଗତି କମ୍ କରିପାରିବା।
- ତିନି/ଚାରି ବର୍ଷରେ ଥରେ କଦଳୀ କିଆରିକୁ ଭାଙ୍ଗି ସେଠାରେ ଅନ୍ୟ ଯେକୌଣସି ଫସଲ ଚାଷ କଲେ କଦଳୀ ଫସଲକୁ ଲାଭ ମିଳିବ।
- ଚମ୍ପା, ମୋହନବଂଶୀ, ପୁଭାନ୍, ରୋବୁଷ୍ଟା, ରାଜବାଲେ ପ୍ରଭୃତି କଦଳୀ କିସମ ଚାଷ କଲେ ଭଲ।
- ଝାଉଁଳା ରୋଗ ଦ୍ୱାରା ମରିଯାଉଥିବା ଗଛକୁ ନଷ୍ଟ କରିଦେବା ପରେ ସେଠାରେ ଗାତ ପ୍ରତି ୧ କି.ଗ୍ରା. ଚୂନ ପ୍ରୟୋଗ କରି ଗାତ ବିଶୋଧନ କରିବାର ୨୦ ଦିନ ପରେ ପୁନର୍ବାର କଦଳୀ ଲଗାଯାଇପାରେ।
- ଉପଯୁକ୍ତ ଦୂରତା ଓ ଗଭୀରରେ ଗାତ ଖୋଳି ତାକୁ ୮ ଦିନ ଟାଣ ଖରାରେ ଶୁଖାନ୍ତୁ। ତା'ପରେ ଗାତରେ ଅଳିଆ ଆବର୍ଜନା ଓ କାଠିକୁଟା ଭର୍ତ୍ତିକରି ତାକୁ ପୋତିଦିଅନ୍ତୁ।





**ଝାଉଁଳା ରୋଗ:**
- ଏହାକୁ ପାନାମା ରୋଗ ମଧ୍ୟ କୁହାଯାଏ।
- ଏହା କବକଜନିତ ରୋଗ।
- ଏହି ରୋଗରେ ତଳପଟୁ ପତ୍ର ହଳଦିଆ ପଡ଼ିଯାଏ ଏବଂ ପତ୍ର ବାହାରୁଥିବା ଜାଗାଟି ଭାଙ୍ଗିଯାଏ ଓ ତଳକୁ ଓହଳିପଡ଼େ। ଆସ୍ତେ ଆସ୍ତେ ସମ୍ପୂର୍ଣ୍ଣ ଗଛଟି ଝାଉଁଳିପଡ଼େ ଆଉ ପତ୍ରଗୁଡ଼ିକ ଶୁଖି ମରିଯାଏ। ରୋଗଗ୍ରସ୍ତ ବୁଦାରୁ ଦୁର୍ବଳ ପୁଆମାନ ସୃଷ୍ଟି ହୁଏ ଏବଂ ପଚାଗନ୍ଧ ବାହାରେ। ଏହି ରୋଗ ଗୋଟିଏ ଜମିରୁ ଅନ୍ୟ ଜମିକୁ ଜଳସେଚନ ପାଣି ଏବଂ ରୋଗିଣା ପୁଆ ଦ୍ୱାରା ସଂକ୍ରମିତ ହୁଏ। ରସଥାଳି, ଅମୃତପାଣି, ପାଟକପୁରା ଆଦି କିସମରେ ଏହି ରୋଗ ଅଧିକ ହୁଏ।

**ଅଣକଦଳିଆ ରୋଗ:**
- ଏହା ଭୂତାଣୁଜନିତ ମାରାତ୍ମକ ରୋଗ
- ଏହା ଫସଲକୁ ଯେକୌଣସି ଅବସ୍ଥାରେ ଆକ୍ରାନ୍ତ କରେ।
- ଆକ୍ରାନ୍ତ ଗଛର ସବୁ ପତ୍ର ଏକତ୍ର ମିଶି ଗୁଚ୍ଛ ବା ପେଣ୍ଠା ପରି ଗଛ ଅଗରୁ ବାହାରେ।
- ନୂଆ ପୁଆଗୁଡ଼ିକ ଠିକ୍‌ଭାବରେ ବଢ଼ି ନ ପାରି ଅତ୍ୟନ୍ତ ଗେଡ଼ା ହୁଏ।
- ପତ୍ରଗୁଡ଼ିକ ଆକାରରେ ଛୋଟ ଓ ଟାଣ ହୋଇଯାଏ।
- କଅଁଳ କାନ୍ଦି ସମୟେ ସମୟେ ଗଣ୍ଡି ଫଟାଇ ବାହାରିପଡ଼େ।
- ଏହି ରୋଗ ଅଗଷ୍ଟରୁ ନଭେମ୍ବର ମାସ ମଧ୍ୟରେ ଦେଖାଯାଏ।
- ସାଧାରଣତଃ ଜଉପୋକ ଦ୍ୱାରା ସଂକ୍ରମିତ ହୋଇଥାଏ।

**ସିଗାଟୋକା ବା ପତ୍ରଚିତା ରୋଗ:**
- ଏହା ଏକ କବକଜନିତ ରୋଗ।
- ଏଥିରେ ଈଷତ୍ ହଳଦିଆ ଓ ବାଦାମୀ ରଙ୍ଗର ଲମ୍ବାଳିଆ ଦାଗଗୁଡ଼ିକ ଶିରା ସହିତ ସମାନ୍ତରାଳ ହୋଇ ଦେଖାଯାଏ।
- ଏହି ଦାଗଗୁଡ଼ିକ ବଢ଼ି ଆୟତାକୃତି, ଗାଢ଼ବାଦାମୀ ବା କଳା ହୋଇଯାଏ, ଯାହାର ମଝିଅଂଶ ମାଟିଆ ଓ ଧୂସର ଦେଖାଯାଏ, କେତେକ ଦାଗର ଧାରକୁ ଲାଗି ହଳଦିଆ ବଳୟ ଓ ଦାଗ ମଝିରେ କଳାଛିଟ ଦେଖାଯାଏ।
- ରୋଗ ଆକ୍ରମଣ ଅଧିକ ହେଲେ ଦାଗଗୁଡ଼ିକ ଅଣ୍ଡାକୃତି ହୋଇ ପରସ୍ପର ସହିତ ମିଶି ଚକଡ଼ା ଚକଡ଼ା ଦେଖାଯାଏ। ରୋଗର ପ୍ରାଦୁର୍ଭାବ ପୁରୁଣା ପତ୍ରରେ ଅଧିକ ଦେଖାଯାଏ।
- ସାଧାରଣତଃ ବର୍ଷାଦିନେ ଓ ଝଡ଼ବାତ୍ୟା ପରେ ଏହି ରୋଗ ଅଧିକ ପରିମାଣରେ ଦେଖାଯାଏ।

**ମଞ୍ଜୀକୀଳା ରୋଗ:** ମଞ୍ଜୀକୀଳା ରୋଗ ଆକ୍ରମଣର ପ୍ରଥମାବସ୍ଥାରେ ମୂଳପତ୍ର ମଳିନ ଦେଖାଯାଏ। ସେଥିରେ ଛଡ଼ା ଛଡ଼ା ହୋଇ ପାଣିମିଶା ଦାଗମାନ ଦେଖାଯାଏ। କିଛି ଦିନ ମଧ୍ୟରେ ସଂକ୍ରମିତ ମଞ୍ଜିପତ୍ର କଳା ପଡ଼ି ପଚିବାକୁ ଆରମ୍ଭ କରେ। ଏହା ଅଠା ଲାଗିଲା ପରି ଶକ୍ତ ଭାବେ ଗୁଡ଼େଇହୋଇ ମୋଡ଼ି ମୋଡ଼ି ବାହାରେ। ଆସ୍ତେ ଆସ୍ତେ ଅନ୍ୟ ପତ୍ରଗୁଡ଼ିକ ମରିଯାଏ। ଆକ୍ରମଣ ଅଧିକ ହେଲେ ସମ୍ପୂର୍ଣ୍ଣ ଗଛଟି ମରିଯାଏ। ଏହି ରୋଗ ଦ୍ୱାରା ବୁଦାର ସବୁ ଗଛ ସଂକ୍ରମିତ ନ ହୋଇ କେବଳ ଗୋଟିଏ ଗଛ ସଂକ୍ରମିତ ହୋଇପାରେ ଓ ଆକ୍ରାନ୍ତ ଗଛଟିର ଗଣ୍ଡି ଉପରକୁ ସୁସ୍ଥ ଜଣାପଡୁଥିଲେ ସୁଦ୍ଧା ଭିତରେ ମଞ୍ଜି ଶଢ଼ି କଳା ପଡ଼ିଯାଏ। ବର୍ଷା ଋତୁରେ ଏହି ରୋଗ ବେଶି ପରିମାଣରେ ଦେଖାଯାଏ।

**-ପ୍ରୀତିଲଗ୍ନା ଧଳ, ଡି. ଶୁଭମ୍**
*-ଓୟୁଏଟି, ଭୁବନେଶ୍ୱର*
*ମୋ:୯୯୩୮୪୯୩୯୪୨, ୯୪୩୮୪୬୭୦୭୯*



# ଧାନ ଚାଷର ଜଳ, ରୋଗପୋକ ଓ ଅମଳ ପରିଚାଳନା

(ଦ୍ୱିତୀୟ ଭାଗ)

ଧାନ ଗଛରେ ପତ୍ରମୋଡା ପୋକ ଆକ୍ରମଣ କଲେ ପତ୍ରର ଉପର ତଳକୁ କିମ୍ବା ୨ଟି ପତ୍ରକୁ ମୋଡି ଦେଇ ତହିଁରେ ରହି ସବୁଜ ଅଂଶ କୋରି ଖାଇଥାଏ। ପତ୍ରରେ ଲମ୍ବାଲମ୍ବା ଧଳା ପଟି ଦେଖାଯାଏ। ନଳିପୋକ ହେଲେ ପୋକ ଅଗକୁ କାଟି ଖୋଳ ବା ନଳି ତିଆରି କରି ଲୁଚିକି ରହିଥାଏ। ଏହି ନଳି ପତ୍ର ଧାରରୁ ଓହଳିଥାଏ ଅଥବା ପାଣିରେ ଭାସେ। ଏଥିରେ ମଧ୍ୟ ଲମ୍ବାଲମ୍ବା ଧଳାପଟି ଦେଖାଯାଏ। ବିରିହା ପୋକର ଶରୀର କଳା ଓ କଣ୍ଟା କଣ୍ଟା ଦିଶେ। ଏହା ଅଧିକ ପତ୍ର ଖାଇବାରେ ଖେତ ହପରପୋଡା ପରି ଦିଶିଥାଏ। ଉପରୋକ୍ତ ତିନୋଟି ପୋକର ନିୟନ୍ତ୍ରଣ ନିମନ୍ତେ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦ପ୍ରତିଶତ ଏସ.ପି ୨୦ଗ୍ରାମ୍/କ୍ଲୋରୋପାଇରିଫସ ୨୦ ପ୍ରତିଶତ ଇସିର ୨୫ ମିଲି/ପ୍ରୋଫେନଫସ ୫୦ପ୍ରତିଶତ ଇ.ସି.ର ୨୦ ମି.ଲି. ୧୦ଲିଟର ପାଣିରେ ମିଶାଇ ଫସଲରେ ଭଲ ଭାବେ ସିଞ୍ଚନ କରାଯାଏ।

ଗନ୍ଧିପୋକ ଧାନର କ୍ଷୀର ଢୋକିବା ସମୟରେ ରସ ଶୋଷି ନେବା ଫଳରେ ଧାନ ଲୋଚାକୋଚା ହୋଇ ଅଗାଡ଼ି ହୋଇଯାଏ। ପଚା ଗେଣ୍ଡାକୁ କିଆରିର ବିଭିନ୍ନ ସ୍ଥାନରେ ଟଙ୍ଗାଇଦେଲେ ତାହାର ରସକୁ ଶୋଷି ପୋକ ମରିଯାଆନ୍ତି। ନଚେତ୍ ମାଲାଥିୟନ୍ ୫୦% ଇ.ସି.ର ୨୦ମି.ଲି. ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ଦହିଆ ପୋକ ଶୁଖିଲା ପାଗ ବା ମରୁଡ଼ି ଭଳି ଅନୁଭୂତ ସମୟରେ ଗଛର ରସ ଶୋଷି ନିଅନ୍ତି। ଗଛ ହଳଦିଆ ପଡ଼ିଯାଏ। ପତ୍ର ମୋଡ଼ି ହୋଇ ଆଦୌ କେଣ୍ଡା ବାହାରି ନ ଥାଏ ବା ଅଗାଡ଼ିଆ କେଣ୍ଡା ବାହାରେ। ଦହିଆ ଓ କେଣ୍ଡାକଟା ପୋକର ନିୟନ୍ତ୍ରଣ ନିମନ୍ତେ ପ୍ରୋଫେନ୍‌ଫସ୍ ୫୦% ଇ.ସି.ର ୨୦ମି.ଲି./ଥାୟୋମେଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୨ ଗ୍ରାମ୍ ୧୦ଲିଟର ପାଣିରେ ମିଶାଇ ମିଶାଇ ସିଞ୍ଚନ କରାଯାଏ।

**ପରବର୍ତ୍ତୀ ଯତ୍ନ ଓ ଅମଳ:** ଧାନ ଫୁଲ ଉଡ଼ାଇବାର ୨୫-୩୫ ଦିନ ମଧ୍ୟରେ ଅମଳ ଉପଯୋଗୀ ହୋଇଥାଏ। କେଣ୍ଡାରେ ୮୦-୮୫ ଭାଗ ଧାନ ପାଚିଗଲେ ଏହା ଅମଳ ଉପଯୋଗୀ ହୋଇଥାଏ। ଠିକ୍ ସମୟରେ କାଟିଲେ କେଣ୍ଡାରୁ ଧାନ ଅଧିକ ଝଡ଼ି ନ ଥାଏ। କେଣ୍ଡାକଟା ପୋକ ଆକ୍ରମଣ ଅଧିକ ହୋଇ ନ ଥାଏ। ଧାନର ରଙ୍ଗ ଚିକ୍କଣ ଦେଖାଯାଏ ଓ ଗଜାଶକ୍ତି ଭଲ ରହିଥାଏ।

ଧାନ କାଟି ସାରି ଜମିରେ ୫-୭ ଦିନ ଭଲ କରି ଶୁଖାଇବା ପରେ ଅମଳ ଯନ୍ତ୍ର ସାହାଯ୍ୟରେ ବା ବେଙ୍ଗଳା କରି ଧାନ ଅମଳ କରାଯାଏ। ତା'ପରେ ଧାନକୁ ଭଲ ଭାବେ ଉଡ଼ାଉଡ଼ି କରି ୨-୩ଟି ଟାଣ ଖରାରେ ଶୁଖାଇ ନୂଆ ଅଖା ବା ଭଲ ଭାବେ ଝଡ଼ା ଓ ଧୁଆ ହୋଇଥିବା ପୁରୁଣା ଅଖାରେ ରଖାଯାଏ। ବିହନ ଧାନକୁ ୧୧-୧୩% ଜଳୀୟାଂଶ ଥାଇ ସାଇତିବା ଆବଶ୍ୟକ। ଶୁଖାଯାଇଥିବା ଧାନକୁ ଦାନ୍ତ ମଝିରେ ରଖି ଚାପିଲେ ଯଦି ଟକ୍ କରି ଶବ୍ଦ ସହ ୨ ଖଣ୍ଡ ହୋଇଯାଏ, ତାହେଲେ ଠିକ୍ ଆର୍ଦ୍ରତାରେ ଅଛି ବୋଲି ବୁଝାଯିବ। ସାଇତା ସମୟରେ ଆର୍ଦ୍ରତା ଅଧିକ ଥିଲେ ଗଜା ଶକ୍ତିରେ ହ୍ରାସ ଘଟିବା ସହ ଶୀଘ୍ର ପୋକ ଆକ୍ରମଣ କରିଥାନ୍ତି ଓ ପ୍ରକ୍ରିୟାକରଣ ନିମନ୍ତେ ଅନୁମତି ଦିଆଯାଇ ନ ଥାଏ।

ବିଲ ମୂଷା ପାଇଁ ଗାତ ଠାବ କରି କୀଟନାଶକ ଦେଇ କାଦୁଅରେ ଲିପି ଦିଆଯାଏ। ଘର ମୂଷା ଲାଗି ଜିଙ୍କ୍ ଫସ୍‌ଫାଇଡ୍ ଔଷଧ ଖାଦ୍ୟ ଥୋପ ରୂପେ ଦିଆଯାଏ। ର୍ୟାଟ୍ କିଲର୍, ରୋବାନ୍, ମୋର୍ଟିନ୍ କେକ୍ ବଜାରରୁ ଆଣି ଖଣ୍ଡ ଖଣ୍ଡ କରି ମୂଷା ଯାତାୟାତ ରାସ୍ତାରେ ରଖି ପାଖରେ ପାଣିପାତ୍ର ରଖିଦେଲେ ଖାଇସାରି ପାଣି ପାଖକୁ ଆସି ପିଇବା ମାତ୍ରେ ମରିଯାଆନ୍ତି। ସାଇତା ସମୟରେ ଉକୁଣିଆ ବା ଶୁଣ୍ଢ ପୋକ, ଭମା ପୋକ, ନୋଳି ବା ବିଣ୍ଡା ପୋକ, ଚାଉଳ ମଥ୍, ଶସ୍ୟକଣା ପୋକ ନିୟନ୍ତ୍ରଣ ଲାଗି ବ୍ୟବସ୍ଥା ଗ୍ରହଣ କରାଯିବା ଦରକାର। ଧାନ ସାଇତା ଘରକୁ ଚଢ଼େଇ ନ ପଶିବା ଲାଗି ଝରକା ଓ ସ୍କାଇ ଲାଇଟ୍‌ରେ ଜାଲି ଦିଆଯାଏ। ଶୁଖିଲା ଧାନ ସହ ନିମ୍ବ, ବେଗୁନିଆ, ବେଲ, ବଣତୁଳସୀ, କରଞ୍ଜ ପତ୍ର ୧% ମିଶାଇ ରଖିଲେ ପୋକ ସହଜରେ ଲାଗି ନ ଥାଏ। ସାଇତା ଘର ଓ ଏହାର ନିକଟ ଅଞ୍ଚଳ ପରିଷ୍କାର ରଖିବା ସହ ସାଇତା ଘରକୁ ନିୟମିତ ପରିଦର୍ଶନ କରିବା ଭଲ। ଏକର ପ୍ରତି ଅଧିକ ଅମଳକ୍ଷମ ଧାନ ଚାଷରୁ ୧୮-୩୦ କୁଇଣ୍ଟାଲ ଓ ବାସ୍ନା ଧାନ ଚାଷରୁ ୧୩-୧୮ କୁଇଣ୍ଟାଲ ଅମଳ ମିଳିଥାଏ।

**-ଡ.ପରେଶ କୁମାର ପଣ୍ଡା**
*ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦*

## ଶଙ୍ଖସାରୁ

ଶଙ୍ଖସାରୁ ବିହନ ମୁଣ୍ଡା ଗୁଡ଼ିକରୁ ୨ରୁ ୩ଟି ଗଜା ଥିବା ୫୦ ଗ୍ରାମ୍ ଓଜନର ଖଣ୍ଡ କାଟି ବିହନ ଆକାରରେ ବ୍ୟବହାର କରନ୍ତୁ। ଏକ ଏକର ଫସଲ ପାଇଁ ୮ ରୁ ୧୦ କୁଇଣ୍ଟାଲ ସାରୁ ବିହନ ବ୍ୟବହାର କରନ୍ତୁ। ସର୍ବଦା ହୃଷ୍ଟପୁଷ୍ଟ ରୋଗ ନିରୋଧକ ଶକ୍ତି ଥିବା କିସମ ଲଗାନ୍ତୁ। ଏକ କିଗ୍ରା ସାରୁ ବିହନରେ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରୁ ଏକ ଗ୍ରାମ୍ ହିସାବରେ ମିଶାଇ ବିଶୋଧନ କରନ୍ତୁ।



## ପିଆଜ ଅମଳ

ପିଆଜ ଗଛ ପୁରାପୁରି ଶୁଖିଯିବା ପୂର୍ବରୁ ଫସଲରେ ଶତକଡା ୬୦-୭୦ଭାଗ ପତ୍ର ହଳଦିଆ ହୋଇ ଝୁଲି ପଡିଲେ ଅମଳ କରନ୍ତୁ। ଭଲଭାବରେ ଶୁଖିଥିବା ପିଆଜକୁ କାର୍ବେଣ୍ଡାଜିମ୍ ଦ୍ରବଣ (ପ୍ରତି ଲିଟର ପାଣିରେ ଏକ ଗ୍ରାମ୍) ସିଞ୍ଚନ କରି ଶୀତଳ ଭଣ୍ଡାରରେ ୦-୧.୫ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ଓ ଶତକଡା ୬୦ଭାଗ ଆପେକ୍ଷିକ ଆର୍ଦ୍ରତାରେ ରଖିଲେ ପିଆଜ ଗଜା ନ ହୋଇ ଅଧିକ ଦିନ ରହିଥାଏ।



ପ୍ରଥମ ପୃଷ୍ଠାରୁ...

## ମହାପ୍ରଭୁଙ୍କ...

ଏହାଦ୍ୱାରା ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରାଯାଉଛି। ସୋସିଆଲ ମିଡିଆରେ ପ୍ରଚାର ଉଦ୍ଦେଶ୍ୟରେ ଏହା ମଧ୍ୟ ପ୍ରସାରଣ କରାଯାଇଛି। ଏହାର ତଦନ୍ତ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ନିବେଦନ କରାଯାଇଛି। ସେହିପରି ସମ୍ବିତଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ କଂଗ୍ରେସ ଫେରାଦ ହୋଇଛି। ଏ ସମ୍ପର୍କରେ ସମ୍ବିତ୍ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଗଣଦେବତା। ସମସ୍ତଙ୍କ ଆରାଧ୍ୟ। ମହାପ୍ରଭୁଙ୍କ ପ୍ରତି ମୋର ଭକ୍ତି ଏବଂ ଗଭୀର ବିଶ୍ୱାସ ରହିଛି। ଠାକୁରଙ୍କ ବିଗ୍ରହ ଧରି ରାଲିରେ ସାମିଲ ହେବା ପଛରେ ମୋର କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିଲା। ସୋମବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିବା ସମୟରେ ପିପିଲି ନିକଟରେ ଜଣେ ଭଦ୍ରବ୍ୟକ୍ତି ମୋତେ ଜଗନ୍ନାଥଙ୍କ ବିଗ୍ରହ ବଢ଼ାଇ ଦେଇଥିଲେ। ଜଣେ ଓଡ଼ିଆ ଭାବେ ସେହି ବିଗ୍ରହଙ୍କୁ ଆଣି ମୁଣ୍ଡିଆ ମାରିଥିଲି। ନିର୍ବାଚନ ସମୟ ଥିବାରୁ ତାଙ୍କୁ ମୂର୍ତ୍ତି ରଖିବାକୁ କହି ଫେରାଇ ଦେଇଥିଲି। ତେଣୁ ଜଣେ ଭକ୍ତର ଭାବାବେଗକୁ ନେଇ ଏଭଳି ରାଜନୀତି କରା ନ ଯାଉ।

## ଘସିପୁରାରେ...

ତଦନ୍ତ ଚାଲିଛି, ଖୁବଶୀଘ୍ର ଦୋଷୀମାନେ ଦଣ୍ଡ ପାଇବେ। ରାମଚନ୍ଦ୍ର ମଙ୍ଗଳବାର ବିଜେଡିରେ ସାମିଲ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଦଳରେ ସାମିଲ ହୋଇଥିଲେ ବିଜେଡିର ଶକ୍ତି ବୃଦ୍ଧି ପାଇଥାନ୍ତା।

ରାମଚନ୍ଦ୍ର କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ପୂର୍ବରୁ ପରିଚିତ ଥିଲେ। ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ସେ ଆନନ୍ଦପୁର ବ୍ଲକର ଚେୟାରମ୍ୟାନ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ଘସିପୁରା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ତୃତୀୟ ସ୍ଥାନରେ ରହିଥିଲେ। ପରେ ଦୀର୍ଘ ଦିନ ଧରି ରାଜନୀତିଠାରୁ ଦୂରେଇ ଯାଇଥିଲେ। ୨୦ ନଂ ଜାତୀୟ ରାଜପଥକୁ ଲାଗିଥିବା ଧକୋଠା ପଞ୍ଚାୟତର ବଡ଼ଏକତାଳି ଗାଁରେ ସୋମବାର ସନ୍ଧ୍ୟାରେ ସେ ତାଙ୍କର ସମର୍ଥକଙ୍କୁ ନେଇ କୁଣ୍ଡାକୋଟରେ ଏକ ବୈଠକ କରିଥିଲେ। ସମର୍ଥକଙ୍କ ସହିତ ରାମଚନ୍ଦ୍ର ମଙ୍ଗଳବାର ବିଜେଡିରେ ସାମିଲ ହେବାର କାର୍ଯ୍ୟକ୍ରମ ମଧ୍ୟ ରହିଥିଲା। ତାଙ୍କ ପରିବାରବର୍ଗ କହିଛନ୍ତି ଯେ, ରାତି ପ୍ରାୟ ୧୦ ଟା ସମୟରେ ପଞ୍ଚାୟତର ୪ ଜଣ ଲୋକ ଆସି ତାଙ୍କ ଘରେ ପହଞ୍ଚିଥିଲେ। ସେମାନେ ଘରେ ବସି ବିଭିନ୍ନ ବିଷୟରେ କଥା ହୋଇଥିଲେ। ଚା' ଓ ମୃଦୁପାନୀୟ ପିଇବା ସାଙ୍ଗକୁ ପିଠା ବି ଖାଇଥିଲେ। କିଛି ସମୟ ପରେ ବାହାରେ କେତେକ ଲୋକ ଅଛନ୍ତି ଆସ କଥାହେବା କହି ସେମାନେ ରାମଚନ୍ଦ୍ରଙ୍କୁ ଡାକିନେଇଥିଲେ। ସେ ଗେଟ୍ ବାହାରକୁ ଯିବାପରେ ପୂର୍ବ ଯୋଜନା ଅନୁଯାୟୀ ପ୍ରସ୍ତୁତ ହୋଇରହିଥିବା ୧୫ରୁ ଊର୍ଦ୍ଧ୍ୱ ଲୋକ ତାଙ୍କୁ ଖଣ୍ଡା, ଭୁଜାଲିରେ ଆକ୍ରମଣ କରିଥିଲେ। ସେମାନେ ରାମଚନ୍ଦ୍ରଙ୍କ ଗୋଟିଏ ହାତ କାଟିଦେବାରୁ ସେ ବିକଳରେ ଚିତ୍କାର କରିଥିଲେ। ତାଙ୍କର ଜଣେ ଝିଅ ଘରୁ ବାହାରକୁ ଆସି ପାଟି କରିବାରୁ ଦୁର୍ବୃତ୍ତମାନେ କଟା ହାତକୁ ଧରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ୧୫ କି.ମି. ଦୂର ଆନନ୍ଦପୁର ଡାକ୍ତରଖାନାକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳି ଡାକ୍ତରଖାନା ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।

ରାମଚନ୍ଦ୍ରଙ୍କୁ ହତ୍ୟା କରାଯିବା ଖବର ପ୍ରଚାର ହେବାପରେ ସାରା ଅଞ୍ଚଳ ସ୍ତବ୍ଧ ହୋଇଯାଇଥିଲା। ପୋଲିସ ପହଞ୍ଚି ଡାକ୍ତରଖାନାରୁ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହକୁ ଧକୋଠା ଗାଁକୁ ଆଣି ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ଘଟଣାର ପ୍ରତ୍ୟକ୍ଷଦର୍ଶୀ ରାମଚନ୍ଦ୍ରଙ୍କ ଝିଅ ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଚିହ୍ନିଥିବା ପୋଲିସକୁ ସୂଚନା ଦେଇଛନ୍ତି। ଆନନ୍ଦପୁର ଏସଡିପିଓ ପଣ୍ଡା ଖବରଦାତାଙ୍କୁ ଏହି ସୂଚନା ଦେଇ କହିଛନ୍ତି, ୨ ଜଣ ଡିଏସପି, ୫ ଜଣ ଆଇଆଇସି ତଦନ୍ତ କାର୍ଯ୍ୟ କରୁଛନ୍ତି। ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଧକୋଠା ଗ୍ରାମ ବଡଏକତାଳିର ଅଜିତ୍ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ବୌତେଇ, ସଞ୍ଜିତ୍ ପୃଷ୍ଟି। ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ। ରାମଚନ୍ଦ୍ରଙ୍କ ଝିଅ ମିନାରାଣୀ ଘସିପୁରା ଥାନାରେ ଦେଇଥିବା ଏତାଲା ଅନୁଯାୟୀ ପୋଲିସ ହତ୍ୟା ମାମଲା (ନଂ.୫୧/୨୦୧୯) ରୁଜୁ କରିଛି।

ରାମଚନ୍ଦ୍ରଙ୍କ ହତ୍ୟା ଏବଂ ଏହାପଛରେ ମନ୍ତ୍ରୀ ବଦ୍ରି ପାତ୍ରଙ୍କ ପରିବାରର ସମ୍ପୃକ୍ତି ଅଭିଯୋଗ ଘଟଣା ଚାରିଆଡ଼େ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ଗିରଫ ୩ ଅଭିଯୁକ୍ତ ଜଣେ ଜିଲା ପରିଷଦ ସଦସ୍ୟଙ୍କ ସମ୍ପର୍କୀୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଏବଂ ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଧକୋଠା ଗାଁକୁ ଯାଇ ସମ୍ପୃକ୍ତ ପରିବାରକୁ ଭେଟି ସମବେଦନା ଜଣାଇ ଫେରିଛନ୍ତି।

## ବିଜେଡି...

ଭୁବନେଶ୍ୱରରେ ପ୍ରସନ୍ନ ପାଟଶାଣୀଙ୍କ ବଦଳରେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଅରୂପ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିବା ପାଇଁ ପ୍ରଚେଷ୍ଟା କରାଯାଉଛି। ପୁରୀ, କଟକରେ ପୂର୍ବ ପ୍ରାର୍ଥୀଙ୍କୁ ବଦଳା ନ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଜେଡି ପାଇଁ ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ଚୟନ କଷ୍ଟକର ହୋଇପଡ଼ିଛି। ଦଳର ଶୀର୍ଷ ନେତୃତ୍ୱ କୌଣସି ଗୋଟିଏ ନାଁ ଉପରେ ସହମତି ଆଣିପାରୁନାହିଁ। କିଛିଦିନ ତଳେ ଦଳ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀ ନ ମିଳିବାରୁ ଢେଙ୍କାନାଳ ରାଜପରିବାରର ସଦସ୍ୟା ମିନାଲ କୁମାରୀଙ୍କୁ ପ୍ରାର୍ଥିନୀ କରିବା ପାଇଁ ଚେଷ୍ଟା କରାଯାଇଥିଲା। ହେଲେ ବରିଷ୍ଠ କଂଗ୍ରେସ ନେତା କେ.ପି. ସିଂଦେଓଙ୍କୁ କଂଗ୍ରେସ ପ୍ରାର୍ଥୀ କରାଯିବାର ସମ୍ଭାବନା ଥିବାରୁ ରାଜ ପରିବାରରୁ ଅନ୍ୟ କେହି ବିଜେଡି ଟିକେଟ୍‌ରେ ଲଢିବେ ନାହିଁ ବୋଲି ସୂତ୍ରରୁ ପ୍ରକାଶ। ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କୁ ଢେଙ୍କାନାଳ ଆସନରୁ ପ୍ରାର୍ଥୀ କରିବା ପାଇଁ ବିଚାର କରାଯାଉଥିବା ଜନୈକ ବିଜେଡି ନେତା କହିଛନ୍ତି।

ସେହିପରି ତୃତୀୟ ପର୍ଯ୍ୟାୟ ହେବାକୁଥିବା କେତେକ ବିଧାନସଭା ଆସନରେ ଦଳ ପ୍ରାର୍ଥୀ ସନ୍ଧାନରେ ରହିଛି। ଏହି ଆସନଗୁଡ଼ିକ ହେଉଛି- ଭୁବନେଶ୍ୱର(ଉତ୍ତର), ଭୁବନେଶ୍ୱର(ମଧ୍ୟ), ଚିଲିକା, ଆନନ୍ଦପୁର, କେନ୍ଦୁଝର, ଘସିପୁରା, ଆଠମଲ୍ଲିକ, ତେଲକୋଇ, ଛେଣ୍ଡିପଦା ଏବଂ ହିନ୍ଦୋଳ। କଟକ ଜିଲାର ବାଙ୍କୀ ଏବଂ ଚୌଦ୍ୱାର-କଟକ ବିଧାନସଭା ଆସନରେ ବର୍ତ୍ତମାନ ବିଧାୟକଙ୍କ ପୁଅଙ୍କୁ ଟିକେଟ୍ ଦିଆଯିବ ବୋଲି ଜଣାପଡିଛି। ପୁରୀ ଲୋକ ସଭା ଅନ୍ତର୍ଗତ ୬ଟି ବିଧାନସଭା ଆସନରେ ବିଜେଡି ପୂର୍ବ ପ୍ରାର୍ଥୀ ବଦଳାଇବ ନାହିଁ। କେବଳ ସତ୍ୟବାଦୀରେ ଉମାକାନ୍ତ ସାମନ୍ତରାୟଙ୍କୁ ପ୍ରାର୍ଥୀ କରିବ ବୋଲି ଆଲୋଚନା ହେଉଛି। ଉଲ୍ଲେଖଯୋଗ୍ୟ ଯେ, ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡି ତାଙ୍କ ଉପରୁ ନିଲମ୍ବନ ହଟାଇଦେଇଥିଲା। ଜଟଣୀରେ ଭାଗୀରଥି ବଡଜେନାଙ୍କ ବଦଳରେ ବିଭୂତି ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କ ବଦଳରେ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜୟଦେବରେ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ବଦଳରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କ ନାଁ ବିଚାର କରାଯାଉଛି। ତିନି ଦିନ ପୂର୍ବେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୧ରୁ ୨୧ ଲୋକ ସଭା ଆସନ ଜିତିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଗୁରୁବାର ସୁଦ୍ଧା ବିଜେଡି ଏହି ପର୍ଯ୍ୟାୟ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ୩ ଦିନ ପୂର୍ବେ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ୨ଟି ବିଧାନସଭା ଆସନ(ସମ୍ବଲପୁର, ରେଢାଖୋଲ) ପାଇଁ କେବଳ ପ୍ରାର୍ଥୀ ଘୋଷଣା କରିଛି। ସେମାନେ ହେଲେ ଡା. ରାସେଶ୍ୱରୀ ପାଣିଗ୍ରାହୀ ଏବଂ ରୋହିତ ପୂଜାରୀ। ବଳକା ୪୦ ବିଧାନସଭା ଏବଂ ୬ ଲୋକ ସଭା ଆସନରେ ବିଜେଡି କାହାକୁ ପ୍ରାର୍ଥୀ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ନବୀନ ନିବାସ...





ମୁହାଁମୁହିଁ ହୋଇଥିବା ନିଆଳି ବିଧାୟକଙ୍କ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ।

ସମର୍ଥକ ଆସି ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବାଙ୍କୀରେ ପାରିବାରିକ ରାଜନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସମର୍ଥକମାନେ କହିଛନ୍ତି। ବାଲେଶ୍ୱର ଜିଲା ଜଳେଶ୍ୱର ବିଜେଡିର କେତେଜଣ କର୍ମୀ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ବିରୋଧରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

Dollar 68.86 (10) | Sensex 38,233.41 (424.50) | Nifty 11,483.25 (129) | Gold 33,170.00 (₹50) | Silver 39,100.00 (₹100)

“ କୃଷି କ୍ଷେତ୍ରରେ ଆବଶ୍ୟକ ହେଉଥିବା ବିଭିନ୍ନ ସଲ୍ୟୁଶନକୁ ନଜରରେ ରଖି ‘ବରୋଦା କିଶାନ’ ନାମରେ ଏକ ଡିଜିଟାଲ ପ୍ଲାଟଫର୍ମ ଆଣିବାକୁ ନିଷ୍ପତ୍ତି ହୋଇଛି।

– ପି.ଏସ୍. ଜୟକୁମାର, ଏମ୍‌ଡି ତଥା ସିଇଓ ବ୍ୟାଙ୍କ ଅଫ୍ ବରୋଦା



“ ୪ଜି ସ୍ପେକ୍ଟ୍ରମ ଲାଗି ବିଏସ୍‌ଏନ୍‌ଏଲ୍ , ଏମ୍‌ଟିଏନ୍‌ଏଲ୍ ସହ ଆଲୋଚନା କରାଯିବାକୁ ଯୋଜନା ରହିଛି।

–ଆର୍.ଏସ୍. ଶର୍ମା, ଟ୍ରାଇ, ଅଧ୍ୟକ୍ଷ



## ସଂକ୍ଷେପରେ

### ଆର୍‌ବିଆଇ ଗଭର୍ନରଙ୍କ ନିଯୁକ୍ତି ତଥ୍ୟ ଦେବନି କେନ୍ଦ୍ର

ନୂଆଦିଲ୍ଲୀ,୨୬-୩: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ଦେବାକୁ କେନ୍ଦ୍ର ସରକାର ମନା କରିଦେଇଛନ୍ତି। ଆର୍‌ଟିଆଇ ଆଇନ ଅଧୀନରେ ଏ ସମ୍ପର୍କରେ ସୂଚନା ଲୋଡାଯିବାରୁ ଏହାର ଜବାବରେ ସରକାର ସ୍ୱଚ୍ଛ ଆଇନ ସମ୍ପର୍କରେ ଉଲ୍ଲେଖ କରି ଏଭଳି ତଥ୍ୟ ପ୍ରଘଟ କରାଯାଇପାରିବନି ବୋଲି କହିଛନ୍ତି। ସରକାର ଏ ସମ୍ପର୍କରେ ମନ୍ତ୍ରିଗୋଷ୍ଠୀ, ସଚିବ ଓ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମ୍ପର୍କରେ ଜଣାଇପାରିବେନି ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। ଆର୍‌ଟିଆଇ ଦ୍ୱାରା ମଗାଯାଇଥିବା ସୂଚନାର ଜବାବରେ ସରକାର ଗଭର୍ନର ପଦ ଲାଗି ଚୂଡ଼ାନ୍ତ ପ୍ରାର୍ଥୀଙ୍କ ତାଲିକା ତଥା ନିଯୁକ୍ତିକୁ ନେଇ ଫାଇଲ ନୋଟିଂ ସମ୍ପର୍କରେ ଜଣାଇବେ ନାହିଁ ବୋଲି କହିଛନ୍ତି।

### ନୂଆ ନିୟମ ଯୋଗୁ ଟିଭି ବିଲ୍ କମିବ

ନୂଆଦିଲ୍ଲୀ,୨୬-୩: ଟିଭି ଚ୍ୟାନେଲ ପାଇଁ ନୂଆ ନିୟମ ପ୍ରଣୟନ କରାଯିବା ପରେ ଡିଟିଏଚ୍ ଓ କେବଲ ଉପଭୋକ୍ତାଙ୍କ ଟିଭି ବିଲ୍ ବଢ଼ିବ ନାହିଁ। ଅନ୍ୟପକ୍ଷରେ ନିଜ ମନପସନ୍ଦର ଚ୍ୟାନେଲ ଦେଖିବାର ସ୍ୱାଧୀନତା ମିଳିବ ବୋଲି ଟ୍ରାଇ ଅଧ୍ୟକ୍ଷ ଆର୍.ଏସ୍. ଶର୍ମା ମଙ୍ଗଳବାର କହିଛନ୍ତି। ନୂଆ ନିୟମ ଅନୁସାରେ ଏପ୍ରିଲ ପହିଲାରୁ ଟିଭି ଦର୍ଶକ ନିଜ ପସନ୍ଦର ଚ୍ୟାନେଲ ପାଇଁ ହିଁ କେବଳ ଅର୍ଥ ଦେବେ। ଅପରେଟର୍ସ ସେମାନଙ୍କୁ ଅନ୍ୟ ଚ୍ୟାନେଲ ଦେଖିବାକୁ ବାଧ କରିପାରିବେ ନାହିଁ। ନୂଆ ନିୟମ ଅଧୀନରେ ଟ୍ରାଇ ଦ୍ୱାରା ଚ୍ୟାନେଲ ଦର ଧାର୍ଯ୍ୟ କରାଯାଇଛି। ସର୍ବାଧିକ ଦର ୧୯ ଟଙ୍କା ହେବ। ଶର୍ମା କହିଛନ୍ତି ଯେ, ନୂଆ ନିୟମ ଲାଗୁ ହେବା ପରେ କେବଲ ଅପରେଟର୍ସ ଓ ଉପଭୋକ୍ତାଙ୍କ ମାସିକ ବିଲ୍ ବଢ଼ିବନାହିଁ।

### ଶେୟାର ପୁନଃଖରିଦ ଯୋଜନାରୁ ଓହରିଲା ମାଇଣ୍ଡଟ୍ରି

ନୂଆଦିଲ୍ଲୀ,୨୬-୩: ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଇଞ୍ଜିନିୟରିଂ କମ୍ପାନୀ ଏଲ୍‌ଆଣ୍ଡଟି ଦ୍ୱାରା ଜବରଦସ୍ତ ଅଧିଗ୍ରହଣ ଉଦ୍ୟମ ସ୍ୱରୂପ ଶେୟାର କିଣିବା ଲାଗି ଦିଆଯାଇଥିବା ପ୍ରସ୍ତାବ ଉପରେ ବିଚାର ପାଇଁ ମାଇଣ୍ଡଟ୍ରି ପକ୍ଷରୁ ମଙ୍ଗଳବାର ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଏଥିରେ ବୋର୍ଡର ସ୍ୱାଧୀନ ନିର୍ଦ୍ଦେଶକମାନଙ୍କୁ ସାମିଲ କରାଯାଇଛି। ମଙ୍ଗଳବାର ଅନୁଷ୍ଠିତ ବୋର୍ଡ ବୈଠକରେ ଶେୟାର ପୁନଃଖରିଦ ଯୋଜନାରୁ କମ୍ପାନୀ ଓହରିଯିବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନାରେ କୁହାଯାଇଛି ଯେ, ସ୍ୱାଧୀନ ନିର୍ଦ୍ଦେଶକ ରେଡ଼ିଓ ସିଟି ସିଇଓ ଅପୂର୍ବା ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଲ୍‌ଆଣ୍ଡଟିର ଅଯାଚିତ ପ୍ରସ୍ତାବ ଉପରେ ଏହି କମିଟି ନିଜର ସୁପାରିସ ପ୍ରଦାନ କରିବ। ସୂଚନାଥାଉ କି, ଏଲ୍‌ଆଣ୍ଡଟି ପକ୍ଷରୁ ମାଇଣ୍ଡଟ୍ରିର ୫.୧୩ କୋଟି ଅର୍ଥାତ୍ ୩୧% ଶେୟାର କିଣିବା ଲାଗି ପ୍ରସ୍ତାବ ଦିଆଯିବ। କମ୍ପାନୀ ଶେୟାର ମୂଲ୍ୟ ୯୮୦ ଟଙ୍କା ଧାର୍ଯ୍ୟ କରିଛି। ଏହାଦ୍ୱାରା ଏଲ୍‌ଆଣ୍ଡଟି ପ୍ରାୟ ୫୦୩୦ କୋଟି ଟଙ୍କା ବିନିଯୋଗ କରିବ। ପ୍ରାୟ ୧୦,୮୦୦ କୋଟି ଟଙ୍କାରେ ମାଇଣ୍ଡଟ୍ରିର ୬୬ ପ୍ରତିଶତ ଅଂଶଧନ କିଣିବାକୁ ଇଞ୍ଜିନିୟରିଂ କମ୍ପାନୀ ଆଗ୍ରହ ପ୍ରକାଶ କରିଛି। ଯାହାକୁ ମାଇଣ୍ଡଟ୍ରିର ପ୍ରମୋଟରମାନେ ବିରୋଧ କରିଛନ୍ତି।

■ ୭% ଜିଡିପି ଅଭିବୃଦ୍ଧି ହାର ତଥ୍ୟ

# ସନ୍ଦେହ ପ୍ରକାଶ କଲେ ରାଜନ

ନୂଆଦିଲ୍ଲୀ,୨୬-୩



ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ୭% ହାରରେ ବଢ଼ିବ ବୋଲି କେନ୍ଦ୍ରର ଏନ୍‌ଡିଏ ସରକାର ଡିଣ୍ଡିମ ପିଟୁଥିବା ବେଳେ ଏହାକୁ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ତଥା ଖ୍ୟାତିସମ୍ପନ୍ନ ଅର୍ଥନୀତିଜ୍ଞ ରଘୁରାମ ରାଜନ ପ୍ରଶ୍ନ ଉଠାଇଛନ୍ତି। ତେବେ ସେ କହିଛନ୍ତି ଯେ, ଦେଶର ମୋଟ ଘରୋଇ ଉତ୍ପାଦ ପରିସଂଖ୍ୟାନକୁ ନେଇ ଉପୁଜିଥିବା ସନ୍ଦେହ ଦୂର କରାଯିବା ଆବଶ୍ୟକ। ସେଥିପାଇଁ ଏକ ନିରପେକ୍ଷ ବିଶେଷଜ୍ଞ କମିଟି ଗଠନ କରାଯିବା ଉଚିତ୍।

ନିଜର ପୁସ୍ତକ ‘ଥାର୍ଡ ପିଲାର’ ଉନ୍ମୋଚନ ଅବସରରେ ମିଡିଆ ସହ ସାକ୍ଷାତ୍କାର ବେଳେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ କହିଛନ୍ତି ଯେ, କେଉଁ ଆଧାରରେ ଜିଡିପି ପରିସଂଖ୍ୟାନ ଦିଆଯାଉଛି ଏବଂ ଏହାଦ୍ୱାରା ଆମକୁ କ’ଣ ଜାଣିବାକୁ ମିଳୁଛି, ସେ କହିପାରିବେ ନାହିଁ। ଦେଶର ଠିକ୍ ଅଭିବୃଦ୍ଧି ହାର ଜାଣିବାକୁ ହେଲେ ପରିସଂଖ୍ୟାନକୁ ପରିବର୍ତ୍ତନ କରାଯିବା ଆବଶ୍ୟକ। ସୂଚନାଥାଉ କି, ବିନା ନିଯୁକ୍ତି ସୃଷ୍ଟିରେ ଅର୍ଥନୀତି ୭ରୁ ୮% ହାରରେ ଅଭିବୃଦ୍ଧି ହାସଲ କରିପାରିବ ନାହିଁ। କୌଣସି ବଡ଼ ସାମାଜିକ ଆନ୍ଦୋଳନ ହୋଇ ନ ଥିବାରୁ ଏହା ଦର୍ଶାଉଛି ଯେ, ଏହା ନିଯୁକ୍ତିବିହୀନ ବୃଦ୍ଧି ନୁହେଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଯୁକ୍ତି ଦର୍ଶାଇ ଆସୁଛନ୍ତି।

ଅଭିବୃଦ୍ଧି ହାର ପରିସଂଖ୍ୟାନରେ ସଂଶୋଧନ ପରେ କେତେକ ଆର୍ଥିକ ପରିସଂଖ୍ୟାନକୁ ନେଇ ଏବେ ସନ୍ଦେହ ସୃଷ୍ଟି ହେଲାଣି। ଏହା ଉପରେ ନିଜ ପ୍ରତିକ୍ରିୟାରେ ରାଜନ କହିଛନ୍ତି ଯେ, ସବୁକିଛି ସ୍ପଷ୍ଟ ହେବା ଉଚିତ୍। ଉଲ୍ଲେଖ କରାଯାଇପାରେ ଯେ, ଗତ ବର୍ଷ ନଭେମ୍ବରରେ କେନ୍ଦ୍ର ସରକାର କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ଦ୍ୱାରା ଉପା ସରକାରଙ୍କ କାର୍ଯ୍ୟକାଳର ଜିଡିପି ଅଭିବୃଦ୍ଧି ହାରକୁ ହ୍ରାସ କରିଥିଲେ। ଏଭଳି ଭାବେ ୨୦୧୭-୧୮ର ଅଭିବୃଦ୍ଧି ହାରକୁ ୬.୭%ରୁ ସଂଶୋଧିତ କରି ୭.୨% ପ୍ରତିଶତ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସର୍ବନିମ୍ନ ରୋଜଗାର ଗ୍ୟାରେଣ୍ଟି ଯୋଜନା ସମ୍ପର୍କରେ ଉଲ୍ଲେଖ କରି ରାଜନ କହିଛନ୍ତି ଯେ, ଏହି ଯୋଜନାର ସମ୍ପୂର୍ଣ୍ଣ ବିବରଣୀ କ’ଣ ହେବ ତାହା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଗରିବ ଲୋକଙ୍କ ନିକଟକୁ କିପରି ପହଞ୍ଚାଯିବ ତାହା ବିଚାରଯୋଗ୍ୟ। ଏହା ଅନ୍ୟ ଯୋଜନା ସହିତ ମିଶିବ ଅଥବା ବର୍ତ୍ତମାନର ଯୋଜନାର ବିକଳ୍ପ ହେବ , ତାହା ସ୍ଥିର କରିବାକୁ ହେବ। ଲୋକଙ୍କ ହାତରେ ସିଧାସଳଖ ଅର୍ଥ ଦେବା ଦ୍ୱାରା ସେମାନଙ୍କୁ ଶକ୍ତିଶାଳୀ କରାଯାଇପାରୁଛି, ଏହା ସେ ଦେଖିଛନ୍ତି। ଲୋକେ ନିଜ ଆବଶ୍ୟକତା ଅନୁଯାୟୀ ମିଳୁଥିବା ଅର୍ଥକୁ ଖର୍ଚ୍ଚ କରିପାରିବେ। ତେବେ ଏଭଳି କୌଣସି ବ୍ୟବସ୍ଥା ଅଥବା ଯୋଜନା(ସବ୍‌ସିଡି) ଅଛି ଯାହାକୁ ଆମେ ପ୍ରତିସ୍ଥାପିତ କରିପାରିବୁ, ଏହା ଦେଖିବାକୁ ହେବ। ଉଲ୍ଲେଖ କରାଯାଇପାରେ ଯେ, ଦେଶର ୫ କୋଟି ଗରିବ ପରିବାରକୁ ଅର୍ଥାତ୍ ୨୫ କୋଟି ଲୋକଙ୍କୁ ସର୍ବନିମ୍ନ ଆୟ ଯୋଜନାରେ ବାର୍ଷିକ ୭୨ ହଜାର ଟଙ୍କା ସରକାର ଦେବେ। ଗୋଟିଏ ପରିବାର ମାସକୁ ୧୨ ହଜାର ଟଙ୍କା ରୋଜଗାର କରିବା ପର୍ଯ୍ୟନ୍ତ ସରକାର ସହାୟତା ଯୋଗାଇ ଦେବେ ବୋଲି ରାହୁଲ ଯୋଜନା ଘୋଷଣା କରି କହିଛନ୍ତି।

- ■ ଉପୁଜିଥିବା ସନ୍ଦେହ ନେଇ ବିଶେଷଜ୍ଞ କମିଟି ଗଠନ କରାଯାଉ
- ■ ସର୍ବନିମ୍ନ ଆୟ ଗ୍ୟାରେଣ୍ଟି ସମ୍ପୂର୍ଣ୍ଣ ବିବରଣୀ ଗୁରୁତ୍ୱପୂର୍ଣ୍ଣ
- ■ ନିଯୁକ୍ତି କ୍ଷେତ୍ରରେ ଦୟନୀୟ ସ୍ଥିତି
- ■ ବିମୁଦ୍ରୀକରଣ ନେଇ ଆତ୍ମସମୀକ୍ଷା କରିବାକୁ ହେବ

କେଉଁ ବିଷୟକୁ ନେଇ ଦେଶବାସୀ ସାଧାରଣ ନିର୍ବାଚନରେ ଭୋଟ୍ ଦେବେ ବୋଲି ପ୍ରଶ୍ନ ହେବାରୁ ରାଜନ କହିଛନ୍ତି ଯେ, ଭାରତର ଅର୍ଥନୀତି ଦୃଢ଼ ହେବା ଆବଶ୍ୟକ। ଚଳିତ ନିର୍ବାଚନ ଏ ଦିଗରେ ଫୋକସ୍ କରିବା ଦରକାର। ଚାଇନାର ଉଦାହରଣ ଦେଇ ସେ କହିଛନ୍ତି ଯେ, ପ୍ରଥମେ ଏହି ପଡୋଶୀ ଦେଶ ନିଜର ଆଭ୍ୟନ୍ତରୀଣ ଅର୍ଥନୀତିକୁ ଦୃଢ଼ କଲା। ଏବେ ଆମେ ଦେଖିପାରୁଛୁ ଯେ, ଚାଇନାର ସୈନ୍ୟବାହିନୀ ଓ ଏହା ପ୍ରତିରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଶକ୍ତିଶାଳୀ ହୋଇଉଠିଛି। ନିଯୁକ୍ତି ନେଇ ସେ କହିଛନ୍ତି ଯେ, ହାଇସ୍କୁଲ ଓ ଡିଗ୍ରୀ ଯୋଗୁ ଯୁବବର୍ଗଙ୍କୁ ସୁରକ୍ଷିତ ନିଯୁକ୍ତି ମିଳୁନି, ଏହା ଦେଖିବାକୁ ମିଳୁଛି। ସରକାରୀ ନିଯୁକ୍ତି କ୍ଷେତ୍ରରେ ଦୟନୀୟ ଅବସ୍ଥା ଦେଖାଯାଉଛି। ରେଲୱେର ୯୦ ହଜାର ପଦ ପାଇଁ ଅଢ଼େଇ କୋଟି ଯୁବତୀଯୁବକ ଆବେଦନ କରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ସୁରକ୍ଷିତ ତଥା ଭଲ ଚାକିରି ପ୍ରତି ଯୁବବର୍ଗଙ୍କ ଆଗ୍ରହ ରହିଛି। ନିଯୁକ୍ତି ସଙ୍କଟ ଦୂର କରିବା ଲାଗି ଯଥେଷ୍ଟ ଧ୍ୟାନ ଦିଆଯାଇନାହିଁ। ନିଯୁକ୍ତି ସମ୍ପର୍କରେ ଦେଶରେ ଭରସାଯୋଗ୍ୟ ତଥ୍ୟ ନାହିଁ। ଇପିଏଫଓ ଓ ଅନ୍ୟ ସଂସ୍ଥା ଦ୍ୱାରା ପ୍ରଦତ୍ତ ତଥ୍ୟ ଉପରେ ଭରସା କରାଯାଇପାରିବ ନାହିଁ। ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ ଉପରେ ଜୋର୍ ଦେବାକୁ ହେବ। କାରଣ ଏଦିଗରେ ଆମର ରେକର୍ଡ ଅତ୍ୟନ୍ତ ଖରାପ। ବିମୁଦ୍ରୀକରଣ ନେଇ ରାଜନ ତାଙ୍କର କ୍ଷୋଭ ଲୁଚାଇ ନାହାନ୍ତି। ସେ କହିଛନ୍ତି ଯେ, ବିମୁଦ୍ରୀକରଣରୁ ଏତିକି ଶିଖିବାକୁ ମିଳୁଛି ଯେ, ଆମେ ଅତୀତ ଆଡେ ଦୃଷ୍ଟି ଦେଇପାରିବା ଏବଂ ନେଇଥିବା ନିଷ୍ପତ୍ତି କିଭଳି କାର୍ଯ୍ୟକାରୀ ହେଲା ତାହା ଦେଖିପାରିବା। ସରକାର ଏଥିରୁ କି ଶିକ୍ଷା ପାଇଲେ ତାହା ଜାଣିପାରିବେ। ପ୍ରକୃତ ତଥ୍ୟ ଆଧାରରେ ଏଭଳି ନିଷ୍ପତ୍ତି ନେବା ନେଇ ଆତ୍ମସମୀକ୍ଷା କରିବାକୁ ହେବ। ସରକାର ନିଜେ ନିଜକୁ ପଚାରନ୍ତୁ ଯେ, ନେଇଥିବା ନିଷ୍ପତ୍ତି ସଫଳ ଅଥବା ବିଫଳ ହେଲା। ଏହାପରେ ନିଜର ଉନ୍ନତି କରିପାରିବ। ଖାଲି ସେତିକି ନୁହେଁ ସରକାର ଓ ଘରୋଇ ସେକ୍ଟର ମଧ୍ୟରେ ଅଧିକ ସ୍ୱଚ୍ଛତା ବଜାୟ ରହିବା ଆବଶ୍ୟକ ବୋଲି ରାଜନ କହିଛନ୍ତି।

## ଅଫ୍‌ଲାଇନ ବଜାର ଉପସ୍ଥିତି ଦୃଢ଼ କରିବ ଏମ୍‌ଆଇ:ଏମ୍‌ଡି



ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ମା ମୋବାଇଲ ଷ୍ଟୋର ପରିଦର୍ଶନ ଅବସରରେ (ଡାହାଣରୁ ଦ୍ୱିତୀୟ) ଏମ୍‌ଡି ମନୁ କୁମାର ଜୈନ, ଷ୍ଟୋରର ସ୍ୱତ୍ତ୍ୱାଧିକାରୀ ବିନୋଦ ଡାନିଏଲ, ବିତରକ ଜୟ ସଦାନୀ ଏବଂ ରମା ସଦାନୀ ପ୍ରମୁଖ ।

ଭୁବନେଶ୍ୱର,୨୬-୩

ପ୍ରମୁଖ ସ୍ମାର୍ଟଫୋନ ନିର୍ମାତା କମ୍ପାନୀ ଏମ୍‌ଆଇ ଘରୋଇ ବଜାରରେ ଏହାର ସ୍ଥିତିକୁ ଆହୁରି ଦୃଢ଼ କରିବ। କମ୍ପାନୀ ବର୍ତ୍ତମାନ ଦେଶର ୫୦ରୁ ଊର୍ଦ୍ଧ୍ୱ ପ୍ରମୁଖ ସହରରେ ଏହାର ଉପସ୍ଥିତି ଜାହିର କରିଛି। ଘରୋଇ ବଜାରରେ ୨୦୧୭ ପରଠାରୁ ଏହାର ମାର୍କେଟ ଲିଡର ଥିବାବେଳେ ୨୦% ବଜାର ଅଂଶ ହାସଲ କରିଛି। ଏହା ଅନଲାଇନରେ ମଧ୍ୟ ୫୨% ବଜାର ଅଂଶ ସହ ଅଗ୍ରସର ହେଉଛି। ଅଫଲାଇନ ବଜାରରେ ସ୍ଥିତିକୁ ଦୃଢ଼ୀକରଣ କରିବାକୁ ଅଧିକରୁ ଅଧିକ ପାର୍ଟନରଙ୍କ ସହ ଯୋଡି ହେଉଥିବା ଏମ୍‌ଆଇ ଇଣ୍ଡିଆର ଏମ୍‌ଡି ମନୁ କୁମାର ଜୈନ କହିଛନ୍ତି। ଏଠାରେ ଅନୁଷ୍ଠିତ ଡିଲରମିଟ କାର୍ଯ୍ୟକ୍ରମରେ ସେ କମ୍ପାନୀର ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଛନ୍ତି।

### ସୁଲଭ ମୂଲ୍ୟ ଗୁଣବତ୍ତା ପ୍ରଡକ୍ଟ

କମ୍ପାନୀ ରେକର୍ଡ ୭ ବର୍ଷ ସମୟ ମଧ୍ୟରେ ୧୫ ବିଲିୟନ ଡଲାର ରାଜସ୍ୱ ମାଇଲଷ୍ଟୋନ ହାସଲ କରିଛି। ଏହା କେବଳ ସୁଲଭ ମୂଲ୍ୟ ଏବଂ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟଗୁଡ଼ିକ ଯୋଗୁ ସମ୍ଭବ ହୋଇଥିବା ସେ କହିଛନ୍ତି। ବେଶି ପ୍ରଡକ୍ଟ ନ ଆଣି ଲୋକମାନେ ସୁଲଭ ମୂଲ୍ୟରେ କିଭଳି ଭଲ ପ୍ରଡକ୍ଟ ତଥା ସେବା ଅଭିଜ୍ଞତା ପାଇବେ ତାକୁ ନଜରରେ ରଖାଯାଇଛି। ଫିଚର ଫୋନରୁ ସ୍ମାର୍ଟଫୋନକୁ ରୂପାନ୍ତରିତ ହେଉଥିବା ଗ୍ରାହକଙ୍କ ଲାଗି ଉନ୍ନତ ପ୍ରଡକ୍ଟ ଲାଇନ ଅପ୍ ରହିଛି।

### ଆଣିବ ଅଧିକ ଆଇଓଟି ପ୍ରଡକ୍ଟ

କମ୍ପାନୀ ଘରୋଇ ବଜାରରେ ଅଧିକରୁ ଅଧିକ ଇଣ୍ଟରନେଟ ଅଫ୍ ଥିଙ୍ଗସ(ଆଇଓଟି) ପ୍ରଡକ୍ଟ ଆଣିବା ଦିଗରେ କାର୍ଯ୍ୟ କରୁଛି। ବ୍ୟାଣ୍ଡ, ପାୱାର ବ୍ୟାଙ୍କ, ସ୍ମାର୍ଟ ସ୍କୁଟର, ସ୍ମାର୍ଟ କନେକଟେଡ ଡିଭାଇସ ଭଳି ଅନ୍ୟ ବର୍ଗରେ ଏହା ପ୍ରଡକ୍ଟ ଯୋଗାଉଛି। ଏହି ଶୃଙ୍ଖଳାରେ ଅଧିକରୁ ଅଧିକ ପ୍ରଡକ୍ଟ ଆଣିବାଉପରେ ଏହା ଧ୍ୟାନ କେନ୍ଦ୍ରିତ କରିଛି। ଚାଇନାରେ ୧୦୦ରୁ ଅଧିକ ସ୍ମାର୍ଟ ଡିଭାଇସ ଉପଲବ୍ଧ କରାଉଛି।

### ମେକ୍ ଇନ୍ ଇଣ୍ଡିଆ ପ୍ରତିବଦ୍ଧତା

କମ୍ପାନୀ କେନ୍ଦ୍ର ସରକାରଙ୍କ ମେକ୍ ଇନ ଇଣ୍ଡିଆରେ ନିଜର ପ୍ରତିବଦ୍ଧତା ଦେଖାଇଛି। ଏହା ପୂର୍ବରୁ ସ୍ମାର୍ଟଫୋନ ଆସେମ୍ବଲ କରାଉଥିବା ବେଳେ ଦେଶରେ ଅଧିକରୁ ଅଧିକ ପ୍ରଡକ୍ଟ ନିର୍ମାଣ ଉପରେ କାର୍ଯ୍ୟ କରୁଛି। ଘରୋଇ ବଜାରରେ ନିଜର ଉତ୍ପାଦନ ୟୁନିଟ ସ୍ଥାପନା କରିବା ସହ ପ୍ରତି ସେକେଣ୍ଡରେ ଏହା ୩ ସ୍ମାର୍ଟଫୋନ ନିର୍ମାଣ କରୁଛି। ଏହାର ୟୁନିଟଗୁଡ଼ିକରେ କାର୍ଯ୍ୟ କରୁଥିବା ମୋଟ ୨୦,୦୦୦ କର୍ମଚାରୀଙ୍କ ମଧ୍ୟରୁ ୯୫% ମହିଳା ଅଛନ୍ତି। ମେକ୍ ଇନ ଇଣ୍ଡିଆରେ ଘରୋଇ ବଜାରରେ ଟିଭି ଉତ୍ପାଦନକୁ ଗୁରୁତ୍ୱ ଦିଆଯାଇଛି।

### ଏମଆଇ୍‌୩ ଠାରୁ ନୋଟ୍ ୭ ପର୍ଯ୍ୟନ୍ତ ଯାତ୍ରା

ଘରୋଇ ବଜାରରେ ଏମ୍‌ଆଇ ୩ ମଡେଲଠାରୁ ଯାତ୍ରା ଆରମ୍ଭ କରି ଏହା ବର୍ତ୍ତମାନ ନୋଟ ୭ ପର୍ଯ୍ୟନ୍ତ ବିଭିନ୍ନ ମଡେଲ ଆଣିଛି। କମ୍ପାନୀ ନୋଟ୍ ମଡେଲ ଗୁଡ଼ିକ ବିଶେଷ ସଫଳ ରହିଛି। ସେହିଭଳି ନୂଆ କରି ଆଣିଥିବା ପୋକୋ ମଡେଲର ବିକ୍ରି ହାର ମଧ୍ୟ ଉନ୍ନତ ରହିଛି। କମ୍ପାନୀ ଅଫ୍ ଲାଇନ ବଜାର ବାଦ ନିଜସ୍ୱ ଅନଲାଇନ ପ୍ଲାଟଫର୍ମରେ ମଧ୍ୟ ପ୍ରଡକ୍ଟ ବିକ୍ରି କରୁଛି।

### ଗ୍ରାହକ, ପାର୍ଟନରଙ୍କ ସହ ବନ୍ଧୁଛି

କମ୍ପାନୀ ଏହାର ବିକ୍ରି ଅଂଶୀଦାରଙ୍କୁ ପ୍ରିଫର୍ଡ ପାର୍ଟନର କହୁଥିବାବେଳେ ଗ୍ରାହକଙ୍କୁ ସର୍ବଦା ଭଲ ପ୍ରଡକ୍ଟ ଦ୍ୱାରା ପ୍ରାଥମିକତା ଦେଇ ଆସିଛି। ଏହାର ଏମ୍‌ଆଇ ଫ୍ୟାନ କ୍ଲବ ଦ୍ୱାରା କମ୍ପାନୀନିଜ ପ୍ରଡକ୍ଟ ଗୁଡ଼ିକୁ ପିଅର ଗ୍ରୁପଙ୍କ ନିକଟରେ ବେଶ ଲୋକପ୍ରିୟ କରାଇ ପାରିଛି। ଏହା ବାଦ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି ବିଭିନ୍ନ ଫର୍ମାଟରେ ଷ୍ଟୋର ମାନ ସ୍ଥାପନ କରିଛି। ଏହା ମଧ୍ୟରେ ମି ହୋମ୍, ପ୍ରିଫର୍ଡ ପାର୍ଟନର ଭଳି ଷ୍ଟୋର ସାମିଲ ରହିଛି।

## ପୁଣି ଜାମିନ ଆବେଦନ କରିବେ ନୀରବ

ଲଣ୍ଡନ,୨୬-୩



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଠକିବା ଅଭିଯୋଗରେ ଜେଲ୍‌ରେ ବନ୍ଦୀ ଥିବା ହୀରା ବ୍ୟବସାୟୀ ନୀରବ ମୋଦି ଶୁକ୍ରବାର ୱେଷ୍ଟମିନିଷ୍ଟର କୋର୍ଟରେ ଦ୍ୱିତୀୟ ଥର ଲାଗି ଜାମିନ ଆବେଦନ କରିବେ। ଗତ ବୁଧବାର ନୀରବ ସେଣ୍ଟ୍ରାଲ ଲଣ୍ଡନ ବ୍ୟାଙ୍କ ଶାଖାରେ ନିଜର ଏକ ଆକାଉଣ୍ଟ ଖୋଲିବାକୁ ଉଦ୍ୟମ କରୁଥିବା ବେଳେ ସ୍କଟଲାଣ୍ଡ ୟାର୍ଡ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କୁ କୋର୍ଟରେ ହାଜର କରାଯିବା ମାତ୍ରେ ଡିଷ୍ଟ୍ରିକ୍ଟ ଜଜ୍ ମାରୀ ମାଲନ ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କ ପ୍ରତ୍ୟର୍ପଣ ନେଇ ମାମଲା ଆରମ୍ଭ ହୋଇଥିବା ବେଳେ ୨୯ରେ ଶୁଣାଣି ପାଇଁ ବିଚାରପତି ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରିଥିଲେ। ଭାରତ ପାଇଁ ଯୁକ୍ତି କରୁଥିବା କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ ବାରିଷ୍ଟର ଜୋନାଥନ ସ୍ୱେନ ନୀରବଙ୍କ ପ୍ରଥମ ଜାମିନ ଆବେଦନକୁ ବିରୋଧ କରିଥିଲେ। ସେ ଜାମିନ ପାଇ ପଳାୟନ କରିପାରନ୍ତି ବୋଲି ବାରିଷ୍ଟରଙ୍କ ଯୁକ୍ତିକୁ ବିଚାରପତି ମାଲନ ଗ୍ରହଣ କରିଥିଲେ। ଚିଫ୍ ମାଜିଷ୍ଟ୍ରେଟ ଇମା ଆର୍‌ବୁଥନଟ୍‌ଙ୍କ ଇଜଲାସ୍‌ରେ ପରବର୍ତ୍ତୀ ଶୁଣାଣି ହେବ। ସେ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି କରି ତାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ଜାମିନ ଶୁଣାଣି ବେଳେ ନୀରବଙ୍କ ପକ୍ଷରୁ ତାଙ୍କର ଓକିଲ ୫ ଲକ୍ଷ ପାଉଣ୍ଡ ସିକ୍ୟୁରିଟି ଡିପୋଜିଟ୍ ସହ ଯେକୌଣସି ସର୍ତ୍ତାରୋପ କରିବାକୁ ଅଦାଲତକୁ ପ୍ରସ୍ତାବ ଦେଇଥିଲେ। ସମ୍ଭବତଃ ଦ୍ୱିତୀୟ ଜାମିନ ଶୁଣାଣି ବେଳେ ନୀରବଙ୍କ ପକ୍ଷରୁ ସମାନ ପ୍ରସ୍ତାବ ଦିଆଯାଇପାରେ।

■ ଜେଟ୍ ଏୟାରୱେଜକୁ ବ୍ୟାଙ୍କଗୁଡ଼ିକର ସହାୟତା

## ଭିନ୍ନ ମାନଦଣ୍ଡକୁ ନେଇ ମାଲ୍ୟାଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୨୬-୩



ଜେଟ୍ ଏୟାରୱେଜକୁ ବଞ୍ଚାଇବା ଲାଗି ଏସ୍‌ବିଆଇ ନେତୃତ୍ୱରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ସହାୟତାର ହାତ ବଢ଼ାଇବାକୁ ନେଇ କିଙ୍ଗଫିଶର ଏୟାରଲାଇନ୍ସ ମାଲିକ ତଥା ମଦ ବ୍ୟବସାୟୀ ବିଜୟ ମାଲ୍ୟା କେନ୍ଦ୍ର ସରକାର ଓ ବ୍ୟାଙ୍କଗୁଡ଼ିକ ପ୍ରତି ତାଚ୍ଛଲ୍ୟ କରିଛନ୍ତି। ଏକାଧିକ ଟୁଇଟ୍ କରି ସେ ଅଭିଯୋଗ କରିଛନ୍ତି ଯେ, ଯେଭଳି ଭାବେ ଜେଟ୍‌କୁ ଆର୍ଥିକ ସହାୟତା ଦେଇ ଏହାକୁ ସଙ୍କଟରୁ ଉଦ୍ଧାର କରାଗଲା ତାହା ଦେଖି ସେ ଖୁସି।

ମାଲ୍ୟା ଲେଖିଛନ୍ତି ଯେ, ସରକାର ଓ ବ୍ୟାଙ୍କଗୁଡ଼ିକ ତାଙ୍କର ବକେୟା ଅର୍ଥ ନେଇ ସଙ୍କଟରେ ଥିବା ଜେଟ୍‌କୁ ଉଦ୍ଧାର କରନ୍ତୁ। ସେ ଲେଖିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ଆର୍ଥିକ ସହାୟତା ଦେଇ ଜେଟ୍ ଏୟାରୱେଜକୁ ସଙ୍କଟରୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି। ବେଲ୍ ଆଉଟ ପ୍ୟାକେଜ ଦ୍ୱାରା ନିଯୁକ୍ତି, ଯୋଗାଯୋଗ ଏବଂ କମ୍ପାନୀକୁ ରକ୍ଷା କରାଯାଇପାରିଲା। କିଙ୍ଗଫିଶର ଏୟାରଲାଇନ୍ସ କ୍ଷେତ୍ରରେ ମଧ୍ୟ ସରକାର ଅନୁରୂପ ପଦକ୍ଷେପ ନେବା ଉଚିତ୍ ଥିଲା। ମାଲ୍ୟା ଟୁଇଟ୍‌ରେ ଲେଖିଛନ୍ତି ଯେ, ଅର୍ଥ ଫେରାଇବା ନେଇ ସେ କର୍ନାଟକ ହାଇକୋର୍ଟରେ ତାଲିକା ଉପସ୍ଥାପନ କରିଛନ୍ତି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ବକେୟା ଅର୍ଥ ମିଳିଯିବ। ତାଙ୍କ ବକେୟା ବ୍ୟାଙ୍କ କାହିଁକି ନେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଅର୍ଥରେ ଜେଟ୍ ଏୟାରୱେଜକୁ ଉଦ୍ଧାର କରାଯାଇପାରନ୍ତା ବୋଲି ସେ କହିଛନ୍ତି। ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ହଜାର କୋଟି ଟଙ୍କା ନେଇ ଲଣ୍ଡନ ଫେରାର ହୋଇଥିବା ମଦ ବ୍ୟବସାୟୀ ମାଲ୍ୟା ଏବେ ଭାରତ ପ୍ରତ୍ୟର୍ପଣ ଅପେକ୍ଷାରେ ରହିଛନ୍ତି। ସେ ଲେଖିଛନ୍ତି ଯେ, କିଙ୍ଗଫିଶର ଏୟାରଲାଇନ୍ସ ଓ ଏହାର କର୍ମଚାରୀଙ୍କୁ ବଞ୍ଚାଇବା ଲାଗି ସେ ୪ ହଜାର କୋଟି ଟଙ୍କା ନିବେଶ କରିଥିଲେ। ଏଥିପ୍ରତି ଧ୍ୟାନ ଦିଆଗଲା ନାହିଁ। ବଦଳରେ ତାଙ୍କୁ ନିର୍ଯାତନା ଦିଆଗଲା। ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଦେଶର ସବୁଠାରୁ ଭଲ ଘରୋଇ ଏୟାରଲାଇନ୍ସକୁ ବରବାଦ୍ କରିବା କାର୍ଯ୍ୟରେ ଲାଗିପଡିଲେ। ଏନ୍‌ଡିଏ ସରକାରରେ ଭିନ୍ନ ମାନଦଣ୍ଡ ଆପଣାଗଲା ବୋଲି ସେ ତାଚ୍ଛଲ୍ୟ କରିଥିଲେ।

## ପିଏନ୍‌ବିକୁ ୨ କୋଟି ଜରିମାନା

ନୂଆଦିଲ୍ଲୀ,୨୬-୩

**ସ୍ୱିଫ୍ଟ ନିୟମ ଉଲ୍ଲଂଘନ**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ସମ୍ଭବତଃ ନୀରବ ମୋଦି ମହାଠକେଇରୁ କିଛି ଶିଖିପାରିଲାନି। ଯେଉଁ ସ୍ୱିଫ୍ଟ ନିୟମର ଅପବ୍ୟବହାର କରି ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସି ବ୍ୟାଙ୍କରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଠକିବାରେ ସମର୍ଥ ହେଲେ ସେହି ପ୍ରଣାଳୀ ପ୍ରତି ବ୍ୟାଙ୍କ ପୁନର୍ବାର ଅଣଦେଖା କରିଛି। ପିଏନ୍‌ବି ନିୟାମକୀୟ ନିର୍ଦ୍ଦେଶ ପାଳନ କରି ନ ଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବ୍ୟାଙ୍କକୁ ୨ କୋଟି ଟଙ୍କା ଜରିମାନା କରିଛି। ପିଏନ୍‌ବି ପକ୍ଷରୁ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ସୂଚନାଥାଉ କି, ସ୍ୱିଫ୍ଟ ଏକ ବିଶ୍ୱସ୍ତରୀୟ ସୂଚନା ପ୍ରଦାନକାରୀ ସଫ୍ଟୱେର ଯାହା ମାଧ୍ୟମରେ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ବିଶ୍ୱ ସ୍ତରରେ ଟଙ୍କା ନେଣଦେଣ କରିଥାନ୍ତି। ଏଥିପୂର୍ବରୁ ଚଳିତ ବର୍ଷ ବିଭିନ୍ନ ନିୟମ ପାଳନ ନ କରିବା ଏବଂ ସ୍ୱିଫ୍ଟ ପ୍ରଣାଳୀ ପ୍ରତି ଅଣଦେଖା କରିବା ଅଭିଯୋଗରେ କେନ୍ଦ୍ରୀୟ ବ୍ୟାଙ୍କ ୩୬ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବିରୋଧରେ ୭୧ କୋଟି ଟଙ୍କାର ଜରିମାନା କରିଥିଲେ।


**OFFICE OF THE NOTIFIED AREA COUNCIL, BARPALI**
Email:-barpalinac@gmail.com
Phone No.-(06646) 256705
No.921 / Dt.25.03.2019

The Executive Officer NAC Barpali, invites sealed tenders in prescribed from, for awarding lease contract for Parking fees, Daily Market & Hoarding in close tender as mentioned below:-

| Sl No. | Name of the property | For the year | Offset Price | Cost. of T.P | EMD |
|---|---|---|---|---|---|
| 1. | Parking Fees | 2019-20 | Rs.1,80,000/- | Rs.1,000/- | Rs.40,000/- |
| 2. | Daily Market | 2019-20 | Rs.3,60,000/- | Rs.1,500/- | Rs.50,000/- |
| 3. | Hoarding on rent Basis | 2019-20 | Rs.80,000/- | Rs.1,000/- | Rs.20,000/- |

The prescribed Non-transferable tender forms are obtainable from the office of the Notified Area Council, Barpali (including holidays) on payment of prescribed tender paper cost (Non refundable) up to 1.00 PM of Dtd.31.03.19 & sealed tender to be dropped enclosed with all requisite documents in tender box kept in this office up to 3.00 PM. Dtd.31.03.19 & opened on Dt.31.03.19 at 4.00 PM. in the presence of the bidders or their authorized representatives. If more than one bid quoted as equal value then the tender will be finalized through a transparent lottery system. All other details can be had from the Tax section of NAC, Barpali during the office hour. The authority reserves the right to cancel or reject all or any tender without assigning any reason thereof.

**Sd./- Executive Officer, NAC, Barpali**

**DIRECTORATE OF HORTICULTURE**
**GOVT. OF ODISHA**
**KRUSHI BHAWAN, GOPABANDHU MARG**
**BHUBANESWAR-751001**
**EMAIL ID:-supportdho.od@nic.in**
**Phone No.-0674-2391831**

No.-NHM (H2) 14/18 02/2019 Dt.25.03.2019

**CORRIGENDUM**

**TO REQUEST FOR PROPOSAL (RFP) for selection of ‘Project Management Unit (PMU) for Reforming Odisha’s Horticulture’**

No.176-L:- With reference to the **RFP No.1/2019,** published on dt.02.03.2019 and subsequent queries received, this corrigendum is being issued to the Request for Proposal for selection of ‘Project Management Unit (PMU) for Reforming Odisha’s Horticulture’. The details of corrigendum can be downloaded from the website **https://tendersodisha.gov.in** and **www.odihort.nic.in.** Further the last date for submission of proposal has been extended to 02.05.2019 till 17.00 Hours. For further details, please visit the website as mentioned above.

Directorate of Horticulture, Govt. of Odisha reserves the right to accept or reject any application and to annul the process at any time, without any liability and assigning any reason thereof.

**Sd./-**
**Director of Horticulture**
**Odisha**
01038/11/0012/1819

**ଆଗ୍ରହର ପରିପ୍ରକାଶ (ଇଓଆଇ)**

ଦୁର୍ଲଗା, ଝାରସୁଗୁଡ଼ାଠାରେ ମେସର୍ସ ଜୈନ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ୬୫ ମିଟର ଉଚ୍ଚ ଚିମ୍‌ନୀକୁ ଭାଙ୍ଗିବା ପାଇଁ ଇଓଆଇ ଆମନ୍ତ୍ରଣ କରାଯାଉଛି। ବିବରଣୀ ପାଇଁ ଆଗ୍ରହୀ ପାର୍ଟିମାନେ ନିମ୍ନ ଅନୁଯାୟୀ ଋଣଦାତାଙ୍କ ସମ୍ପୃକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି:-
**www.hudco.org, www.indianbank.in, www.pnbindia.in**

**NOTICE** No.22-G

To
Sri Pravat Kumar Ojha, Mining Officer,
Under transfer to the O/o the M.O., Bolangir.
Sub :- Regarding Joining in the office of the Mining Officer, Bolangir.

Sir,

It is to inform you through this Notice that after careful consideration, Govt. have been pleased to reject your representation dt.31.01.2019 praying for retention at old station i.e. in the O/o the DDM, Jajpur Road or adjust in and around Headquarter at Bhubaneswar or Cuttack/ Berhampur/Baripada vide their office order No.1744/SM dt.08.03.2019 which has been sent to you both to your old station (DDM, Jajpur Road) and in your permanent address (By Regd. Post with A/D) vide this Directorate Memo. No. 2292/DM dt. 12.03.2019 & No.2293/DM dt. 11.03.2019 respectively.


By publication of this Notice, it is treated that you have received the aforesaid Govt. order and as such you are hereby directed to join in your new place of posting i.e. in the office of the Mining Officer, Bolangir within 7 days of publication of this notice failing which action as deemed proper will be taken in the matter.

30004/11/0010/1819 **DIRECTOR OF MINES, ODISHA**



ଭାରତରେ ହିରୋ ଇଣ୍ଡିଆନ ଓପନ ଟୁର୍ନାମେଣ୍ଟ ଖେଳିବା ଅବସରରେ ମୁଁ ଏକ ଆଇପିଏଲ୍ ମ୍ୟାଚ ଦେଖିବା ଲକ୍ଷ୍ୟ ରଖିଛି ।

–ବ୍ରାଣ୍ଡନ ଷ୍ଟୋନ୍, ଦକ୍ଷିଣ ଆଫ୍ରିକୀୟ ଗଲ୍ଫ ଖେଳାଳି



ଚଳିତ ବର୍ଷ ଆଇପିଏଲ୍‌ରେ ମୋତେ ଆନ୍ଦ୍ରେ ରସେଲଙ୍କ ବିରୋଧରେ ବୋଲିଂ କରିବାକୁ ପଡ଼ିବ ନାହିଁ, ସେଥିପାଇଁ ମୁଁ ଖୁସି ।

–ଲୋକି ଫର୍ଗୁସନ, ନାଇଟ ରାଇଡର୍ସ ପେସ୍ ବୋଲର

## ସଂକ୍ଷେପରେ

### କର୍ଣ୍ଣାଟକଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୨୬।୩:** ସୁରଟର ସି.ବି ପଟେଲ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୩୩ ରନରେ କର୍ଣ୍ଣାଟକ ଠାରୁ ପରାସ୍ତ ହୋଇଛି। ଓଡ଼ିଶା ଟସ୍ ଜିତି କର୍ଣ୍ଣାଟକକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୪ ଓ ବର୍ଷାରାଣୀ ସିଂ ୩ ଉଇକେଟ ଅକ୍ତିଆର କରିବା ଦ୍ୱାରା କର୍ଣ୍ଣାଟକ ଦଳର ସ୍କୋର ୧୧୪ରନରେ ସୀମିତ ରହିଯାଇଥିଲା। କର୍ଣ୍ଣାଟକ ଓପନର ଏସ୍. ଶୁଭ ୫୧ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ୧୧୫ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ୮୧ରନରେ ଅଲଆଉଟ ହୋଇଥିଲା। ପୁନମ ନାୟକ ୧୮ରନ, ସୁଶ୍ରୀ ୧୦ରନ ଓ ରାମାଲକ୍ଷ୍ମୀ ଏକ୍କା ୧୪ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। କର୍ଣ୍ଣାଟକର ଏସ୍. ଆର. ପାଟିଲ ଓ ସି. ପ୍ରତ୍ୟୁଷାଙ୍କୁ ୩ଟି ଲେଖାଏଁ ଉଇକେଟ ମିଳିଥିଲା। ଆସନ୍ତା ୩୦ ତାରିଖରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଉତ୍ତରପ୍ରଦେଶ ବିପକ୍ଷରେ ଖେଳିବ ।

### ସୋଟୋକାନ୍ କରାଟେ ସେଣ୍ଟର ଅଫ୍ ଓଡ଼ିଶାର ସଫଳତା

**କଟକ ଅଫିସ,୨୬।୩:** ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ହୋଇଥିବା ୩୧ତମ ରାଜ୍ୟ ଜୁନିୟର, କ୍ୟାଡେଟ୍ ଓ ୨୧ବର୍ଷରୁ କମ୍ ବୟସ ବର୍ଗର କରାଟେ ଚାମ୍ପିୟନଶିପ୍‌ରେ ସୋଟୋକାନ୍ କରାଟେ ସେଣ୍ଟର ଅଫ୍ ଓଡ଼ିଶା ପ୍ରତିଯୋଗୀମାନେ ସଫଳ ହୋଇଛନ୍ତି। ସେଣ୍ଟର ମୋଟ ୭ଟି ପଦକ ଜିତିଥିବା ବେଳେ ଏଥିରେ ୪ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ରହିଛି । କାଟା ବିଭାଗରେ ଗୌରବ କର, ପ୍ରୀତିପଦ୍ମା ନାୟକ ରୌପ୍ୟ, ତାନଭି ନାଥାନି ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। କୁମିତେରେ ଗୌରବ ଓ ପ୍ରୀତିପଦ୍ମା ରୌପ୍ୟ ପଦକ ଜିତିଥିବା ବେଳେ ତାନଭି ଓ ଶକ୍ତି ପ୍ରସାଦ ବ୍ରୋଞ୍ଜ ପଦକ ଜିତିଛନ୍ତି। ଆସୋସିଏଶନ ସଭାପତି ଶିବାଶିଷ କର ଓ ସମ୍ପାଦକ ନର୍ମଦା ଗୁଇଁ ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ରୋନାଲ୍ଡୋ ଆହତ

**ଲିସବନ, ୨୬।୩(ଏଏଫ୍‌ପି):** ପର୍ତ୍ତୁଗାଲ ଓ ସର୍ବିଆ ମଧ୍ୟରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟରେ ଏକ ମ୍ୟାଚ୍ ଡ୍ର'ରେ ସମାପ୍ତ ହୋଇଛି। ଗ୍ରୁପ୍-ବି'ର ଏହି ମୁକାବିଲାରେ ଉଭୟ ଦଳ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୋଟିଏ ଲେଖାଏ ଗୋଲ ଦେବା ଫଳରେ ମ୍ୟାଚ୍ ୧-୧ରେ ଡ୍ର ରହିଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ୨ଟି ଯାକ ଗୋଲସ୍କୋର ହୋଇଥିଲା। ୭ମ ମିନିଟ୍‌ରେ ସର୍ବିଆକୁ ମିଳିଥିବା ଏକ ପେନାଲ୍ଟି ସୁଯୋଗକୁ କୌଣସି ତ୍ରୁଟି ନ କରି ମିଡ୍‌ଫିଲ୍ଡର ଡୁସାନ ତାଡିକ୍ ଦଳକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ମ୍ୟାଚ୍‌ର ୪୨ତମ ମିନିଟ୍‌ରେ ପର୍ତ୍ତୁଗାଲ ଏହି ଗୋଲଟି ଶୁଝାଇ ଦେବାରେ ସଫଳ ହୋଇଥିଲା। ଡାନିଲୋ ପେରେରା ୨୫ ୟାର୍ଡ ଦୂରରୁ ଏକ ଚମତ୍କାର ଶର୍ଟ ମାରି ବଲକୁ ସର୍ବିଆ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନ ହେବାକୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ପର୍ତ୍ତୁଗାଲର ଷ୍ଟାର୍ ଷ୍ଟ୍ରାଇକର ତଥା ୫ଥର ବାଲୋନ ଡିଓର୍ ପୁରସ୍କାର ବିଜେତା କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି ମ୍ୟାଚ୍‌ର ୩୧ତମ ମିନିଟ୍‌ରେ ଆଘାତ ପାଇ ପଡ଼ିଆ ଛାଡ଼ିଥିଲେ। ମ୍ୟାଚ୍‌ରେ ପର୍ତ୍ତୁଗାଲ ପାଇଁ ଏହା ଶକ୍ତ ଧକ୍କା ସଦୃଶ ଥିଲା। ପ୍ରତିଯୋଗିତାରେ ପର୍ତ୍ତୁଗାଲର ଏହା ୨ୟ ଡ୍ର' ଥିଲା। ଏଥିପୂର୍ବରୁ ୟୁକ୍ରେନ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ପର୍ତ୍ତୁଗାଲ ଡ୍ର ରଖିଥିଲା।

### ଆଡିଡାସ ସହ ଚୁକ୍ତି ବଢ଼ାଇଲେ ରୋହିତ୍

**ନୂଆଦିଲ୍ଲୀ, ୨୬।୩(ପି.ଟି.):** ଭାରତୀୟ ବ୍ୟାଟ୍ସମ୍ୟାନ ରୋହିତ୍ ଶର୍ମା ବିଶ୍ୱସ୍ତରୀୟ କ୍ରୀଡ଼ା ଉପକରଣ ପ୍ରସ୍ତୁତକାରୀ କମ୍ପାନୀ ଆଡିଡାସ ସହ ତାଙ୍କର ଚୁକ୍ତିକୁ ବୃଦ୍ଧି କରିଛନ୍ତି। ମୁମ୍ବାଇର ଏହି ଷ୍ଟାଇଲିଶ ବ୍ୟାଟ୍ସମ୍ୟାନ ୨୦୧୩ରୁ ଆଡିଡାସ ସହ ଜଡ଼ିତ ରହିଛନ୍ତି। ନିକଟରେ ରୋହିତ୍ ଦିନିକିଆ କ୍ରିକେଟରେ ୮ ହଜାର ରନ୍ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ପ୍ରିଣ୍ଟର ହିମା ଦାସ, ହକି ଖେଳାଳି ମନପ୍ରୀତ୍ ସିଂ ଓ ହେପ୍ଟା ଆଥ୍‌ଲେଟ ସ୍ୱପ୍ନା ବର୍ମନ ମଧ୍ୟ ପୂର୍ବରୁ ଆଡିଡାସର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି।

# ମାଲେସିଆକୁ ହରାଇଲା ଭାରତ

**ଇପୋ (ମାଲେସିଆ), ୨୬।୩**

ସୁଲତାନ ଆଜଲାନଶାହ କପ୍ ହକି ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଭାରତ ୪–୨ ଗୋଲରେ ବିପଜ୍ଜନକ ପ୍ରତିଦ୍ୱନ୍ଦ୍ୱୀ ମାଲେସିଆକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ଭାରତ ୩ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୭ ପଏଣ୍ଟ ହାସଲ କରିଛି। ଦକ୍ଷିଣ କୋରିଆ ମଧ୍ୟ ସମାନ ମ୍ୟାଚରୁ ୭ ପଏଣ୍ଟ ପାଇଛି। ତେବେ ଗୋଲ ବ୍ୟବଧାନରେ କୋରିଆ ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ମାଲେସିଆ ଓ କାନାଡ଼ା ୬ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ତେଣୁ କେଉଁ ୨ ଦଳ ଫାଇନାଲ ଖେଳିବ ତାହା ବୁଧବାର ଲିଗ୍ ମ୍ୟାଚପରେ ଆପାତତଃ ସ୍ୱଷ୍ଟ ହୋଇଯିବ। ବୁଧବାର କୋରିଆ ଓ ମାଲେସିଆ ଏବଂ ଭାରତ ଓ କାନାଡ଼ା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଅନ୍ୟ ଏକ ମ୍ୟାଚରେ ଜାପାନ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଜାପାନ ଓ ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ପଏଣ୍ଟ ଖାତା ଖୋଲି ପାରି ନ ଥିବାରୁ ଏହି ମ୍ୟାଚର ଗୁରୁତ୍ୱ ରହିବନାହିଁ। ଶନିବାର ଫାଇନାଲ ଅନୁଷ୍ଠିତ ହେବ।

ମାଲେସିଆ ବିପକ୍ଷ ମ୍ୟାଚରେ ଭାରତ ଅତି ସତର୍କତାର ସହିତ ଖେଳିବା ଆରମ୍ଭ କରିଥିଲା। ଉଭୟ ଦଳ ସମକକ୍ଷ ପ୍ରଦର୍ଶନ କରିବାରୁ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ଉଭୟ ଦଳ ମଧ୍ୟରେ ମୁକାବିଲା ଜୋରଦାର ହୋଇଥିଲା। ମ୍ୟାଚର ୧୭ତମ ମିନିଟରେ ସୁମିତ ଏକ ଫିଲ୍ଡ ଗୋଲ ଜରିଆରେ ଭାରତକୁ ଅଗ୍ରଣୀ କରାଇଥିଲେ। ମାତ୍ର ଏହାର ୫ ମିନିଟ ପରେ ଅର୍ଥାତ୍ ୨୧ତମ ମିନିଟରେ ମାଲେସିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ରାଜେ ରହିମ ଗେମ୍‌କୁ ସମାନ ସ୍ତରକୁ ନେଇ ଆସିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାର ୩ ମିନିଟ ପୂର୍ବରୁ ୨୭ତମ ମିନିଟରେ ସୁମିତ କୁମାର (ଜୁନିୟର) ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତକୁ ୨–୧ ଗୋଲରେ ଅଗ୍ରଣୀ କରାଇଥିଲେ।

ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ତୃତୀୟ କ୍ୱାର୍ଟର ଆରମ୍ଭରୁ ଗୋଲ ପରିଶୋଧ ପାଇଁ ମାଲେସିଆ ଭରପୂର ଉଦ୍ୟମ କରିଥିଲା। ମାତ୍ର ୩୬ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରି ଡ୍ରାଗ୍ ଫ୍ଲିକର ବରୁଣ କୁମାର ମାଲେସିଆ ଉପରେ ଅଧିକ ଚାପ ସୃଷ୍ଟି କରିଥିଲେ। ଏହି କ୍ୱାର୍ଟରର ଅବଶିଷ୍ଟ ସମୟରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ତେଣୁ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆକ୍ରମଣ ପ୍ରତିଆକ୍ରମଣ ମଧ୍ୟରେ ଖେଳ ଶେଷ ଭାଗରେ ପହଞ୍ଚି ଯାଇଥିଲା। ମ୍ୟାଚ ଶେଷ ହେବାର ୩ ମିନିଟ ପୂର୍ବରୁ ଅର୍ଥାତ୍ ୫୭ତମ ମିନିଟରେ ମାଲେସିଆର ଫିରହାନ ଅସହାରି ଏକ ଗୋଲ ପରିଶୋଧ କରି ମ୍ୟାଚରେ ଉଷ୍ମତା ଭରି ଦେଇଥିଲେ। ତେବେ ପୂର୍ବ ମ୍ୟାଚ ଗୁଡ଼ିକରେ କରିଥିବା ତ୍ରୁଟିକୁ ଭାରତ ଏଠାରେ ଦୋହରାଇ ନ ଥିଲା। ଅସହାରି ଗୋଲ ଦେବାର ୧ ମିନିଟ ମଧ୍ୟରେ ପ୍ରତିପକ୍ଷ ଗୋଲପୋଷ୍ଟରେ ପ୍ରବେଶ କରି ମନଦୀପ ସିଂ ଏକ ଫିଲ୍ଡ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ୫୮ତମ ମିନିଟରେ ସେ ଏହି ଗୋଲଟି ଦେଇଥିଲେ। ଅବଶିଷ୍ଟ ୨ ମିନିଟ ଓ ଇଞ୍ଜୁରି ଟାଇମ୍‌ରେ ମାଲେସିଆ ଘନଘନ ଆକ୍ରମଣ କରିଥିଲେ ହେଁ ଭାରତୀୟ ରକ୍ଷଣଭାଗ ସଫଳତାର ସହିତ ତାହାର ପ୍ରତିହତ କରିଥିଲା। ଶେଷରେ ୪–୨ ସ୍କୋର ସହ ଭାରତ ମ୍ୟାଚ ଫିନିଶ୍ କରିଥିଲା। ଉପଅଧିନାୟକ ସୁରେନ୍ଦର କୁମାର ଓ ଓଡ଼ିଆ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ରକ୍ଷଣଭାଗରେ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ବୀରେନ୍ଦ୍ର ଲାକ୍ରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ୨ଟି ମ୍ୟାଚରେ କାନାଡ଼ା ୨–୧ ଗୋଲରେ ଜାପାନକୁ ହରାଇଥିବାବେଳେ କୋରିଆ ୩–୨ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଭାରତ ଏହାର ପ୍ରଥମ ମ୍ୟାଚରେ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଜାପାନକୁ ୨–୦ ଗୋଲରେ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚକୁ କୋରିଆ ସହିତ ୧–୧ ଗୋଲରେ ଡ୍ର ରଖିଥିଲା।





ଗୋଲ୍ ସ୍କୋର ପରେ ଉଲ୍ଲସିତ ଭାରତୀୟ ଖେଳାଳି। ମ୍ୟାଚ୍ ଅବସରରେ ଭାରତୀୟ ଫରୱାର୍ଡ ସୁମିତ କୁମାର।

**ସୁଲତାନ ଆଜଲାନଶାହ କପ୍**

**ଗୋଲ ସ୍କୋରର**

**ଭାରତ**
ସୁମିତ: ୧୭ତମ ମିନିଟ
ସୁମିତ କୁମାର: ୨୭ତମ ମିନିଟ
ବରୁଣ କୁମାର ୩୬ତମ ମିନିଟ
ମନଦୀପ ସିଂ: ୫୮ତମ ମିନିଟ

**ମାଲେସିଆ**
ରାଜେ ରହିମ: ୨୧ତମ ମିନିଟ
ଫିରହାନ ଅସହାରି: ୫୭ତମ ମିନିଟ

## ଯାଦବପୁର, ଜୟପୁରକୁ ତୃତୀୟ ସ୍ଥାନ

**ଭୁବନେଶ୍ୱର, ୨୬।୩ (କ୍ରୀଡ଼ା ପ୍ରତିନିଧି):** ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ (ପୁରୁଷ) ଟୁର୍ନାମେଣ୍ଟର ତୃତୀୟ ଦିବସରେ ସେମିଫାଇନାଲ ଓ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ପ୍ରତିଯୋଗିତାର ଟ୍ୟାକ୍‌ଲ ବିଭାଗରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟ ୩୪–୦ରେ ଚେନ୍ନାଇର ଏସଆରଏମକୁ ହରାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ୩୨–୦ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଯାଦବପୁର ୯–୦ରେ ଏସଆରଏମ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ସେହିପରି ଫ୍ଲାଗ୍ ବିଭାଗର ପ୍ରଥମ ସେମିଫାଇନାଲରେ ଜୟପୁରର ମଣିପୁର ବିଶ୍ୱବିଦ୍ୟାଳୟ ୬–୦ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ହରାଇଥିବାବେଳେ ଦ୍ୱିତୀୟ ସେମିରେ ଜୟପୁରର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ୧୮–୧୫ରେ ଜୟପୁର ଜାତୀୟ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ଲେ–ଅଫ୍‌ରେ ଜୟପୁର ଜାତୀୟ ବିଶ୍ୱବିଦ୍ୟାଳୟ ୧୨–୬ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଛି। ଉଭୟ ଟ୍ୟାକ୍‌ଲ ଓ ଫ୍ଲାଗ୍ ଫୁଟବଲର ଫାଇନାଲ ବୁଧବାର ଅନୁଷ୍ଠିତ ହେବ।

## ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଆଲାମଙ୍କ ପରଲୋକ

**କଟକ ଅଫିସ, ୨୬।୩**

ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଓଡ଼ିଶା ଅଲିମ୍ପିକ ଆସୋସିଏଶନ(ଓଏ)ର ସମ୍ପାଦକ ଏମ.ଏ. ଆଲାମଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ରାଜ୍ୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି। ଓଡ଼ିଶା କ୍ରୀଡ଼ା ଜଗତରେ ଆଲାମ ଜଣେ ପରିଚିତ ଚେହେରା। ସନ୍ଧ୍ୟାରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କ୍ଲବକୁ ଆସିଥିବା ବେଳେ ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ରାତି ପ୍ରାୟ ୧୨ଟା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୨୦୧୬ ମସିହା ଅକ୍ଟୋବର ୧ ରୁ ଆଲାମ ଓଏର ସମ୍ପାଦକ ପଦବୀରେ ରହିଆସିଥିଲେ। ଏହାଛଡ଼ା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର କୋଷାଧକ୍ଷ ଭାବେ ମଧ୍ୟ ସେ କାର୍ଯ୍ୟ କରୁଥିଲେ। ଜଣେ କ୍ରୀଡ଼ାପ୍ରେମୀ ଓ ଦକ୍ଷ କ୍ରୀଡ଼ା ସଙ୍ଗଠକ ଭାବେ ଆଲାମ ସମସ୍ତଙ୍କ ନିକଟରେ ପରିଚିତ। ସେ ଜଣେ ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଥିଲେ। କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ତାଙ୍କର ଉଦ୍ୟମ ପ୍ରଶଂସନୀୟ। ଶିକ୍ଷକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ଆଲାମ ସୟଦ ସେମିନାରୀ ସ୍କୁଲରୁ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। କଟକ ଆଜାଦ ହିନ୍ଦ୍ କ୍ଲବର ସେ ସମ୍ପାଦକ ମଧ୍ୟ ଥିଲେ। ଆଲାମଙ୍କ ମୃତ୍ୟୁ ଖବର ପାଇ ବହୁ କ୍ରୀଡ଼ାପ୍ରେମୀ ଓ କ୍ରୀଡ଼ା ସଂଗଠକ ମେଡ଼ିକାଲରେ ପହଞ୍ଚିଥିଲେ। ମଙ୍ଗଳବାର ଆଲାମଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।



ଏମ.ଏ. ଆଲାମ

## ମୁଖ୍ୟ ପର୍ଯ୍ୟାୟରେ କାର୍ତ୍ତିକ, ପ୍ରଣବ

**ନୂଆଦିଲ୍ଲୀ, ୨୬।୩ (ପି.ଟି.):** ଏଠାରେ ଚାଲିଥିବା ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ସଟ୍‌ଲରଙ୍କ ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳିଛି। ମଙ୍ଗଳବାର ସିଙ୍ଗଲ୍ସ ବିଭାଗରେ ୮ ଜଣ ଓ ଡବଲ୍ସରେ ୧୦ ଯୋଡ଼ି ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ମୁଖ୍ୟ ପର୍ଯ୍ୟାୟକୁ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଥିବା ଭାରତୀୟ ଖେଳାଳିଙ୍କ ମଧ୍ୟରେ ରାହୁଲ ଯାଦବ ଚିତ୍ତବୋନିଆ, ସିଦ୍ଧାର୍ଥ ଠାକୁର, କାର୍ତ୍ତିକ ଜିନ୍ଦଲ, କାର୍ତ୍ତିକ ଗୁଲଶାନ କୁମାର ପ୍ରମୁଖ ରହିଛନ୍ତି। ସେହିଭଳି ରିତିକା ଥାକରେ, ପ୍ରଶି ଯୋଶୀ, ରିୟା ମୁଖାର୍ଜୀ, ବୈଦେହୀ ଚୌଧୁରୀ ପ୍ରମୁଖ ମହିଳା ସିଙ୍ଗଲ୍ସରେ ମୁଖ୍ୟ ଡ୍ର'ରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ପ୍ରଣବ ଜେରୀ ଚୋପ୍ରା ଓ ଏନ୍. ସିକ୍କି ରେଡ୍ଡୀ ଯୋଡ଼ି ମଧ୍ୟ ଯୋଗ୍ୟତା ପର୍ଯ୍ୟାୟ ହର୍ଡଲ୍ସ ଅତିକ୍ରମ କରିଛନ୍ତି। ୨୦୧୭ ସଂସ୍କରଣରେ ଏଠାରେ ଚାମ୍ପିୟନ ହୋଇଥିବା ପି.ଭି. ସିନ୍ଧୁ ବୁଧବାର ମୁଗ୍ଧା ଆର୍ଗିଙ୍କ ବିପକ୍ଷରେ ଖେଳି ନିଜ ଅଭିଯାନ ଆରମ୍ଭ କରିବେ।

# 'ମଙ୍କଡିଙ୍ଗ୍' : ବିବାଦୀୟ ରନ୍‌ଆଉଟ୍‌କୁ ନେଇ ନିୟମ

**ନୂଆଦିଲ୍ଲୀ, ୨୬।୩**

ଆଇପିଏଲ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ସୋମବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଏକ ବିବଦୀୟ ଘଟଣା ଦେଖିବାକୁ ମିଳିଥିଲା। ରାଜସ୍ଥାନ ରୟାଲ୍ସର ଓପନର୍ ଜୋସ୍ ବଟଲର 'ମଙ୍କଡିଙ୍ଗ୍' ଆଉଟ୍‌ର ଶିକାର ହୋଇଥିଲେ। 'ମଙ୍କଡିଙ୍ଗ୍' ଆଉଟ୍ ହେବାରେ ଆଇପିଏଲ୍ ଇତିହାସରେ ସେ ପ୍ରଥମ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ପଞ୍ଜାବ ପକ୍ଷରୁ ଧାର୍ଯ୍ୟ ୧୮୫ ରନର ଲକ୍ଷ୍ୟକୁ ପିଛା କରୁଥିବା ରାଜସ୍ଥାନ ଇନିଂସର ୧୩ତମ ଓଭରରେ ଏହି ବିବାଦୀୟ ଘଟଣା ଘଟିଥିଲା। ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଏହି ଓଭର ବୋଲିଂ କରୁଥିବାବେଳେ ବଟ୍‌ଲର ୪୩ ବଲରୁ ୬୯ ରନ (୧୦ ଚୌକା ଓ ୨ ଛକା) କରି ନନ୍–ଷ୍ଟ୍ରାଇକରେ ଅପରାଜିତ ରହିଥିଲେ। ଓଭରର ୫ମ ବଲ ବୋଲିଂ କରିବା ସମୟରେ ଅଶ୍ୱିନଙ୍କ ହାତରୁ ବଲ୍ ରିଲିଜ ହୋଇ ନ ଥିବାବେଳେ ବଟ୍‌ଲର କ୍ରିଜ୍ ବାହାରକୁ ଚାଲିଯାଇଥିଲେ। ଫଳରେ ଅଶ୍ୱିନ ସଙ୍ଗେ ସଙ୍ଗେ ଅମ୍ପାୟରର ପଟ୍ ବେଲ୍ ପକାଇ ଆଉଟ୍ ଅପିଲ୍ କରିଥିଲେ। ଏହାପରେ ୩ୟ ଅମ୍ପାୟରଙ୍କ ନିଷ୍ପତ୍ତିକ୍ରମେ ବଟ୍‌ଲରଙ୍କୁ ଆଉଟ୍ ଘୋଷିତ କରାଯାଇଥିଲା। ତେବେ ଏହି ଘଟଣା ନେଇ ଏବେ ସୋସିଆଲ ମିଡିଆରେ ଚାରିଆଡୁ ଅଶ୍ୱିନଙ୍କୁ ସମାଲୋଚନା କରାଯାଇଛି। ଏପରିକି ଏହାକୁ ଅଶ୍ୱିନଙ୍କ ଅଣଖେଳୁଆଡ଼ ମନୋଭାବ ବୋଲି ଅନେକେ ମତ ଦେଇଛନ୍ତି। ଆଉଟ୍ ହୋଇ କ୍ରିଜ୍ ଛାଡ଼ିବା ପୂର୍ବରୁ ବଟ୍‌ଲର ଓ ଅଶ୍ୱିନଙ୍କ ମଧ୍ୟରେ କିଛି ସମୟ ବାକ୍ୟ ବିନିମୟ ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା।



ଜୋସ୍ ବଟ୍‌ଲରଙ୍କୁ ଆଉଟ୍ କରୁଛନ୍ତି ରବିଚନ୍ଦ୍ରନ ଅଶ୍ୱିନ।

### ମଙ୍କଡିଙ୍ଗ୍ କ'ଣ

ପ୍ରାକ୍ତନ କିମ୍ବଦନ୍ତୀ ଭାରତୀୟ କ୍ରିକେଟର ଭୀନୁ ମଙ୍କଡଙ୍କ ନାମ ଅନୁସାରେ 'ମଙ୍କଡିଙ୍ଗ' ଆଉଟ୍ ଉଦ୍ଭୃତ ହୋଇଛି। ୧୩ ଡିସେମ୍ବର ୧୯୪୭ରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ସମୟରେ ମଙ୍କଡ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନ ବିଲ୍ ବ୍ରାଉନଙ୍କୁ ଏହିଭଳି ଭାବେ ୨ଥର ଆଉଟ୍ କରିଥିଲେ। ମଙ୍କଡ ବୋଲିଂ କରୁଥିବାବେଳେ ବଲ୍ ରିଲିଜ ହେବା ପୂର୍ବରୁ ବ୍ରାଉନ କ୍ରିଜ୍ ବାହାରକୁ ଚାଲିଯାଉଥିଲେ। ଫଳରେ ମଙ୍କଡ ନନ୍–ଷ୍ଟ୍ରାଇକ ପଟ ବେଲ୍ ଭାଙ୍ଗି ଦେଇଥିଲେ। ଏହିଭଳି ଭାବେ ସେହି ସିରିଜରେ ସେ ବ୍ରାଉନଙ୍କୁ ୨ଥର ଆଉଟ୍ କରିଥିଲେ। ଫଳରେ ଏହି ବିବାଦୀୟ ରନ୍‌ଆଉଟ୍ ପରେ 'ମଙ୍କଡିଙ୍ଗ୍' ନାମରେ ପରିଚିତ ହୋଇଥିଲା। ଏହି ଘଟଣାରେ ସେତେବେଳେ ଭୀନୁ ମଙ୍କଡଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ତେବେ ସେହି ସମୟରେ ଅଷ୍ଟ୍ରେଲିଆ ଅଧିନାୟକ ଥିବା କିମ୍ବଦନ୍ତୀ କ୍ରିକେଟର ସାର୍ ଡନ୍ ବ୍ରାଡ୍‌ମ୍ୟାନ ମଙ୍କଡଙ୍କୁ ସମର୍ଥନ କରିଥିଲେ। 'ଯେତେବେଳ ପର୍ଯ୍ୟନ୍ତ ବୋଲରଙ୍କ ହାତରୁ ବଲ୍ ରିଲିଜ ହୋଇନାହିଁ ନନ୍–ଷ୍ଟ୍ରାଇକର ବ୍ୟାଟ୍ସମ୍ୟାନ ସେତେବେଳ ପର୍ଯ୍ୟନ୍ତ କ୍ରିଜ ଭିତରେ ରହିବେ। କ୍ରିକେଟର ନିୟମରେ ଏହା କ୍ଲିୟର ଭାବେ ଉଲ୍ଲେଖ ରହିଥିଲେ ସୁଦ୍ଧା ଭୀନୁ ମଙ୍କଡଙ୍କୁ କାହିଁକି ସମାଲୋଚନା କରାଯିବ' ବୋଲି ବ୍ରାଡ୍‌ମ୍ୟାନ ନିଜ ଅଟୋବାଇଓଗ୍ରାଫିରେ ଏହା ଉଲ୍ଲେଖ କରିଛନ୍ତି।

### ଏମ୍‌ସିସି ନିୟମ

କ୍ରିକେଟର ନିୟମ ପ୍ରସ୍ତୁତ କରୁଥିବା ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ଏହାର ରୁଲ୍‌ବୁକ୍‌ର ନିୟମ ୪୧.୧୬ରେ ସ୍ୱଷ୍ଟ ଭାବେ ଉଲ୍ଲେଖ କରିଛି, ବୋଲରଙ୍କ ହାତରୁ ବଲ୍ ରିଲିଜ ହେବା ପୂର୍ବରୁ ଯଦି ନନ୍–ଷ୍ଟ୍ରାଇକର ବ୍ୟାଟ୍ସମ୍ୟାନ ଆଗୁଆ କ୍ରିଜ୍ ଛାଡ଼ି ଦେଇଥାନ୍ତି ସେତେବେଳେ ତାଙ୍କୁ ରନ୍ ଆଉଟ୍ କରିବାର ଅଧିକାର ବୋଲରଙ୍କ ନିକଟରେ ରହିଛି। ଏଥିରେ ବ୍ୟାଟ୍ସମ୍ୟାନ ଆଉଟ୍ ହୁଅନ୍ତୁ କିମ୍ବା ନ ହୁଅନ୍ତୁ ଏହାକୁ ବଲ୍ ଭାବେ ଗଣାଯିବ ନାହିଁ। ଯଦି ବୋଲର ରନ୍ ଆଉଟ୍ ପ୍ରୟାସରେ ଷ୍ଟମ୍ପ ଭାଙ୍ଗିବାରେ ବିଫଳ ହୁଅନ୍ତି ତେବେ ଅମ୍ପାୟର ଏହାକୁ ଡେଡ୍ ବଲ୍ ଭାବେ ଘୋଷଣା କରିବେ।

### ପ୍ରତିକ୍ରିୟା

**ଜୟପୁର/ନୂଆଦିଲ୍ଲୀ, ୨୬।୩(ପି.ଟି.):** ରାଜସ୍ଥାନ ରୟାଲ୍ସ ବ୍ୟାଟ୍ସମ୍ୟାନ ଜୋସ ବଟ୍‌ଲରଙ୍କୁ 'ମଙ୍କଡିଙ୍ଗ' ଆଉଟ୍ କରିବା ପରେ ପଞ୍ଜାବ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ତାଙ୍କ ଅଣଖେଳୁଆଡ଼ ମନୋଭାବ ପାଇଁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। କିନ୍ତୁ କେତେଜଣ ପ୍ରାକ୍ତନ କ୍ରିକେଟର ଅଶ୍ୱିନଙ୍କ ସପକ୍ଷରେ ମଧ୍ୟ ମତ ରଖିଛନ୍ତି। କ୍ରିକେଟର ନିୟମ ୪୧.୧୬ରେ ଉଲ୍ଲେଖ ରହିଛି, ଯଦି ବୋଲରଙ୍କ ହାତରୁ ବଲ୍ ରିଲିଜ ହେବା ପୂର୍ବରୁ ନନ୍–ଷ୍ଟ୍ରାଇକ ବ୍ୟାଟ୍ସମ୍ୟାନ କ୍ରିଜ ବାହାରକୁ ଚାଲିଯାଆନ୍ତି ତେବେ ସେଠାରେ ତାଙ୍କୁ କୌଣସି ଚେତାବନୀ ଦିଆଯିବାର ଆବଶ୍ୟକତା ନ ଥାଏ। ବୋଲର ସେଠାରେ ତାଙ୍କୁ ରନ୍‌ଆଉଟ କରିବାର ଅଧିକାର ରହିଛି। ଏହିଭଳି ଆଉଟ୍ ଏବେ ମଧ୍ୟ ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନବାଚୀ ଠିଆ କରାଇଛି।

ଟିଭି ରିପ୍ଲେରୁ ସ୍ୱଷ୍ଟଭାବେ ଜଣାପଡୁଥିଲା ଯେ, ବଟ୍‌ଲର କ୍ରିଜ ବାହାରକୁ ଯିବାକୁ ଅପେକ୍ଷା କରି ଅଶ୍ୱିନ ବେଲ୍‌କୁ ତଳେ ପକାଇ ନ ଥିଲେ। ଅଶ୍ୱିନଙ୍କ ଏହିଭଳି ଉଦ୍ଦେଶ୍ୟକୁ ନେଇ ରାଜସ୍ଥାନ ରୟାଲ୍ସର ବ୍ରାଣ୍ଡ ଆମ୍ବାସାଡର ତଥା କିମ୍ବଦନ୍ତୀ ଅଷ୍ଟ୍ରେଲିଆ କ୍ରିକେଟର ସେନ ୱାର୍ନେ ମଧ୍ୟ ପ୍ରଶ୍ନ କରିଛନ୍ତି। ଅଶ୍ୱିନଙ୍କ କାର୍ଯ୍ୟକୁ 'ଲଜ୍ଜାଜନକ' ବୋଲି ୱାର୍ନେ ସୋସିଆଲ ମିଡିଆରେ କହିଛନ୍ତି। 'ଅଶ୍ୱିନଙ୍କର ବଲ୍ ପକାଇବାର କୌଣସି ଉଦ୍ଦେଶ୍ୟ ନ ଥିଲା। ତେଣୁ ଏହାକୁ ଡେଡ୍ ବଲ୍ ଘୋଷଣା କରାଯିବା ଉଚିତ୍ ଥିଲା। ବିସିସିଆଇ ଏହା ଉପରେ ନଜର ପକାଇବା ଉଚିତ୍' ବୋଲି ୱାର୍ନେ କହିଛନ୍ତି। କିନ୍ତୁ ୱାର୍ନେଙ୍କ ସାଥୀ ଖେଳାଳି ଡିନ୍ ଜୋନ୍ସ ଓ ମିଚେଲ ଜନସନ ଏହି ଘଟଣାରେ ଭାରତୀୟ ସ୍ପିନରଙ୍କୁ ସମର୍ଥନ ଜଣାଇଛନ୍ତି। ଭାରତୀୟ ସିନିୟର କ୍ରିକେଟର ଅଶ୍ୱିନ ଯାହା କରିଛନ୍ତି ସେଥିରେ କୌଣସି ତ୍ରୁଟି ନାହିଁ ବୋଲି ଉଭୟ ଜୋନ୍ସ ଓ ଜନସନ ମତ ରଖିଛନ୍ତି। ସେହିଭଳି ଏଥିରେ କୌଣସି ପ୍ଲାନ ନ ଥିଲା। ଖେଳର ନିୟମ ଅନୁସାରେ ଏହା ହୋଇଛି। ଖେଳୁଆଡ଼ ମନୋଭାବ ଉପରେ କାହିଁକି ପ୍ରଶ୍ନ ଉଠୁଚି ମୁଁ ତାହା ଜାଣିନି ବୋଲି ଖବରଦାତା ସମ୍ମିଳନୀରେ ଅଶ୍ୱିନ କହିଛନ୍ତି। ଅପରପକ୍ଷରେ ଅଧିନାୟକ ଓ ମ୍ୟାଚ୍ ରେଫରିଙ୍କୁ ନେଇ ଏକ ବୈଠକ ପୂର୍ବରୁ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ 'ମଙ୍କଡିଙ୍ଗ'କୁ ଆଇପିଏଲ୍‌ରେ କାର୍ଯ୍ୟକାରୀ ନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କେବେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ତାହା ମନେ ନାହିଁ ବୋଲି ଆଇପିଏଲ୍ ଅଧ୍ୟକ୍ଷ ରାଜୀବ ଶୁକ୍ଳା କହିଛନ୍ତି। ଏହି ବୈଠକରେ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲି ଉପସ୍ଥିତ ଥିବା ସେ କହିଛନ୍ତି।



❝ ଅଷ୍ଟ୍ରେଲିଆଠାରୁ କ୍ରମାଗତ ପରାଜୟ ପାଇଁ ଆମ ଖେଳାଳିମାନେ ଭୟଭୀତ ହେବା ଉଚିତ୍ ନୁହେଁ, ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଆମର ଅନେକ ଯୋଜନା ରହିଛି ।

**–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ**



❝ ଚାପକୁ ହାତେଇବାର ଦକ୍ଷତା ଥିବାରୁ ଜମ୍ମୁ କଶ୍ମୀରର ଯୁବ ଫାଷ୍ଟ ବୋଲର ରଶିଖ ସଲାମ ୨ରୁ ୩ ବର୍ଷ ମଧ୍ୟରେ ଜଣେ ସ୍ୱତନ୍ତ୍ର ଖେଳାଳି ହୋଇ ବାହାରିବେ ।

**–ଯୁବରାଜ ସିଂ, ଭାରତୀୟ କ୍ରିକେଟର**

# କିଙ୍ଗ୍ସ ଇଲେଭେନ୍‌ର ବିଜୟ ଅଭିଯାନ

**ଜୟପୁର, ୨୬।୩**

କ୍ରିସ୍ ଗେଲ୍ ଓ ସର୍ଫରାଜ ଖାଁଙ୍କ ବିସ୍ଫୋରକ ବ୍ୟାଟିଂ ପରେ ଡେଥ୍ ଓଭରରେ ବୋଲରଙ୍କ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ଯୋଗୁ କିଙ୍ଗ୍ସ ଇଲେଭେନ ପଞ୍ଜାବ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ-୧୨)ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ ୧୪ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। କିଙ୍ଗ୍ସ ଇଲେଭେନ ପକ୍ଷରୁ ଧାର୍ଯ୍ୟ ୧୮୫ ରନ ବିଜୟ ଲକ୍ଷ୍ୟର ପିଛା କରି ରାଜସ୍ଥାନ ଏକଦା ଦୃଢ଼ ସ୍ଥିତିରେ ଥିଲେ ହେଁ ୨୦ ଓଭରରେ ୯ ଉଇକେଟ ହରାଇ ୧୭୦ ରନ କରିବାକୁ ସକ୍ଷମ ହୋଇଥିଲା। ଗେଲ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଇପିଏଲରେ ରାଜସ୍ଥାନଠାରୁ କ୍ରମାଗତ ୫ ପରାଜୟ ପରେ ପଞ୍ଜାବର ଏହାଥିଲା ପ୍ରଥମ ବିଜୟ।

ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଜୋସ ବଟଲର ଓପନିଂ ଯୋଡ଼ିରେ ୭୮ ରନ ଭାଗୀଦାରି ଗଢ଼ି ଦଳର ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। କେତୋଟି ଦର୍ଶନୀୟ ଷ୍ଟ୍ରୋକ୍ ସହ ଆଗକୁ ବଢୁଥିବାବେଳେ ରାହାନେ ବ୍ୟକ୍ତିଗତ ୨୭(୨୦ ବଲ, ୪ ଚୌକା) ରନ କରି ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିଲେ। ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ କିଙ୍ଗ୍ସ ଇଲେଭେନକୁ ଏହି ବ୍ରେକ୍ ଥ୍ରୁ ଦେଇଥିଲେ। ମାତ୍ର ଅନ୍ୟତମ ଓପନର ବଟଲର ଆକ୍ରମଣାତ୍ମକ ବ୍ୟାଟିଂ କରି ପଞ୍ଜାବ ବୋଲରଙ୍କୁ ନିରାଶ କରିଥିଲେ। ୪୩ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହ ୬୯ ରନ କରିଥିବାବେଳେ ବଟଲର ଦୁର୍ଭାଗ୍ୟଜନକଭାବେ ରନଆଉଟ ହୋଇ ଯାଇଥିଲେ। ତେବେ ସେତେବେଳକୁ ରାଜସ୍ଥାନ ସ୍କୋର ୧୩ ଓଭରରେ ୧୦୮ରେ ପହଞ୍ଚି ଯାଇଥିଲା। ସାମ୍ କୁରାନ ନିଜର ୪ର୍ଥ ଏବଂ ଦଳର ୧୭ତମ ଓଭରରେ ଷ୍ଟିଭେନ ସ୍ମିଥ ଓ ସଞ୍ଜୁ ସାମସନଙ୍କୁ ଆଉଟ କରି ମ୍ୟାଚର ମୋଡ଼ ପରିବର୍ତ୍ତନ କରି ଦେଇଥିଲେ। ଏହି ଓଭର ମ୍ୟାଚର ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ବାସନ୍ଦ ପରେ ପ୍ରତିଦ୍ୱନ୍ଦ୍ୱିତା ମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ସ୍ମିଥ ୧୬ଟି ବଲ୍ ଖେଳି ଗୋଟିଏ ଲେଖାଏ ଚୌକା ଓ ଛକା ମାରି ୨୦ ରନ ସଂଗ୍ରହ କରିଥିଲେ। ଅନ୍ୟପକ୍ଷରେ ସାମସନ ୨୫ ବଲ୍‌ରୁ ୩୦(୧ ଛକା) ରନ ସ୍କୋର କରିଥିଲେ। ମୁଜିବ ଉର ରହମାନ ମଧ୍ୟ ନିଜ ଅନ୍ତିମ ଓଭରରେ ୨ଟି ଉଇକେଟ ନେଇ ରାଜସ୍ଥାନ ହାତରୁ ମ୍ୟାଚ ଛଡ଼ାଇ ଆଣିଥିଲେ। ସେ ମ୍ୟାଚର ୧୮ତମ ଓଭର ୩ୟ ବଲ୍‌ରେ ବେନ୍ ଷ୍ଟୋକ୍ସ (୬ ରନ)ଙ୍କୁ ଏବଂ ଅନ୍ତିମ ବଲ୍‌ରେ ରାହୁଲ ତ୍ରିପାଠୀ(୧)ଙ୍କୁ ଆଉଟ କରି ପ୍ୟାଭିଲିୟନ ଫେରାଇଥିଲେ। ୨ ଓଭର ବ୍ୟବଧାନରେ ୪ ଉଇକେଟ ହରାଇବା ରାଜସ୍ଥାନ ପାଇଁ ମହଙ୍ଗା ପଡ଼ିଥିଲା। ଶେଷ ୫ ଓଭରରେ ରାଜସ୍ଥାନ ୩୫ ରନ ବିନିମୟରେ ୭ଟି ଉଇକେଟ ହରାଇଥିଲା। ପଞ୍ଜାବ ପକ୍ଷରୁ ସାମ୍ କୁରାନ, ମୁଜିବ ଉର୍ ରହମାନ ଓ ଅଙ୍କିତ ରାଜପୁତ ୨ଟି ଲେଖାଏ ଏବଂ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ରାଜସ୍ଥାନ ରୟାଲ୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଓଭରରେ ପଞ୍ଜାବ ଓପନର ଲୋକେଶ ରାହୁଲ(୪)ଙ୍କୁ ଆଉଟ କରି ଧାୱଲ କୁଲକର୍ଣ୍ଣୀ ଦଳୀୟ ଶିବିରରେ ଉତ୍ସାହ ଭରିଥିଲେ। ମାତ୍ର କ୍ରିସ୍ ଗେଲ୍ ଓ ମୟଙ୍କ ଅଗ୍ରୱାଲ ଦ୍ୱିତୀୟ ଉଇକେଟରେ ୫୪ ରନର ଭାଗୀଦାରି ଗଢ଼ିବା ସହ କିଙ୍ଗ୍ସ ଇଲେଭେନ ପାଇଁ ବଡ଼ ସ୍କୋରର ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ମୟଙ୍କ ୨୪ ବଲ୍‌ରୁ ୨୨ (୧ ଚୌକା, ୨ ଛକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ଗେଲ କିନ୍ତୁ ଖେଳିଥିଲେ ଧୂଆଁଧାର ଇନିଂସ। ସେ ପ୍ରତିପକ୍ଷ ବୋଲରମାନଙ୍କୁ ଧୂଳେଇ କରି ୪୭ ବଲ୍‌ରୁ ୮ ଚୌକା ଓ ୪ ଛକା ସହାୟତାରେ ୭୯ ରନ କରିଥିବାବେଳେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମିଡ୍‌ଲ ଅର୍ଡରରେ ଉଇକେଟ କିପର ନିକୋଲାସ ପୁରନ(୧୨ ରନ) ବିଫଳ ହୋଇଥିଲେ ହେଁ ସର୍ଫରାଜ ଖାଁ ୨୯ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୪୬ ରନରେ ଅପରାଜିତ ରହି ଦଳକୁ ୧୮୪ ରନର ଏକ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇଥିଲେ। ତାଙ୍କ ସହ ମନଦୀପ ସିଂ ୫ ରନରେ ଅପରାଜିତ ରହିଥିଲେ। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ବେନ୍ ଷ୍ଟୋକ୍ସ ୨ଟି ଏବଂ ଧାୱଲ କୁଲକର୍ଣ୍ଣୀ, କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

- **କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୮୪/୪(ଗେଲ-୭୯, ସର୍ଫରାଜ-୪୬*, ମୟଙ୍କ-୨୨, ଷ୍ଟୋକ୍ସ-୨/୪୮, ଧାୱଲ-୧/୩୦, ଗୋଥାମ-୧/୩୨)**
- **ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୭୦/୯(ବଟଲର-୬୯, ସାମସନ-୩୦, ରାହାନେ-୨୭, କୁରାନ-୨/୫୨, ରହମନ-୨/୩୧, ରାଜପୁତ-୨/୩୩,ଅଶ୍ୱିନ-୧/୨୦)**



**ଆଇପିଏଲ୍:** ମଙ୍ଗଳବାର ଚେନ୍ନାଇ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିବା ଦିଲ୍ଲୀର ଶିଖର ଧାୱନ।

## ସଂକ୍ଷେପରେ

### ପ୍ରାରମ୍ଭିକ ପରାଜୟ ଧାରା ରୋକିବା ଅଶ୍ୱିନୀଙ୍କ ଲକ୍ଷ୍ୟ



**ନୂଆଦିଲ୍ଲୀ, ୨୬।୩ (ପି.ଟି.):** ଭାରତୀୟ ବ୍ୟାଡମିଣ୍ଟନ ଡବଲ୍ସ ସ୍ପେଶାଲିଷ୍ଟ ଅଶ୍ୱିନୀ ପୋନ୍ନାପା ନୂଆ ଟ୍ରେନିଂ ବ୍ୟବସ୍ଥାର ଉଚ୍ଚ ପ୍ରଶଂସା କରିଛନ୍ତି। ଏଣିକି ସେ ଓ ତାଙ୍କ ପାର୍ଟନର ଏନ. ସିକ୍କି ରେଡ୍ଡୀ ପ୍ରାରମ୍ଭିକ ରାଉଣ୍ଡରେ ପରାଜୟ ଧାରାକୁ ରୋକିବାରେ ସମର୍ଥ ହେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ(ବାଇ) ନିକଟରେ ଦୁଇଜଣ ଡବଲ୍ସ ସ୍ପେଶାଲିଷ୍ଟ କୋଚ୍ ଇଣ୍ଡୋନେସିଆର ନାମ୍‌ରି ସୁରୋତୋ ଏବଂ ଫ୍ଲାଣ୍ଡି ଲିମ୍ପେଲେଙ୍କୁ ନିଯୁକ୍ତି ଦେଇଛି। ଏହାର ଫଳାଫଳ ବର୍ତ୍ତମାନ ଚାଲିଥିବା ଇଣ୍ଡିଆନ ଓପନ୍‌ରେ ଦେଖିବାକୁ ମିଳିଛି। ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ବିଶ୍ୱର ୨୩ ନମ୍ବର ଯୋଡ଼ି ଅଶ୍ୱିନୀ ଓ ସିକ୍କି ୧୮ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଲି ଓେନ୍‌ମେଇ ଏବଂ ଝେଙ୍ଗ୍ ୟୁଙ୍କୁ ୨୨-୨୦, ୨୧-୧୯ରେ ପରାସ୍ତ କରି ମହିଳା ଡବଲ୍ସ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। କୌଣସି ଟୁର୍ନାମେଣ୍ଟର ପ୍ରଥମ ଅବା ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେବା ଧାରାରେ ବ୍ରେକ୍ ଦେବାକୁ ହେବ। ଏଥିସହିତ କେତୋଟି ଟୁର୍ନାମେଣ୍ଟ ଜିତିବା ଲାଗି ଆମେ ଚାହୁଁ ବୋଲି ଅଶ୍ୱିନୀ କହିଛନ୍ତି। ମଙ୍ଗଳବାର ମ୍ୟାଚରେ ବିଜୟ ଦ୍ୱାରା ଆମ ଆତ୍ମ ବିଶ୍ୱାସ ବୃଦ୍ଧି ପାଇଛି। ସ୍ଥିର ପ୍ରଦର୍ଶନ ଜାରି ରଖି ଆମେ ଟୁର୍ନାମେଣ୍ଟ ଗୁଡ଼ିକରେ କ୍ୱାର୍ଟରଫାଇନାଲ ଓ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବାକୁ ଚାହୁଁ।

### ମାୟାମି ଓପନ୍: ପ୍ରି-କ୍ୱାର୍ଟରରେ ଫେଡରର

**ମାୟାମି, ୨୬।୩(ଏଏଫ୍‌ପି):** ସୁଇଜରଲାଣ୍ଡ ଟେନିସ ଷ୍ଟାର୍ ରୋଜର ଫେଡରର ଏଠାରେ ଚାଲିଥିବା ମାୟାମି ଓପନ୍ ପୁରୁଷ ସିଙ୍ଗଲ୍ସର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ରାଉଣ୍ଡ-୩୨’ର ଏକ ମୁକାବିଲାରେ ଫେଡରର ୭-୫, ୬-୩ ସିଧାସଳଖ ସେଟ୍‌ରେ ସର୍ବିଆର ଫିଲିପ କ୍ରାଜିନୋଭିକଙ୍କୁ ହରାଇଛନ୍ତି। ବିଶ୍ୱ ମାନ୍ୟତାର ୧୦୩ତମ ସ୍ଥାନରେ ଥିବା ଫିଲିପ୍ ପ୍ରଥମ ସେଟ୍‌ରେ ଫେଡରରଙ୍କୁ କଡ଼ା ଟକ୍କର ଦେଇଥିଲେ ମଧ ଶେଷରେ ପରାସ୍ତ ହୋଇଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ଫେଡରରଙ୍କ ମୁକାବିଲା ରୁଷିଆର ଡାନିଲ ମେଡଭେଡେଭ୍‌ଙ୍କ ସହ ହେବ। ବିଶ୍ୱ ମାନ୍ୟତାର ୧୫ତମ ସ୍ଥାନରେ ରହିଥିବା ଡାନିଲ ରାଉଣ୍ଡ-୩୨’ର ଅନ୍ୟ ଏକ ମ୍ୟାଚ୍‌ରେ ୭-୬ (୭/୫), ୬-୭ (୫/୭), ୭-୬ (୭/୦) ସେଟ୍‌ରେ ଆମେରିକାର ରିଲି ଓପେଲ୍‌କାଙ୍କୁ ପରାସ୍ତ କରିଛନ୍ତି। ଫେଡରର ଓ ଡାନିଲ ଗତବର୍ଷ ପରସ୍ପରକୁ ୨ଥର ଭେଟିଥିବାବେଳେ ଉଭୟ ମ୍ୟାଚ୍‌ରେ ଫେଡରର ବିଜୟ ଟିକା ପିନ୍ଧିଥିଲେ।





**ଆଇପିଏଲ:** ବେଙ୍ଗାଲୁରୁଠାରେ ମଙ୍ଗଳବାର ଅଭ୍ୟାସ ଅବସରରେ ଦୁଇ ଅଧିନାୟକ ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମା ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ବିରାଟ କୋହଲି ।

# ପଞ୍ଜାବ–କୋଲକାତା ମ୍ୟାଚ୍ ଆଜି

**କୋଲକାତା, ୨୬।୩ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଷଷ୍ଠ ମ୍ୟାଚ୍‌ରେ ବୁଧବାର ରବୀଚନ୍ଦ୍ରନ ଆଶ୍ୱିନଙ୍କ ନେତୃତ୍ୱାଧୀନ କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ଘରୋଇ କୋଲକାତା ନାଇଟ୍ ରାଇଡର୍ସ ପରସ୍ପରକୁ ଭେଟିବେ। ମଙ୍କଡିଙ୍ଗ୍ ଘଟଣା ଯୋଗୁ ଅଶ୍ୱିନ ଏବେ ସମସ୍ତଙ୍କ ନଜରରେ ରହିଛନ୍ତି। ତେବେ ଏହି ବିବାଦ ସତ୍ତ୍ୱେ ରାଜସ୍ଥାନ ରୟାଲ୍ସକୁ ହରାଇ ପଞ୍ଜାବ ବିଜୟ ଅଭିଯାନ ଆରମ୍ଭ କରିଛି। ଅଶ୍ୱିନଙ୍କ ମଙ୍କଡିଙ୍ଗ୍‌ରେ ଜୋସ୍ ବଟଲର ଆଉଟ ହେବା ଫଳେ ରାଜସ୍ଥାନର ବିପର୍ଯ୍ୟୟ ଘଟିଥିଲା ଓ ଦଳ ୧୪ ରନରେ ପରାସ୍ତ ହୋଇଥିଲା। ବଟଲର ୪୩ ବଲ୍‌ରୁ ୬୯ ରନକରି ଜବରଦସ୍ତ ଫର୍ମରେ ଥିଲେ ଓ ସେ ଆଉଟ୍ ହୋଇ ନ ଥିଲେ ବୋଧହୁଏ ରାଜସ୍ଥାନ ୧୮୫ ରନର ଟାର୍ଗେଟ ହାସଲ କରି ବିଜୟୀ ହୋଇଥାନ୍ତା। ତେବେ ସେ ଆଉଟ ହେବା ପରେ ମାତ୍ର ୬୨ ରନରେ ରାଜସ୍ଥାନର ୮ଟି ଉଇକେଟର ପତନ ଘଟିଥିଲା। ଫଳରେ ଜୟପୁରରେ ପଞ୍ଜାବ ତା’ର ପ୍ରଥମ ବିଜୟ ହାସଲ କରିଥିଲା। ନିୟମ ଅନୁସାରେ ବଟଲର ଆଉଟ ହୋଇଥିଲେ ଅଶ୍ୱିନ ସବୁ ମହଲରୁ ସମାଲୋଚନାର ଶିକାର ହୋଇଛନ୍ତି। ସ୍ପିନ୍ ଲିଜେଣ୍ଡ ତଥା ରାଜସ୍ଥାନ ବ୍ରାଣ୍ଡ ଆମ୍ବାସାଡର ସେନ୍ ୱର୍ନ ମଧ ଅଶ୍ୱିନଙ୍କ ଏଭଳି ଆଚରଣକୁ ନାପସନ୍ଦ କରିଛନ୍ତି। ଏହା କ୍ରୀଡ଼ା ମର୍ଯ୍ୟାଦାର ଉଲ୍ଲଂଘନ କରିଛି ବୋଲି ସେ କହିଛନ୍ତି। ଏହି ବିବାଦକୁ ପଛରେ ପକାଇ ଅଶ୍ୱିନ ଓ ରାଜସ୍ଥାନ ପ୍ରଥମ ଆୱେ ମ୍ୟାଚ୍‌ରେ କୋଲକାତ ବିପକ୍ଷରେ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ପଞ୍ଜାବର ସବୁଠାରୁ ବଡ଼ ତାରକା ଖେଳାଳି କ୍ରିସ୍ ଗେଲ ୪୭ ବଲ୍‌ରୁ ୭୯ ରନ ସଂଗ୍ରହ କରିଥିଲେ। ଅପରପକ୍ଷରେ ତାଙ୍କ ଦେଶର ଅନ୍ୟତମ ଖେଳାଳି ଆନ୍ଦ୍ରେ ରସେଲ କୋଲକାତା ପାଇଁ ୧୯ ବଲ୍‌ରୁ ଅପରାଜିତ ୪୯ ରନ କରି ଦଳକୁ ପ୍ରଥମ ମ୍ୟାଚ୍‌ରେ ଜିତାଇଛନ୍ତି। ୨୦୧୯ ବିଶ୍ୱକପ୍ ପରେ ଗେଲ ଦିନିକିଆରୁ ଅବସର ନେବେ। ଗତ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ସେ ୩୯ଟି ଛକା ମାରି ରେକର୍ଡ କରିଛନ୍ତି। ୧୮ ବଲ୍‌ରୁ ୧୪ ରନ କରି ଗେଲ ମନ୍ଥର ଆରମ୍ଭ କରିଥିଲେ। ତେବେ ଦ୍ୱାଦଶ ଓଭରରେ ଜୟଦେବ ଉନାଡକଟଙ୍କୁ ସେ କ୍ରମାଗତ ୪ଟି ଛକା ମାରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। କୋଲକାତର ପୂର୍ବତନ ଖେଳାଳି ଗେଲ୍ ଇଡେନ ଗାର୍ଡେନ ଉଇକେଟକୁ ଭଲ ଭାବେ ଜାଣିଛନ୍ତି। ତେଣୁ ସ୍ପିନକୁ ସୁହାଉଥିବା ଏହି ଉଇକେଟରେ ସେ ପୁଣି କମାଲ କରିବା ଆଶା କରାଯାଉଛି। ଗେଲ୍‌ଙ୍କୁ ଏହି ମ୍ୟାଚ୍‌ରେ ଉଚିତ ଜବାବ ଦେବେ ପଞ୍ଜାବର ରସେଲ। କୋଲକାତର ତାରକା ସ୍ପିନର ତଥା ବିସ୍ଫୋରକ ଓପନର ସୁନୀଲ ନାରିନ୍ ଫିଟ ହେବା ଆଶା କରାଯାଉଛି। ଏହି ମ୍ୟାଚ୍ ପରେ କୋଲକାତା ବାହାରେ ୪ଟି ମ୍ୟାଚ୍ ଖେଳିବ।

**ଆଜିର ମ୍ୟାଚ**

**କୋଲକାତା ନାଇଟ୍ ରାଇଡର୍ସ ବନାମ କିଙ୍ଗ୍ସ ଇଲେଭେନ ପଞ୍ଜାବ**



**ପ୍ରସାରଣ**
**ସ୍ଥାନ : କୋଲକାତା**
**ସମୟ : ରାତି ୮ଟା**
**ଷ୍ଟାର ସ୍ପୋର୍ଟ୍ସ**

# ଜୁନିୟର ଡେଭିସ୍ କପ୍ ଦଳରେ ଅଜୟ

**ନୂଆଦିଲ୍ଲୀ, ୨୬।୩ (ପି.ଟି.)**

ହରିୟାଣା ରାଜ୍ୟ ଅନ୍ତର୍ଗତ ଗୋହାନା ଗ୍ରାମର ଅଜୟ ମଲିକଙ୍କୁ ଭାରତୀୟ ଜୁନିୟର ଡେଭିସ୍ କପ୍ ଦଳରେ ସ୍ଥାନ ମିଳିଛି। ଭାରତୀୟ ଦଳ ଥାଇଲାଣ୍ଡ ଏସିଆ/ଓସେନିଆ ଫାଇନାଲ କ୍ୱାଲିଫାଇଙ୍ଗ୍ ମ୍ୟାଚ ଖେଳିବ। ୨୦୧୬ ଅକ୍ଟୋବରରେ ଅନୁଷ୍ଠିତ ଫେନେଷ୍ଟା ଓପନ୍‌ରେ ୧୪ ବର୍ଷରୁ କମ୍ ଜାତୀୟ ଟାଇଟଲ ଜିତିଥିବା ଅଜୟ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଦିବେଶ ଗେହଲଟ ଏବଂ ସୁଶାନ୍ତ ଦେବାସଙ୍କ ସହିତ ଭାରତରୁ ପ୍ରତିନିଧିତ୍ୱ କରିବା ଲାଗି ମନୋନୀତ ହୋଇଛନ୍ତି। ଉଦିତ୍ ଗୋଗୋଇଙ୍କୁ ଦଳର ଅତିରିକ୍ତ ଖେଳାଳି ଭାବେ ନିଆଯାଇଛି। ଚୟନକର୍ତ୍ତାମାନେ ଦଳ ମନୋନୟନ ବେଳେ ୧୬ ବର୍ଷରୁ କମ୍ କାଟେଗୋରି ଜାତୀୟ ର୍‍ୟାଙ୍କିଙ୍ଗ ବିଚାରକୁ ନେଇଥିଲେ। ଅନିଲ ଧୂପରଙ୍କ ଅଧ୍ୟକ୍ଷତାରେ ସିଲେକ୍ସନ ପ୍ୟାନେଲ ୩ ଜଣିଆ ବାଳିକା ଦଳ ମଧ ମନୋନୟନ କରିଥିଲା। ମନୋନୀତ ଖେଳାଳିମାନେ ହେଲେ ଭକ୍ତି ଶାହ, ସୁଦୀପ୍ତ ସେନ୍ଥିଲ କୁମାର ଓ ସଞ୍ଜନା ସିରିମାଲା। ଗାର୍ଗି ପାୱାରଙ୍କୁ ରିଜର୍ଭ ଖେଳାଳି ରଖାଯାଇଛି। ଉଭୟ ଜୁନିୟର ଡେଭିସ୍ କପ୍ ଓ ଫେଡ୍ କପ୍ ନୂଆଦିଲ୍ଲୀର ଡେଲ୍‌ଟାରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଦୁଇ ପଡୋଶୀ ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ଉତ୍ତେଜନା ଯୋଗୁ ଅନିଶ୍ଚିତ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଟୁର୍ନାମେଣ୍ଟ ଦୁଇଟିକୁ ବ୍ୟାଙ୍କକ୍ ସ୍ଥାନାନ୍ତର କରାଯାଇଛି। ଡେଭିସ୍ କପ୍ ଏପ୍ରିଲ ୮ରୁ ୧୩ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ବେଳେ ଫେଡ୍ କପ୍ ୧୫ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଫିନାଲ୍ସ ଖେଳିବାକୁ ହେଲେ ଆୟୋଜକ ରାଷ୍ଟ୍ରକୁ ଛାଡ଼ି ଅନ୍ୟମାନଙ୍କୁ ରିଜିଓନାଲ କ୍ୱାଲିଫାଇଙ୍ଗରେ ବିଜୟୀ ହେବାକୁ ପଡ଼ିବ। ଚାରି ରାଉଣ୍ଡ-ରବିନ ଗ୍ରୁପ୍ ବିଶିଷ୍ଟ ପ୍ରତିଯୋଗିତାରେ ମୋଟ ୧୬ ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିବେ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲ୍ସକୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟରେ ନକ୍ ଆଉଟ ପ୍ରତିଯୋଗିତା ହେବ ଏବଂ ଚାମ୍ପିୟନ ନିର୍ଦ୍ଧାରିତ ହେବ।

# ଅତ୍ୟଧିକ ଚାପ

**ଗୌତମ ଗମ୍ଭୀର**

୨୦୦୦ ଦଶକରେ ଯେତେବେଳେ ଭାରତ ଏ ପାଇଁ ଖେଳୁଥିଲି ସେତେବେଳର ଏକ ମଜାଦାର ଘଟଣା ମନେପଡୁଛି। ଅଭ୍ୟାସ ସାରି ଟିମ୍ ହୋଟେଲରେ ପାଣି ପିଇବାକୁ ମିନି-ରେଫ୍ରିଜରେଟର ଖୋଲିବାକୁ ଯାଇ ଏକ ଅଭାବନୀୟ କଥା ଦେଖିଲି। ରେଫ୍ରିଜରେଟରରେ ୨ଟି ନୀଳ ଓ କଳା ରଙ୍ଗର ଅଣ୍ଡର ପ୍ୟାଣ୍ଟ ବା ଚଡି ଭଙ୍ଗା ହୋଇ ରଖାଯାଇଛି। ପୁଣି ଥାକର ମଝିରେ ୩ ହଳ ସକ୍ସ ବା ମୋଜା ମଧ୍ୟ ରଖାଯାଇଛି। ଏସବୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ସେତେବେଳେ ଗୋଟିଏ କୋଠରିରେ ଆମେ ଏକାଧିକ ଖେଳାଳି ରହୁଥିଲୁ। ମୋ ରୁମ୍ ମେଟ ଜଣେ ନାମୀ ଖେଳାଳି ଥିଲେ ଓ ଏହି ଅଣ୍ଡର ପ୍ୟାଣ୍ଟ ଓ ମୌଜା ତାଙ୍କର ଥିଲା। ରେପ୍ରିଜରେଟରରେ ଏଗୁଡିକ ରଖିବା ସମ୍ପର୍କରେ ସେ ନିଜର ମତ ରଖିଥିଲେ। ବହୁତ ଚାପରେ ଖେଳିବାକୁ ପଡୁଛି। ତମେ ସେକଥା ବୁଝି ପାରିବନାହିଁ ବୋଲି ସେ କହିଥିଲେ। ଭଲ ପ୍ରଦର୍ଶନ କରିବା ପାଇଁ ଅତ୍ୟଧିକ ଚାପ ରହିଥିବାରୁ ଅଲମାରୀରେ ରଖିବା ବଦଳରେ ସେ ଏଗୁଡିକୁ ରେଫ୍ରିଜରେଟରରେ ରଖିଦେଇଥିଲେ।

ଏବେ ଠିକ୍ ଏହି କଥା ଅଭିଜ୍ଞ ସ୍ପିନର ତଥା କିଙ୍ଗ୍ସ ଏକାଦଶ ପଞ୍ଜାବ ଅଧିନାୟକ ରବୀଚନ୍ଦ୍ରନ ଅଶ୍ୱିନ୍‌ଙ୍କ କ୍ଷେତ୍ରରେ ଘଟିଛି। ସୋମବାର ଅନୁଷ୍ଠିତ ରୋମାଞ୍ଚକ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ୍‌ରେ ଅଶ୍ୱିନ୍ ରାଜସ୍ଥାନ ରୟାଲ୍ସ ଉଇକେଟ କିପର ବ୍ୟାଟ୍ସମ୍ୟାନ ଜୋସ ବଟଲରଙ୍କୁ ବିବାଦୀୟ ଢଙ୍ଗରେ ରନ୍ ଆଉଟ (ମଙ୍କଡିଙ୍ଗ୍) କରିଥିଲେ। ଏ ନେଇ ଅଶ୍ୱିନ୍ ଚାରିଆଡୁ ସମାଲୋଚନାର ଶିକାର ହୋଇଛନ୍ତି। ତେବେ ସେ ଅତ୍ୟଧିକ ଚାପ ଯୋଗୁ ଏପରି କରିଛନ୍ତି ବୋଲି ମୁଁ ଭାବୁଛି। ଅଶ୍ୱିନ୍ ଏବେ ନିଜ କ୍ରିକେଟ କ୍ୟାରିୟରକୁ ପୁଣିଥରେ ଗଢି ତୋଳିବାକୁ ଚାହୁଁଛନ୍ତି। ଖାସ୍ କରି ହ୍ୱାଇଟ୍ ବଲ୍ କ୍ରିକେଟରେ ସେ ପୁଣି ନିଜର ଦକ୍ଷତା ପ୍ରତିପାଦନ କରିବାକୁ ଚାହୁଁଛନ୍ତି। ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ପାଖାପାଖି ଦୁଇମାସ ରହିଥିବା ବେଳେ ସମୟ ହାତରୁ ଚାଲିଯାଉଥିବା କଥା ସେ ହୃଦୟଙ୍ଗମ କରିଛନ୍ତି। ଅଧିନାୟକ ହିସାବରେ ଦଳ ପାଇଁ ସେ ଅଧିକ କିଛି କରିବାକୁ ଚାହୁଁଛନ୍ତି। ୧୮୫ ରନର ଟାର୍ଗେଟର ପିଛା କରୁଥିବା ପଞ୍ଜାବ ୧୩ ଓଭରରେ ଗୋଟିଏ ଉଇକେଟ ହରାଇ ୧୦୦ ରନ କରିସାରିଥିଲା। ଏତିକି ବେଳେ ଏହି ଅଭାବନୀୟ ଘଟଣା ଘଟିଥିଲା। ବଟଲର ବିବାଦୀୟ ଢଙ୍ଗରେ ଆଉଟ ନ କରିଥିଲେ ରାଜସ୍ଥାନ ବୋଧହୁଏ ବିଜୟୀ ହୋଇଥାନ୍ତା। ଅଶ୍ୱିନଙ୍କ ଏଭଳି ଆଚରଣକୁ ମୁଁ ଆଦୌ ପସନ୍ଦ କରୁନାହିଁ। ଇତିହାସ ଯଦି ଏଥିପାଇଁ ତାଙ୍କୁ ନିନ୍ଦିତ କରେ ତେବେ ଦୁଃଖିତ ହେବି। ସେ ଜଣେ ଉଚ୍ଚକୋଟୀର କ୍ରିକେଟର ଓ ସେ ଆଶାତୀତ ସଫଳତା ମଧ ହାସଲ କରିଛନ୍ତି। ବୁଧବାର ଅଶ୍ୱିନ ଓ ତାଙ୍କ ଦଳ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ। ଉଭୟ କୋଲକାତା ଓ ପଞ୍ଜାବ ବିଜୟରୁ ଏଥର ଆଇପିଏଲ ଅଭିଯାନ ଆରମ୍ଭ କରିଛନ୍ତି। କିନ୍ତୁ କୋଲକାତାର ଆତ୍ମବିଶ୍ୱାସ ଅଧିକ ରହିଛି। କାରଣ କୋଲକାତା ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରିବା ସହ ସନରାଇଜର୍ସ ହାଇଦ୍ରାବାଦକୁ ୨୦୦ରନ ମଧ୍ୟରେ ସୀମିତ ରଖିବାରେ ସଫଳ ହୋଇଥିଲା। ଏବେ କୋଲକାତା ବ୍ୟାଟିଂ ଓ ପଞ୍ଜାବ ବୋଲିଂ ମଧ୍ୟରେ ମୁକାବିଲା ହେବ।

ନୀତୀଶ ରାଣାଙ୍କ ବ୍ୟକ୍ତିଗତ ଜୀବନରେ ବହୁତ କିଛି ପରିବର୍ତ୍ତନ ଆସିଛି। ସେ ଏବେ ବିବାହିତ। ପ୍ରଥମ ମ୍ୟାଚ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ତେବେ ସେ ଚାପରେ କିମ୍ବା ଫେସନ୍‌ରେ ଏଭଳି ଖେଳିଛନ୍ତି ତାହା ଅବଶ୍ୟ ମୁଁ କହିପାରିବି ନାହିଁ। ସେ କିନ୍ତୁ ଭଲ ଆରମ୍ଭ କରିଛନ୍ତି। ଏବେ ସେ ବ୍ୟାଟିଂରେ ସ୍ଥିରତା ବଜାୟ ରଖିବା ଉଚିତ। ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲଙ୍କ ବିଷୟରେ ମୁଁ ବହୁତ ଭଲ କଥା ଶୁଣିଛି। ସେ ପିତାମାତାଙ୍କର ଆଜ୍ଞାଧୀନ ସନ୍ତାନ। ରେଫ୍ରିଜରେଟରରେ ଅନ୍ତଃବସ୍ତ୍ର ରଖୁଥିବା କ୍ରିକେଟରଙ୍କ ଭଳି ସେ ଆଦୌ ଭୟଭୀତ କିମ୍ବା ବ୍ୟଥିତ ନୁହଁନ୍ତି। ତେବେ ୨୦୦୦ ଦଶକରେ ଅବଶ୍ୟ ଆଲମାରୀରେ ଚକୋଲେଟ୍ ଓ କିଛି ସୁଖିଲା ଖାଦ୍ୟ ମୁଁ ପାଇଥିଲି। ଅତ୍ୟଧିକ ଚାପ ଯୋଗୁ ଏଭଳି ହୋଇଥିଲା ଓ କ୍ରିକେଟରମାନେ ଏଭଳି ଆଚରଣ ପ୍ରଦର୍ଶନ କରିଥାନ୍ତି।

*(ଗେମ୍ ପ୍ଲାନ୍)*

SEAGRAM'S
ROYAL STAG
MEGA CRICKET · CRICKET GEAR




# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ଜଗନ୍ନାଥପ୍ରସାଦ,୨୬।୩(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦ ପୋଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି। ସେମାନେ ହେଲେ ଜଗନ୍ନାଥପ୍ରସାଦର ବିନୋଦ ପାତ୍ର, ସାଗର ବେହେରା, ସୀମାଞ୍ଚଳ ସାହୁ, ସୁନୀଲ ଗୌଡ଼, ହରେକୃଷ୍ଣ ସାହୁ। ପ୍ରକାଶ ଯେ, ସୋମବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ କେତେକ ଦୁର୍ବୃତ୍ତଙ୍କ ସହ ମୁହାଁମୁହିଁ ହୋଇଥିଲା। ସେମାନେ ଶୁଣ୍ଡିତୋଟା ଜଙ୍ଗଲକୁ ଦୌଡି ପଳାଇଥିଲେ। ଏନେଇ ପାଟ୍ରୋଲିଂ ଟିମ୍ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଓ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କୁ ଜଣାଇଥିଲେ। ପୋଲିସ ଟିମ୍ ସଦଳବଳ ଚଢାଉ କରି ବିନୋଦ, ସାଗର, ସୀମାଞ୍ଚଳ, ସୁନୀଲ ଓ ହରେକୃଷ୍ଣଙ୍କୁ କାବୁ କରିଥିବାବେଳେ ଅନ୍ୟ ୪ ସେଠାରୁ ଫେରାର ହୋଇଯାଇଥିଲେ। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୫ ବାଇକ୍, ଲଙ୍କାଗୁଣ୍ଡ ପ୍ୟାକେଟ ଓ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା। ଏନେଇ ନଂ.୪୭/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏମାନେ ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି।

# ନଦୀରୁ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ,୨୬।୩(ଡି.ଏନ୍.ଏ.)

ପ୍ରାତଃ ଭ୍ରମଣରେ ଯାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ହିଞ୍ଜିଳିକାଟୁ ଘୋଡ଼ାହାଡ଼ ନଦୀ ଜୟମଙ୍ଗଳ ଆନିକଟରୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ମୃତକ ହେଲେ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ବଇଁଚବଣିଆ ଅଞ୍ଚଳର ଚାରୁଚନ୍ଦ୍ର ପଣ୍ଡା (୬୫)। ଚାରୁଚନ୍ଦ୍ର ପ୍ରତିଦିନ ଭଳି ଜୟମଙ୍ଗଳ ଆନିକଟ ନିକଟକୁ ପ୍ରାତଃଭ୍ରମଣରେ ଯାଇଥିଲେ। ସକାଳ ପ୍ରାୟ ୮ଟାରେ ଆନିକଟରେ ମୃତଦେହ ଭାସୁଥିବା କେତେକ ଲୋକ ଦେଖି ହିଞ୍ଜିଳି ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ନଂ.୧୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ